

ଆୟର୍ଲାଣ୍ଡ ଦିନିକିଆ ସ୍ମୃତି ଅଧିନାୟିକା
ପୃଷ୍ଠା ୭


# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 285 | ଭାଗ ୩୨ | ସଂଖ୍ୟା୨୮୫ | Bhubaneswar | Wednesday 8 January 2025 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୮ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଭୂମିକମ୍ପରେ ଥରିଲା ନେପାଳ

# ୧୦୦ ମୃତ, ୧୩୦ ଆହତ

- ହଜାର ହଜାର କୋଠାବାଡ଼ି ଧ୍ୱସ୍ତ
- ଉତ୍ତର ଭାରତରେ ବି ଅନୁଭୂତ

**କାଠମାଣ୍ଡୁ,୭।୧:** ଆଜି ସକାଳେ ଭୟଙ୍କର ଭୂମିକମ୍ପରେ ନେପାଳ ସୀମାବର୍ତ୍ତୀ ତିବ୍ବତ ଥରିଉଠିଥିଲା। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୧ ରେକର୍ଡ କରାଯାଇଥିବା ବେଳେ ଏଥିରେ ତିବ୍ବତର ଡିଙ୍ଗରି କାଉଣ୍ଟିରେ ୧୦୦ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୧୩୦ ଜଣ ଆହତ ହୋଇଛନ୍ତି। ଏଥିସହ ହଜାରେରୁ ଅଧିକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକ ଚାପି ହୋଇ ରହିଥିବାରୁ ମୃତକ ସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ନେପାଳର ୮୪ କିଲୋମିଟର ଉତ୍ତର-ପଶ୍ଚିମ ଓ ଚୀନ୍‌ର ତିବ୍ବତ ସହ ପାର୍ବତ୍ୟ ସୀମାସ୍ଥିତ ଲୋବୁଚେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ରହିଛି। ଏହି ଭୂମିକମ୍ପର ଗଭୀରତା ୧୦ କିମି ରହିଥିବା ଚୀନ୍ ଭୂମିକମ୍ପ ନେଟୱାର୍କ କେନ୍ଦ୍ର (ସିଇଏନ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ସକାଳ ୬ଟା ୩୫ ମିନିଟ୍ ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବ ପଡ଼ୋଶୀ ନେପାଳ ସହ ଭାରତର ଦିଲ୍ଲୀ, ବିହାର, ଆସାମ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ମଧ୍ୟ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଭାରତର ବିହାର, ସିକ୍କିମ, ଆସାମ ଓ ଉତ୍ତର ପଶ୍ଚିମବଙ୍ଗ ସହ ମୋତିହାରୀ ଓ ସମସ୍ତିପୁର ସମେତ ବିହାରର ଅନେକ ଅଞ୍ଚଳରେ ➾ପୃଷ୍ଠା-୬









# ବସୁଧୈବ କୁଟୁମ୍ବକମ୍








- ଆଜିଠୁ ପ୍ରବାସୀ ଭାରତୀୟ ମହାକୁମ୍ଭ
- ସନ୍ଧ୍ୟାରେ ପହଁଚିବେ ପ୍ରଧାନମନ୍ତ୍ରୀ ମୋଦି
- 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ହେବ ଲୋକାର୍ପଣ
- ୭୦ ରାଷ୍ଟ୍ରର ୪ହଜାରରୁ ଅଧିକ ପ୍ରବାସୀ ସାମିଲ
- ରାଜ୍ୟର କଳା, ସଂସ୍କୃତିର ଝଲକ ଦେଖିବେ ଅତିଥି
- ନବବଧୂ ଭଳି ସଜେଇ ହୋଇଛି ରାଜଧାନୀ

**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ବିଭିନ୍ନ ଦେଶରୁ ପ୍ରବାସୀମାନେ ଓଡ଼ିଶାରେ ପହଞ୍ଚିଥିବା ବେଳେ ଆସନ୍ତାକାଲି ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓଡ଼ିଶା ତଥା ଭାରତକୁ ନେଇ ପ୍ରବାସୀଙ୍କର କଣ ଭିଜନ ରହିଛି ସେନେଇ ହେବ ଆଲୋଚନା। ଆତିଥେୟତାରେ ଯେପରି ତ୍ରୁଟି ନରୁହେ ସେଥିପାଇଁ ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତି କରିଛନ୍ତି। ଏସବୁ ଭିତରେ ଓଡ଼ିଶାର କଳା, ସଂସ୍କୃତିକୁ ପୂରା ବିଶ୍ୱ ➾ପୃଷ୍ଠା-୬

## ପ୍ରବାସୀଙ୍କୁ ଶ୍ରେଷ୍ଠ ଅନୁଭୂତି ଦିଅନ୍ତୁ



**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶା ମାଟିରେ ଯଥୋଚିତ ସମ୍ମାନ ଓ ସ୍ୱାଗତ କରିବା ସହ ସେମାନଙ୍କୁ ଶ୍ରେଷ୍ଠ ଅନୁଭୂତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଅପିଲ୍ କରିଛନ୍ତି। ଆଜି ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆସନ୍ତାକାଲିଠୁ ୧୦ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱର କୋଣଅନୁକୋଣରେ ରହୁଥିବା ଭାରତୀୟ ଓଡ଼ିଶା ଆସୁଛନ୍ତି। ଓଡ଼ିଶାର ସମୃଦ୍ଧ କଳା,ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ପ୍ରବାସୀ ➾ପୃଷ୍ଠା-୬

# ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ

- ଗୋଟିଏ ଦିନରେ ୧୪୮ଜଣ ଓଏଏସ୍ ଅଫିସରଙ୍କ ବଦଳି
- ୬୯ ବ୍ଲକରେ ନୂଆ ବିଡିଓ

**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଆଜି ଏକକାଳୀନ ୧୪୮ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ବଦଳି କରିଛନ୍ତି। ଏଥିରେ ୬୯ଟି ବ୍ଲକରେ ନୂଆ ବିଡିଓଙ୍କୁ ଅବସ୍ଥାପିତ କରିଥିବାବେଳେ ବହୁ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କର ମଧ୍ୟ ବଦଳି ହୋଇଛି। ମଙ୍ଗଳବାର ଏନେଇ ସାଧାରଣ ପ୍ରଶାସନ ବିଭାଗ, ପଂଚାୟତିରାଜ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତି ଜାରି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପୁରୀ ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ କୈଳାସ ଚନ୍ଦ୍ର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ଅନୁଗୁଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ଅଫିସର ହେମନ୍ତ କୁମାର ସିଂଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତୋଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ, ଲଙ୍କେଶ୍ୱର ଅମାତଙ୍କୁ ରାଉରକେଲା ଉନ୍ନୟନ ପ୍ରାଧିକରଣର ସଚିବ, ନବୀନ ଚନ୍ଦ୍ର ନାଏକଙ୍କୁ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ, ଦୌଲତ ଚନ୍ଦ୍ରକାରଙ୍କୁ ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ସଚିବ, ଶୁଭେନ୍ଦ୍ର କୁମାର ସାମଲଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ଲଗ୍ନଜିତ୍ ରାଉତଙ୍କୁ ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରୋଜିନା ପରିଡ଼ାଙ୍କୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ, ଅଜାମ୍ବର ମହାନ୍ତିଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜେନ୍ଦ୍ର ମିଞ୍ଜଙ୍କୁ ଦେବଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶୋକ କୁମାର ଭୋଇଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ମିଶ୍ରଙ୍କୁ ଉତ୍ତରାଂଚଳ ଆରଡିସି କାର୍ଯ୍ୟାଳୟରେ ଅତିରିକ୍ତ ସଚିବ, ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପୁରୀ ଅତିରିକ୍ତ ଜିଲ୍ଲାପାଳ, ମାୟାଧର ବେହେରାଙ୍କୁ ଅନୁଗୁଳ ଉପଜିଲ୍ଲାପାଳ, ଶିବାନନ୍ଦ ସ୍ୱାଇଁଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ, ଦିଲ୍ଲୀପ କୁମାର ମହାରଣାଙ୍କୁ ଭଦ୍ରକ ➾ପୃଷ୍ଠା-୬

# ଆଠଗଡ଼ରେ ଭତ୍ତା ଗଡ଼ବଡ଼



- ରାଜା କହିଛି, ପାକେଲା ଧାନରେ ମଇ ଦେଇଛି
- ବନ୍ଧା ହେବେ କି ନିର୍ଦ୍ଦେଶକ

**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ଆଠଗଡର ବିଜେଡି ବିଧାୟକ ରାଜା ସ୍ୱାଇଁ ଏବେ କାଠଗଡାରେ। ରାଜାଙ୍କ ଅଦୃଶ୍ୟ ନିର୍ଦ୍ଦେଶରେ ଆଠଗଡରେ ଭତ୍ତା ପ୍ରଦାନରେ ହୋଇଛି ବଡ ଧରଣର ଗଡବଡ। ରାଜା କହିଛି, ପାକେଲା ଧାନରେ ମଇ ଦେଇଛି ଭଳି-ବାବୁମାନେ ଆଖିବୁଜା ଭତ୍ତା ବାଣ୍ଟିଛନ୍ତି। ଏବେ ବାବୁ ପାର୍ ମାରିଥିବାବେଳେ ନିର୍ଦ୍ଦେଶକ ବନ୍ଧା ହେବେ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ।

ଆଠଗଡର ଭତ୍ତା ଗଡବଡ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ବିଜେପି ନେତା ଅଭୟ ବାରିକ। ତାଙ୍କ ସୂଚନା ସୂଚନା ଅନୁଯାୟୀ ଆଠଗଡରେ କିଭଳି ଭେଣ୍ଡିଆମାନେ ବାର୍ଦ୍ଧକ୍ୟ ଭତ୍ତା ଓ ସଧବାମାନେ ବିଧବା ଭତ୍ତା ହାତେଇଛନ୍ତି ତାହାର ପ୍ରମାଣ ଏବେ ସମସ୍ତଙ୍କ ଆଗରେ। ଆଠଗଡ ବ୍ଲକ କମାରପୁର ପଞ୍ଚାୟତର ଏହି ଗଡବର ପ୍ରାରମ୍ଭିକ ସୂଚନା ମିଳିଛି। ସାରା ନିର୍ବାଚନ ମଣ୍ଡଳୀରେ ଏଭଳି ଅନେକ ମିଛ ବୁଢ଼ା ଓ ମିଛ ବିଧବା ରହିଛନ୍ତି। ଅଳ୍ପଦିନ ତଳେ କେନ୍ଦ୍ରାପଡା ଜିଲ୍ଲାର ଏଭଳି ଘଟଣା ପଦାକୁ ଆସିବାପରେ ସେଠାରେ ଭତ୍ତାଧାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ସହିତ କେତେକ ଜେଲ୍‌ରେ ଅଛନ୍ତି। ଆଠଗଡରେ ପ୍ରଶାସନ କ'ଣସବୁ ପଦକ୍ଷେପ ନେଉଛନ୍ତି ତାହାକୁ ଏବେ ଅପେକ୍ଷା। ଆଠଗଡର ଭତ୍ତା କେଲେଙ୍କାରୀ ସହିତ ବିଧାୟକ ରାଜା ସ୍ୱାଇଁଙ୍କୁ ଯୋଡିବାର କାରଣ ହେଲା ଗୋଟିଏ ମାତ୍ର ପଞ୍ଚାୟତରେ ଏକାଧିକ ମାମଲା ନଜରକୁ ଆସିଛି। ➾ପୃଷ୍ଠା-୬

## ଏଚ୍‌ଏମ୍‌ପିଭିର ମୁକାବିଲା ପାଇଁ ଦେଶ ପ୍ରସ୍ତୁତ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଭାରତରେ ପାଦ ଥାପିସାରିଛି ଚାଇନାର ଘାତକ ଭୂତାଣୁ। କାଲି କର୍ଣ୍ଣାଟକ, ଗୁଜରାଟ, ତାମିଲନାଡୁ ପରେ ଆଜି ମହାରାଷ୍ଟ୍ରର ଭାଇରସ ଚିହ୍ନଟ ହୋଇଛି। ଆସନ୍ତାକାଲିଠାରୁ ଓଡିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଥିବାରୁ ସଂକ୍ରମଣର ଭୟ ବଢୁଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଦେଶର ବିଭିନ୍ନ ସହରରେ ଏଚ୍‌ଏମ୍‌ପି ➾ପୃଷ୍ଠା-୬

## ଇନକମ ଟ୍ୟାକ୍ସ ପରେ ଘାଣ୍ଟିବ ଇଡି

# ଅଡୁଆରେ ହଂସୀତାଙ୍କ ପଲିଟିକାଲ ଗଡଫାଦର



**ଭୁବନେଶ୍ୱର, ୭।୧ (ସଂଚାର ବ୍ୟୁରୋ):** ଆୟକର ଫାଙ୍କି ସେ ସାଜିଥିଲେ ଠକ ସର୍ଦ୍ଦାର।ନଗଦ ଟଙ୍କା ଦେଇ ବିନା ଋଣରେ କିଣୁଥିଲେ ୪ କୋଟିର ଗାଡି। ବୟଫ୍ରେଣ୍ଡଙ୍କୁ ଦେଉଥିଲେ ଗ୍ରାଣ୍ଡ ଗିଫ୍ଟ। ଅୟସ ଆରାମ ପାଇଁ ୪ ଟି ଆପାର୍ଟମେଣ୍ଟ କିଣି ଥିବା ଏହି ବଣ୍ଟି ଔର ବବଲି ନର୍ଲାରୁ ଦିଲ୍ଲୀ ଓ ପରେ ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ବିଛାଇଥିଲେ ମହାଠକେଇର ମାୟାଜାଲ। ଅତି ଚତୁରତାର ସହ କୋଟି କୋଟି ଟଙ୍କାର ଚୁନା ଲଗାଉଥିଲେ। ନିଜକୁ ପତି-ପତ୍ନୀର ପରିଚୟ ଦେବା ସହ ଚଳାଇଥିଲେ ସାଂଘାତିକ ରାକେଟ୍ ଓ ଠୁଳ କରିଥିଲେ କୋଟି କୋଟି ଟଙ୍କା। ରାଜଧାନୀର ଛାତି ଉପରେ ଅତି ଚତୁରତାର ସହ ଦୀର୍ଘ ଦିନ ହେଲା ରାକେଟ ଚଳାଇଥିବା ବଣ୍ଟି- ବବଲି ଯୋଡ଼ିଙ୍କୁ ଏବେ ଘାଣ୍ଟିବା ଆରମ୍ଭ କରିଛି ଆୟକର ବିଭାଗ। ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ଘର ସମେତ ➾ପୃଷ୍ଠା-୬



## କାନ ଡେରିଥା

ତଣ୍ଟିକଣ୍ଟା ହୋଇ
ଲାଗିଛି ହଂସୀକା
ପୋଲିସ ପାଉନି ବାଟ
ତଦନ୍ତରେ ଯେତେ
ଭିତରକୁ ଯାଏ
ଦେଖେ ନୂଆ ନୂଆ ବାଟ

# ଖୁବଶୀଘ୍ର ସରକାର ଓ ପ୍ରଶାସନର ନବେକଳବର

**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ଉଭୟ ସରକାର ଓ ପ୍ରଶାସନରେ ନବକଳେବର ଦେଖିବାକୁ ମିଳିବ। ଉତ୍କର୍ଷ ଓଡିଶା ଆୟୋଜନ ସରିବା ପରେ ପରେ ରାଜ୍ୟରେ ଏଭଳି ପରିବର୍ତ୍ତନ ହେବାକୁ ଯାଉଥିବାର ଆଭାସ ମିଳିଛି। ଏଥିରେ ରାଜ୍ୟବାସୀ ଅତି କମ୍‌ରେ ନୂଆ ମନ୍ତ୍ରୀଙ୍କ ମୁହଁ ସମେତ କିଛି ନୂଆ ଅଫିସରଙ୍କୁ ଦେଖିବେ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଖାଲିପଡିଥିବା ଛଅଟି ପଦବୀରେ ନୂଆ ମନ୍ତ୍ରୀମାନଙ୍କୁ ସାମିଲ ପାଇଁ ଆଲୋଚନା ଆରମ୍ଭ ହୋଇଛି। ଏଥି ସହିତ କିଛି ମନ୍ତ୍ରୀଙ୍କ ବିଭାଗରେ ମଧ୍ୟ ଅଦଳ ବଦଳ ହୋଇପାରେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଆଉ କିଛି ମନ୍ତ୍ରୀଙ୍କ ନିକଟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି।




- ନୂଆ ମନ୍ତ୍ରୀ ଓ ନୂଆ ବାବୁଙ୍କୁ ଦେଖିବାକୁ ମିଳିବ
- ଉତ୍କର୍ଷ ଓଡ଼ିଶା ପରକୁ ଅପେକ୍ଷା

ତେଣୁ ମନ୍ତ୍ରୀଙ୍କ ବୋଝ ହାଲୁକା ପାଇଁ ସେମାନଙ୍କ ହାତକୁ କିଛି ବିଭାଗକୁ କାଢି ନୂଆ ମନ୍ତ୍ରୀଙ୍କୁ ଦିଆଯାଇପାରେ। ସେହିଭଳି ସାତମାସନର ଶାସନରେ ମନ୍ତ୍ରୀଙ୍କ ମାନଙ୍କ କାର୍ଯ୍ୟଦକ୍ଷତାକୁ ମଧ୍ୟ ଆକଳନ କରାଯାଇଥିବା ସୂଚନା ମିଳିଛି। ତେଣୁ ମନ୍ତ୍ରୀଙ୍କ ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଦାୟିତ୍ୱ ହ୍ରାସ କିମ୍ବା ବୃଦ୍ଧି କରାଯାଇପାରେ। ଏପରିକି କିଛି ମନ୍ତ୍ରୀ ଯଦି ବାଦ୍ ପଡନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କୁହାଯାଉଛି। ସେହିଭଳି ମୋହନଙ୍କ ମନ୍ତ୍ରୀମଣ୍ଡଳରେ ବର୍ତ୍ତମାନ ମାତ୍ର ଜଣେ ମହିଳା ପ୍ରଭାତୀ ପରିଡା ଉପମୁଖ୍ୟମନ୍ତ୍ରୀ ପଦରେ ଥିବାରୁ ଅତି କମରେ ଆଉ ଜଣେ ମହିଳାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଏଥି ସହିତ ଯେଉଁସବୁ ଜିଲ୍ଲା ମନ୍ତ୍ରୀ ତାଲିକାରୁ ବାଦ୍ ପଡିଛନ୍ତି ସେମାନଙ୍କ କଥା ଅଗ୍ରାଧିକାର ଭାବେ ବିଚାରକୁ ନିଆଯିବ ବୋଲି ସୂଚନା ମିଳିଛି।

ମନ୍ତ୍ରିମଣ୍ଡଳ ସହିତ ପ୍ରଶାସନରେ ମଧ୍ୟ ବଡ ଧରଣର ଅଦଳ ବଦଳ ହେବାର ଆଭାସ ମିଳୁଛି। ଉତ୍କର୍ଷ ଓଡିଶା ଆୟୋଜନ ପରେ ଅତି କମ୍‌ରେ ତିନି ଜଣ ବରିଷ୍ଠ ଅଧିକାରୀ କେନ୍ଦ୍ରକୁ ଯିବାର ଅଛି। ➾ପୃଷ୍ଠା-୬

# ବିପୁଳ ମଦ ଜବତ, ୯ ଗିରଫ

**କେନ୍ଦ୍ରାପଡା, ୭।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧ୍ୟକ୍ଷକ, ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ତ୍ୱାବଧାନରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅବକାରୀ ଉପ ନିରିକ୍ଷକ,ଧର୍ମପଦ ଦାସ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢାଉ କରି ୨୫୦ ଲିଟର ଚୋରା ଦେଶୀ, ବିଦେଶୀ ଓ ନକଲି ବିଦେଶୀ ମଦସହିତ ୧ ମହିଳା ସମତେ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ହରିଡାଦଣ୍ଡା ଗ୍ରାମର ଶିଶିର କୁମାର ବାରିକ (୪୦) ଏବଂ ମନୋଜ କୁମାର ବାରିକ(୩୩), ବଡମୋହନପୁର ଗ୍ରାମର ଲିପୁନ ମଲିକ(୨୩),ମାଟିଆପଡା ଗ୍ରାମର ନନ୍ଦିତା ନାଥ (୩୫), ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତ(୪୨), ସୁକାନ୍ତ ସେଠୀ,(୩୭), ମାହାଙ୍ଗା ଗ୍ରାମର ହିମାଂଶୁ ଶେଖର ବେହେରା, (୩୪), ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରା(୪୮) ଓ ଅଙ୍କୁର ଭୋଇ (୫୬) ବର୍ଷ ବୟସ ହୋଇଥିବା ବେଳେ ଏମାନଙ୍କୁ ମଙ୍ଗଳବାର ଦିନ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।



# ଚୋରା ବାଲିରେ ନିର୍ମାଣ ହେଉଛି ଜାତୀୟ ରାଜପଥ

**କେନ୍ଦ୍ରାପଡା, ୭।୧ (ସଂଚାର ବ୍ୟୁରୋ) :** ଚୋରା ବାଲିରେ ନିର୍ମାଣ ହେଉଛି ପାରାଦୀପ ଚଣ୍ଡିଖୋଲ ଜାତୀୟ ରାଜପଥ। ସ୍ଥାନୀୟ ନଦୀରୁ ବାଲି ଆଣି ଠିକାଦାର ଲାଭବାନ ହେଉଥିବା ବେଳେ ବାଲି ମାଫିଆ ମଧ୍ୟ ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ବିକ୍ରି କରିବା ସହିତ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଉଛନ୍ତି । ଯାହା ଫଳରେ ସରକାରୀ ରାଜ୍ୱସ ହାନି ହେଉଥିବା ବେଳେ ସ୍ଥାନୀୟ ଲୋକେ କ୍ଷତି ସହୁଛନ୍ତି । ଏଭଳି ଅଭିଯୋଗ କରିଛି ଜିଲ୍ଲା ମାଟି - ବାଲି - ପାଣି ସୁରକ୍ଷା ମଞ୍ଚ ।

କେନ୍ଦ୍ରାପଡା ଜିଲ୍ଲାରେ ୭ ନଦୀ ଓ ୨୭ ଉପନଦୀରେ ବାଲି ମହଜୁଦ ଥିଲା ବେଳେ ସୈରାତ ନିଲାମ ଅଭାବରୁ ଗୋଟିଏ ସ୍ଥାନକୁ ଛାଡି ଦେଲେ ଅନ୍ୟ କୌଣସି ସ୍ଥାନରେ ବାଲି ଉଠାଣକୁ ନିଷେଧାଜ୍ଞା ବଳବତ୍ତର ଅଛି । କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ତରଫରୁ ମାଟି ବାଲି ପାଣି ସୁରକ୍ଷାମଞ୍ଚ ଗତ ନଭେମ୍ବର ମାସରେ ବିନା ମୂଲ୍ୟରେ ଟ୍ରାକ୍ଟରରେ ବାଲି ଉଠାଇବା ପାଇଁ ଜିଲ୍ଲାପାଳଙ୍କୁ ଅନୁମତି ମାଗିଥିଲା । ପରେ ଡିସେମ୍ବର ୨ ତାରିଖ ଜନଶୁଣାଣୀରେ ବାଲି ସତ୍ୟାଗ୍ରହ ଅନୁମତି ମାଗିବାରୁ କେନ୍ଦ୍ରାପଡା ଜିଲ୍ଲାପାଳ, କେନ୍ଦ୍ରାପଡା ଜିଲ୍ଲା ଖଣି ଅଧିକାରୀଙ୍କ ନିକଟକୁ ସବିଶେଷ ନିର୍ଦ୍ଦେଶ ପାଇଁ ତଦନ୍ତ ଦେଇଥିଲେ । ପରେ ସ୍ଥାନୀୟ ପୋଲସ ଓ ମାଇନିଂ ଅଧିକାରୀ ଓ ଦାନପୁର ସରପଞ୍ଚଙ୍କ ଉପସ୍ଥତିରେ ଆଲୋଚନା ହୋଇ ସୈରାତ ନିଲାମ ନ ହେଲା ପର୍ଯ୍ୟନ୍ତ କୌଣସି ସ୍ଥାନରୁ ମେସିନ ଲଗାଇ ବାଲି ନ ଉଠାଇବା ପାଇଁ ନିଷ୍ପତ୍ତି ହୋଇଥିଲା । ଆଜି ପର୍ଯ୍ୟନ୍ତ ଖଣି ଅଧିକାରୀ ତଦନ୍ତ ରିପୋର୍ଟ ଦାଖଲ କରିନାହାଁନ୍ତି । ସାଧାରଣ ଲୋକଟିଏ ଗୋଟିଏ ଟ୍ରାକ୍ଟର ବାଲି ମାଗିଲେ ରୟାଲିଟି ବାବଦକୁ ବାଲି ମାଫିଆ ମାନେ ୭୦୦ ରୁ ୧୦୦୦ ଟଙ୍କା ଜୋର ଜବରଦସ୍ତ ଆଦାୟ କରୁଛନ୍ତି । ପ୍ରତିବାଦ କଲେ ଗାଡି ଚଢାଇ ମାରିଦେବା ଓ ବନ୍ଧୁକର ଧମକ ଦିଆଯାଉଛି। ଗୋଟିଏ ଟ୍ରାକ୍ଟର ବାଲି ଘରେ ପହଞ୍ଚିଲା ବେଳକୁ ୩୦୦୦ ଟଙ୍କା ଖର୍ଚ୍ଚ ହେଉଛି ବୋଲି ଅଭିଯୋଗ ହୋଇଛି ।

**ଏନ୍‌ଏଚ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ନାମରେ ଏତଲା ଅନୁମତି ପାଇଁ ଜିଲ୍ଲାପାଳଙ୍କୁ ଦାବି**

ପ୍ରକାଶ ଥାଉକି ଗତ ବର୍ଷ ଜାନୁଆରୀ ମାସରେ କେନ୍ଦ୍ରାପଡାରେ ଜାତୀୟ ରାଜପଥ ମାଟିରେ ତିଆରି ହେଉଥିବା ବେଳେ, ଏହି ମଂଚ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଗତ ମାର୍ଚ୍ଚ ମାସ ୧୭ ତାରିଖରେ ଅଭିଯୋଗ କରିଥିଲା । ତତ୍କାଳୀନ ଜିଲ୍ଲାପାଳଙ୍କ ଜିପସମ ଓ ଫ୍ଲାଇୟାସରେ ରାସ୍ତା ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଓ ତାହା ମଧ୍ୟ ହୋଇଥିଲା। ବର୍ତ୍ତମାନ ସେ ଆଦେଶକୁ ଉଲଙ୍ଘନ କରାଯାଇ ବାଲିରେ ରାସ୍ତା ନିର୍ମାଣ କରାଯାଉଛି। ଅପର ପକ୍ଷରେ ୩/୪ ଦିନ ହେବ ଲୁଣା, କରାଣ୍ଡିଆ, ବ୍ରାହ୍ମଣୀ, ଚିତ୍ରୋପ୍ତଲା, ବିରୁପା ନଦୀରୁ ୪୦ରୁ ଉର୍ଦ୍ଧ୍ୱ ବଡ ବଡ ମେସିନ ଦ୍ୱାରା ୨୦ଫୁଟ ପର୍ଯ୍ୟନ୍ତ ବାଲି ତାଡ଼ି ଜାତୀୟ ରାଜପଥରେ ଲଗାଉଛନ୍ତି। ଆସନ୍ତା ଜାନୁଆରୀ ୭ ତାରିଖ ସୁଦ୍ଧା ଯଦି ଚୋରି ବାଲିରେ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ନ ହୁଏ, ତେବେ କେନ୍ଦ୍ରାପଡା, ମାର୍ଶାଘାଇ ଓ ଡେରାବିଶ ଥାନାରେ ଜାତୀୟ ରାଜପଥ ଅଧିକାରୀଙ୍କ ନାମରେ ବାଲି ଚୋରି ମାମଲା ଦାଏର ହେବ ବୋଲି ମାଟି ବାଲି ପାଣି ସୁରକ୍ଷା ମଞ୍ଚ ଚେତାବନୀ ଦେବା ସହ ତୁରନ୍ତ ଏଥିପାଇଁ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଚାଷୀଙ୍କୁ ମିଳିଲା ଟୋକନ ମେସେଜ୍

**କେନ୍ଦ୍ରାପଡ଼ା, ୭।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଧାନକିଣାକୁ ଆଉ ୩ଦିନ ବାକି ଥିବା ବେଳେ ଜିଲ୍ଲାର ଅନେକ ଚାଷୀଙ୍କୁ ଟୋକନ ମେସେଜ ଆସିସାରିଛି । କିନ୍ତୁ ମେସେଜରେ ଉଲ୍ଲେଖି ଥିବା ଧାନ ଗ୍ରହଣର ପରିମାଣକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯଦି ସରକାର କମ୍ ପରିମାଣର ଧାନକୁ କିଣିବେ ତାହାହେଲେ ବାକି ଧାନକୁ କାହାକୁ ବିକ୍ରି କରିବୁ ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି ।

ଗତ ବର୍ଷ ଯେଉଁ ପରିମାଣର ଟୋକନ ଆସିଥିଲା, ଚଳିତ ବର୍ଷ ୪୦ରୁ ୫୦ପ୍ରତିଶତ କମ୍ ପରିମାଣର ଧାନ ବିକ୍ରି କରିବା ପାଇଁ ଟୋକନ ମିଳିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଯେଉଁ ଚାଷୀ ୫୦ କ୍ୱିଣ୍ଟାଲ ଧାନ ବିକ୍ରି କରୁଥିଲା, ତାଙ୍କ ପାଖକୁ ଏବର୍ଷ ୨୫ରୁ ୩୦ କୁଇଣ୍ଟାଲ ମଧ୍ଯରେ ଧାନ ବିକ୍ରି କରିବାକୁ ଟୋକନ ମିଳିଥିବା ଜଣାପଡ଼ିଛି। ଜିଲ୍ଲାରେ ୪୪ହଜାର ୧୬ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ଟୋକନ ପରିମାଣ ହ୍ରାସ ଚାଷୀଙ୍କ ପାଇଁ ଚିନ୍ତା କାରଣ ପାଲଟିଛି। ଚାଷୀ ଲଗାଣ ବର୍ଷାରେ ବ୍ୟାପକ କ୍ଷତି ସହିବା ବେଳେ ଏବେ ମଣ୍ଡି ବିଳମ୍ବ ସହ ଟୋକନ ପରିମାଣ କମାଇ ଦିଆଯିବା ପରିତାପର ବିଷୟ ବୋଲି ଚାଷୀମାନେ ମତ ରଖୁଛନ୍ତି।



**୧୦ରେ ଧାନକିଣା, ବିକ୍ରି ପରିମାଣ କମିବା ନେଇ ଅସନ୍ତୋଷ**

**୩୧୦୦ ପରିବର୍ତ୍ତେ ୧୮୦୦ରେ ବିକ୍ରି କରୁଛି ଚାଷୀ**

ଦଲାଲ ଚାଷୀଙ୍କ ଠାରୁ ୧୮୦୦ ଟଙ୍କାରେ ଧାନ କିଣୁଥିବା ବେଳେ ସରକାରୀ ଦର ୩୧୦୦ ଟଙ୍କା ରହିଛି। ମଣ୍ଡିରେ ଟୋକନ ପରିମାଣ କମିବା ଦ୍ୱାରା ଚାଷୀ କ୍ୱିଣ୍ଟାଲ ପିଛା ୧୨୦୦ ଟଙ୍କା କ୍ଷତି ସହିବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଜିଲ୍ଲାରୁ ଅନେକ ପରିମାଣ ଧାନକୁ ଦଲାଲମାନେ କମ୍ ମୂଲ୍ୟରେ କିଣି ଆନ୍ଧ୍ର ଏବଂ ପଶ୍ଚିମବଙ୍ଗ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ମିଲରଙ୍କ ସହ ଦଲାଲ ସହଭାଗିତାରେ ଏଭଳି କାରବାର ଚାଲିଛି। କେନ୍ଦ୍ରାପଡା ଜିଲ୍ଲାରୁ ୧୮୦୦ ଟଙ୍କାରେ ଧାନ କିଣି ଦଲାଲମାନେ ଏହାକୁ ମିଲରଙ୍କୁ ୨୫୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ, ଦୁହୁରିଆ ସ୍ଥିତ ଜମଧର ନିୟନ୍ତ୍ରିତ ବଜାର କମିଟି ଧାନ ଚାଲାଣ ରୋକିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ଚାଷୀ ବ୍ୟାପକ ପରିମାଣର କ୍ଷତିଗ୍ରସ୍ତ ହେଉଥିବା ଦେଖାଯାଇଛି।

## ଉତ୍ତମ ଚାଷୀ ଓ ପ୍ରତିଯୋଗିତାରେ ୨ ଛାତ୍ରୀ ରାଜ୍ୟ ସ୍ତରରେ ସମ୍ମାନିତ

**କେନ୍ଦ୍ରାପଡା, ୭।୧ (ସଂଚାର ବ୍ୟୁରୋ):** ରାଜ୍ୟ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନର ଉଦ୍‌ଯାପନୀ ଉତ୍ସବ ରେ ଜିଲ୍ଲାର ଉତମ ଚାଷୀ ଭାବେ ରବିନ୍ଦ୍ର କୁମାର ଦାସ ଓ ପ୍ରବନ୍ଧ ପ୍ରତିଯୋଗିତା ରେ ସରସ୍ୱତୀ ଶିଶୁ ମନ୍ଦିର ର କୁମାରୀ ବେଦତ୍ରୟୀ ପ୍ରଧାନ ଓ ବକ୍ତୃତା ପ୍ରତିଯୋଗିତା ରେ ସେଣ୍ଟ ଜାଭିୟର ସ୍କୁଲର ପ୍ରାଚୀ ପ୍ରିୟଦର୍ଶିନୀ ରାଉତ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝି, ବିଭାଗୀୟ ସଚିବ ଅନୁ ବର୍ଗ, କୃଷି ସଚିବ ଅରବିନ୍ଦ ପାଢୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀଙ୍କ ଉପସ୍ଥିତିରେ ଉତମ ଚାଷୀ ଓ ଏହି ଛାତ୍ରୀ ମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ସହ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ମଲିକ ଓ ଗୌରାଶିଷ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଅସହାୟ ପରିବାରକୁ ବ୍ୟାସ ଫାଉଣ୍ଡେସନ ତରଫରୁ ସହାୟତା

**ମହାକାଳପଡ଼ା, ୭।୧ (ସଂଚାର ବ୍ୟୁରୋ):** ଅସହାୟ ସତ୍ୟଭାମା ରାଉତ ଓ ତାଙ୍କ ଭିନ୍ନକ୍ଷମ ଝିଅ ଲକ୍ଷ୍ମିପ୍ରିୟା ରାଉତଙ୍କୁ ବ୍ୟାସ ଫାଉଣ୍ଡେସନ ତରଫରୁ ସହୟତା ଯୋଗାଇ ଦିଆଯାଇଛି। ଦୁଇ ମାସର ରାସନ୍ ସାମଗ୍ରୀ ସହିତ ପାଞ୍ଚ ହଜାର ଟଙ୍କା ଫାଉଣ୍ଡେସନ ତରଫରୁ ପ୍ରଦାନ କରିଛନ୍ତି ସଦସ୍ୟମାନେ। ଗତକାଲି "ଲୁହରେ ଭିଜୁଛି ସତ୍ୟଭାମାଙ୍କ ସଂସାର" ଶୀର୍ଷକ ଖବର ସଂଚାର ରେ ପ୍ରକାଶିତ ହେବା ଫାଉଣ୍ଡେସନ ତରଫରୁ ସହୟତା ଯୋଗାଇ ଦେବାକୁ ଯୋଜନା କରିଥିଲେ। ଫାଉଣ୍ଡେସନ ସଭାପତି ସଂଯୁକ୍ତା ଖଟୁଆ ଙ୍କ ନେତୃତ୍ୱରେ ସଦସ୍ୟମାନେ ପରିବାର ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହିତ ସହାୟତା ଯୋଗାଇ ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା ରାଉତ(୭୦ ବର୍ଷ) ଓ ତାଙ୍କ ୪୦ ବର୍ଷୀୟା ଶାରୀରିକ ଓ ମାନସିକ ଭିନ୍ନକ୍ଷମ ଝିଅ ଲକ୍ଷ୍ମିପ୍ରିୟା ରାଉତ ଅଭାବ ଅନଟନ ଭିତରେ ଯନ୍ତ୍ରଣାଦାୟକ ଜୀବନ କାଟୁଛନ୍ତି । ଭଙ୍ଗା ଦଦରା କୁଡ଼ିଆରେ ଦୁଇ ପ୍ରାଣୀ କୁଟୁମ୍ବ ଭୟଭୀତ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସତ୍ୟଭାମାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଅପହଞ୍ଚ ହୋଇ ରହିଛି। ପାଗଳି ଝିଅ ଲକ୍ଷ୍ମିପ୍ରିୟା ର ଆଙ୍ଗୁଠି ଛାପ ନ ଦେଇ ହେବାରୁ ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ହୋଇ ପାରି ନାହିଁ। ଯାହା ଫଳରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ୍ କାର୍ଡ ରୁ ଚାଉଳ ମିଳୁନି। ସତ୍ୟଭାମାଙ୍କ ନାମରେ କେବଳ ମାସକୁ ମିଳୁଛି ୫ କିଲୋ ଚାଉଳ। ଏହି ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କେମିତି କରିବେ ସେନେଇ ଚିନ୍ତାରେ ଅଛନ୍ତି ସତ୍ୟଭାମା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଛନ୍ତି ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ। ଏନେଇ



ସଂଚାର ପ୍ରଭାବ

## ମହାକାଳପଡ଼ାରେ ୭ ମଣ୍ଡଳ ସଭାପତି ଚୟନ



**ମହାକାଳପଡ଼ା, ୭।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ୭ ଜଣ ବିଜେପି ଯୁବନେତା ଙ୍କୁ ମଣ୍ଡଳ ସଭାପତି ଭାବରେ ଦାୟିତ୍ୱ ମିଳିଛି। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଙ୍କ ପ୍ରତିନିଧିତ୍ୱରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତୀୟ ଜନତା ପାର୍ଟି ଗତ ସେପ୍ଟେମ୍ବର ମାସରୁ ସାଙ୍ଗଠନିକ ସ୍ତରରେ ଦଳୀୟ ସଭ୍ୟ ସଂଗ୍ରହ ଦ୍ୱାରା ପ୍ରାୟ ୯୦ ହଜାରରୁ ଉର୍ଦ୍ଧ୍ୱ ସଭ୍ୟ ସଂଗ୍ରହ କରିଛି ମହାକାଳପଡା ନିର୍ବାଚନ ମଣ୍ଡଳୀରେ। ବର୍ତ୍ତମାନ ସାଙ୍ଗଠନିକ ସ୍ତରରେ ବୁଥ ସଭାପତି ନିର୍ବାଚନ ପରେ ବିଧାୟକ ଶ୍ରୀ ନାୟକ ସାତ ଗୋଟି ମଣ୍ଡଳ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ଓ ନେତୃମଣ୍ଡଳୀ ମାନଙ୍କ ସହିତ ଆଲୋଚନା କରି ଯୁବନେତା ମାନଙ୍କୁ ଦଳ ତରଫରୁ ନିଯୁକ୍ତି କରାଯାଇଛି। ଏହି କ୍ରମରେ ଗୋବରୀ ମଣ୍ଡଳ(୧୯) ପାଇଁ ମାନସ ରଞ୍ଜନ ମହାନ୍ତି, ମହାକାଳପଡା ମଣ୍ଡଳ (୨୦) ର ସୌବଲ୍ୟ ବହାଲିଆ, ମହାନଦୀ ମଣ୍ଡଳ(୨୧) ପାଇଁ ପ୍ରଦୀପ ବେହେରା, ଜମ୍ବୁ ମଣ୍ଡଳ(୨୨) ପାଇଁ ପବିତ୍ର ଚୌଧୁରୀ, ରାମଚଣ୍ଡୀ ମଣ୍ଡଳ(୨୩) ପାଇଁ ତ୍ରିଲୋଚନ ରାଉତ, ମାର୍ଶାଘାଇ ସଦର (୨୫) ପାଇଁ ରଶ୍ମି ରଞ୍ଜନ ରାଉତରାୟ, ଚିତ୍ରୋତ୍ପଳା ମଣ୍ଡଳ(୨୬) ପାଇଁ ହୀରନ୍ୟ ମହାପାତ୍ରଙ୍କୁ ମଣ୍ଡଳ ସଭାପତି ରୂପେ ନିଯୁକ୍ତ କରାଯାଇଛି। ସାଙ୍ଗଠନିକ ସ୍ତରରେ ଏହି ନୂତନ ନିଯୁକ୍ତି ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ସହାୟକ ହେବ ବୋଲି ଦଳ ତରଫରୁ ପ୍ରକାଶ କରାଯାଇଛି। ନୂତନ ନିଯୁକ୍ତି ପରେ ମଣ୍ଡଳ ସଭାପତି ମାନେ ବିଧାୟକ ଶ୍ରୀ ନାୟକ, କେନ୍ଦ୍ରାପଡା ର ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପାଳପାଟଣା ରାମଚଣ୍ଡୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ପଟ୍ଟାମୁଣ୍ଡାଇ, ୭।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଶିକ୍ଷା ବିଭାଗ ସର୍କଲ ଅଧିନ ପାଳପାଟଣା ରାମଚଣ୍ଡୀ ନୋଡ଼ାଲ ହାଇସ୍କୁଲ୍ ବିଦ୍ୟାଳୟ ପରିସରରେ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଥିରେ ନେଇ ,ଏହି ବିଦ୍ୟାଳୟର ୧୯୯୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ସାହୁ ବନ୍ଧୁମିଳନ ଉତ୍ସବର ସଭାପତିତ୍ୱ ଦାୟିତ୍ୱ ନିର୍ବାହ କରିଥିବା ବେଳେ, ଉପସ୍ଥିତ ବରଣ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସଭିଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଆଲୋକପାତ କରିବା ସହିତ ସମାଜର ମଙ୍ଗଳ ଦିଗରେ ନିଜକୁ କେମିତି ସମର୍ପିତ କରି ପାରିବା ସେଦିଗରେ ଭାବ ଆଦାନ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ରମେଶ ସାହୁ,ଶ୍ରୀକାନ୍ତ ମହାନ୍ତି,ସୁବ୍ରତ ପ୍ରଧାନ,ଅଜିତ ବାଇ,ସଞ୍ଜୟ ମହାନ୍ତି,ଗୌତମ ଦାସ,ନିଶି ରଞ୍ଜନ ଦାସ,ନାରାୟଣ ସେଠୀ, ଶଙ୍କର୍ଷଣ ଦାସ, ନଳୀନ ପ୍ରଭା ରାଉତ,ଗୀତାଞ୍ଜଳି ପଣ୍ଡା, ମିନତୀ ନାୟକ,ଜୟଶ୍ରୀ ବେହେରା ଓ ମମତା ସାହୁ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ବେଳେ ସେହିପରି ଶିକ୍ଷକ ଶଶିକାନ୍ତ ଦାସ,ଗଣେଶ ପ୍ରସାଦ ମହାନ୍ତି,ବିଜୟ ସାହୁ, ପତିତପାବନ ପଣ୍ଡା, ସ୍ଥାନୀୟ ମାଇନର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ଦାଶ, ବଂଶୀଧର ଦାଶ ସହିତ ବରିଷ୍ଠ କିରାଣୀ ପ୍ରସନ୍ନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ସମାଜ କଲ୍ୟାଣକାରି ବିଷୟ ଉପରେ ନାନା ଆଲୋଚନା କରିଥିଲେ।

# ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ନିଜ ଜନ୍ମଦାତ୍ରୀ ମା' ଓ ମାତୃସ୍ୱରୂପା ବିଦ୍ୟାଳୟ ପ୍ରତି ସଯତ୍ନବାନ ହେବା ଆମର ଦାୟିତ୍ୱ**

**ରାଜନଗର, ୭।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଗତକାଲି ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ବିଶିଷ୍ଟ ଅର୍ଥନୈତିଜ୍ଞ ପ୍ରଫେସର ଡଃ. କୁମରବର ଦାସ ଯୋଗଦେଇ ନିଜର ଜନ୍ମଦାତ୍ରୀ ମାଆ ଓ ମାତୃସ୍ୱରୂପା ବିଦ୍ୟାଳୟ ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିବା ସହିତ ଏଥିପ୍ରତି ସଯତ୍ନବାନ ହୋଇ ପାରିଲେ ଗୋଟିଏ ସୁସ୍ଥ ସମାଜ ଗଠନ ହୋଇପାରିବ ଏବଂ ସାମାଜିକ ଶୃଙ୍ଖଳାରେ ମାତୃଜାତିର ଉଲ୍ଲେଖନୀୟ ଭୂମିକା ରହିଥିବାରୁ ଆଜିର ମାଆମାନେ ଶିଶୁଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ପାଇଁ ପରାମର୍ଶ ଦେଇଥିଲେ।



ସମ୍ମାନୀୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ସୁବର୍ଣ୍ଣଜୟନ୍ତୀ ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟର ଅତୀତ ସ୍ମୃତିକୁ ସାଉଁଟିବା ସହିତ ଭବିଷ୍ୟତ ଛାତ୍ର ଛାତ୍ରୀଙ୍କ ପାଇଁ ଅନନ୍ୟ ପରମ୍ପରାର ବାର୍ତ୍ତା ବହନ କରିବ ବୋଲି କହିଥିଲେ। ପୁରାତନ ଛାତ୍ର ଅପୂର୍ବ ମିଳନ ରାଉତ ଅତିଥି ପରିଚୟ ପ୍ରଦାନ, ପ୍ରାକ୍ତନ ଛାତ୍ରୀ ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରାକ୍ତନ କମିଟିର ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଚଢ଼ା ଦରରେ ବିକ୍ରି ହେଉଛି ବିଦେଶୀ ମଦ

**କେନ୍ଦ୍ରାପଡା/ଗରଦପୁର, ୭।୧ (ସଂଚାର ବ୍ୟୁରୋ):** ଗରଦପୁର ଏବଂ ମାର୍ଶାଘାଇ ଅଞ୍ଚଳର ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚଢ଼ାଦରରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବିଲ୍ ମାଗିଲେ ମଦ ଦୋକାନ କର୍ମଚାରୀମାନେ ଦୁର୍ବ୍ୟବହାର କରୁଛନ୍ତି। ଯାହାକୁ ନେଇ ଅନେକ ମଦ ଦୋକାନ ସମ୍ମୁଖରେ ପାଟିତୁଣ୍ଡ ହେଉଥିବା ଦେଖାଯାଉଛି। ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନଜାଣିବା ପରି ନିରବ ରହୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଗ୍ରାହକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି ମଦ ଦୋକାନ କର୍ମଚାରୀ । ନମ୍ବର ୱାନ୍ ହୁସ୍କି ନିବ (୧୮୦ ମିଲିଲିଟର)ର ଦାମ୍ ୧୮୦ ଟଙ୍କା ହୋଇଥିବା ବେଳେ ଦୋକାନର କର୍ମଚାରୀ ୨ଶହ ଟଙ୍କା ବିକ୍ରି କରୁଛନ୍ତି। ସେହିପରି ରୟାଲ୍ ଗ୍ରୀନ୍ ନିବ୍ ବୋତଲରେ ୨୦୦ ଟଙ୍କା ଦର ଲେଖା ଯାଇଥିବା ବେଳେ ୨୨୦ଟଙ୍କା ନିଆଯାଉଛି। ବିୟର କାଚ ବୋତଲ ପିଛା ୧୫୦ ଟଙ୍କା ପରିବର୍ତ୍ତେ ୧୭୦ ଟଙ୍କା, କେନ୍ ବିୟର୍ ୧୨୦ ଟଙ୍କା ପରିବର୍ତ୍ତେ ୧୩୦ ଟଙ୍କାରେ ବିକ୍ରି ହେଉଛି। ବୋତଲରେ ସମ୍ପୃକ୍ତ ମଦର ଦର ପ୍ରିଣ୍ଟ୍ ହୋଇ ଆସୁଥିବାବେଳେ କର୍ମଚାରୀମାନେ ତାହାକୁ ଚିରି ଦେଉଛନ୍ତି ନଚେତ୍ ଉପରେ କାଳୀ ମାରି ଦେଉଛନ୍ତି। ପ୍ରତ୍ୟେକ ମଦ ବୋତଲରେ ନିର୍ଦ୍ଧାରିତ ଦରଠାରୁ ୨୦ରୁ ୫୦ ଟଙ୍କା ଲେଖାଏଁ ଅଧିକ ଟଙ୍କା ନେଉଛନ୍ତି ଦୋକାନୀ। କେହି ଏ ନେଇ ମୁହଁ ଖୋଲିଲେ କିମ୍ବା ବିଲ୍ ମାଗିଲେ କର୍ମଚାରୀମାନେ ଦୁର୍ବ୍ୟବହାର କରିବା ସହ ନାଲି ଆଖି ଦେଖାଉଛନ୍ତି। 'ଇଚ୍ଛା ହେଲେ ନିଅ, ନହେଲେ ଏଠାରୁ ଯାଅ...' ବୋଲି ରୋକଠୋକ୍ କହୁଛନ୍ତି। ଅନେକ ସେମାନେ ଦାବି କରୁଥିବା ଟଙ୍କା ବଢ଼ାଇ ଚୁପ୍‌ଚାପ୍ ପଳାଉଥିବା ବେଳେ ଆଉ କିଛି ବିରୋଧ କରୁଛନ୍ତି। ଏହାକୁ ନେଇ ଅନେକ ସମୟରେ ମଦ ଦୋକାନ ସମ୍ମୁଖରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହେଉଥିବା ଦେଖିବାକୁ ମିଳିଥାଏ । କିଛିଦିନ ପୂର୍ବେ ଗରଦପୁର ବ୍ଲକ୍ ନୂଆପଡ଼ା ସ୍ଥିତ ମଦ ଦୋକାନ ସମ୍ମୁଖରେ କେତେକ ଯୁବକ ଚଢ଼ା ଦରକୁ ବିରୋଧ କରିବାରୁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଧିବାସୀ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ନିୟମ ଅନୁଯାୟୀ, ବୋତଲରେ ପ୍ରିଣ୍ଟ ଦରଠାରୁ ଗୋଟିଏ ଟଙ୍କା ଅଧିକ ନିଆଯାଇପାରିବନି। କିନ୍ତୁ ପ୍ରତି ବୋତଲ ପିଛା ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦର ନେଉଛନ୍ତି ଦୋକାନର କର୍ମଚାରୀ। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଗୁପ୍ତଭାବେ ଯାଞ୍ଚ କରାଯାଉନି କି ଦୋକାନୀଙ୍କୁ ତାଗିଦ୍ କରାଯାଉନି ବୋତଲରୁ ଲିଭାଇ ଦେଉଛନ୍ତି ଦର ।



**ଜିଲ୍ଲା ଅବକାରୀ ବିଭାଗ ଜାଣି ଅଜଣା**

**ବିଲ୍ ମାଗିଲେ ଦୁର୍ବ୍ୟବହାର କରୁଛନ୍ତି**

**ପୂର୍ବ ଦରକୁ ବୋତଲରୁ ଲିଭାଇ ଦେଇଛନ୍ତି**

ବିଭାଗର ଅଧିକାରୀଙ୍କ ସହ ସଲାସୁତୁରାରେ ଦୋକାନୀ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ଅବକାରୀ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଫେବୃଆରୀ ୧୯ ଓ ୨୦ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**କେନ୍ଦ୍ରାପଡା, ୭।୧ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ପାଇଁ ମଙ୍ଗଳବାର ଦିନ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ।

ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଏହି ଅବସରରେ କହିଥିଲେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ । ଚଳିତ ଜାନୁଆରୀ ମାସ ୨୮ ତାରିଖରୁ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ଆରମ୍ଭ ହୋଇ ଫେବୃୟାରୀ ମାସ ୧୩ ତାରିଖରେ ଏହାର ସମାପ୍ତ କରିବାକୁ ସ୍ଥିର ହୋଇଅଛି । ଅଧିକରୁ ଅଧିକ ଯୁବକ ଯୁବତୀ ଏହି ଶିବିରରେ ଅଂଶଗ୍ରହଣ କରି କିପରି ଜୀବନ ଧାରଣ ମାନରେ ଉନ୍ନତି ଆଣି ପାରିବେ ସେ ଦିଗରେ ନିଷ୍ଠାପର ଉଦ୍ୟମ କରିବାକୁ ସମସ୍ତ ବ୍ଲକ୍‌ର ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଫେବୃୟାରୀ ୧୯ ଓ ୨୦ ତାରିଖରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ । ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ଅଧିକରୁ ଅଧିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେବେ ବୋଲି କହିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ।



ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର ପାଇଁ ପ୍ରସ୍ତୁତି ବୈଠକ

# ଜାତୀୟ ରାଜପଥରେ ମାତିଛନ୍ତି ତେଲ ଲୁଟେରା

**● ଟ୍ୟାଙ୍କରରୁ କାଢୁଛନ୍ତି ତେଲ ● ଦଲାଲ୍ ଓ ଡ୍ରାଇଭରଙ୍କ ମଧୁଚନ୍ଦ୍ରିକା ● ସନ୍ଦେହରେ ପୁଲିସର ଭୂମିକା**

**କେନ୍ଦ୍ରାପଡ଼ା/ମାର୍ଶାଘାଇ, ୭।୧ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥରେ ଏବେ ତେଲ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ଦିନ ଦ୍ୱିପ୍ରହରରେ ପୋଲିସ ଆଖିରେ ଧୂଳି ଦେଇ ହଜାର ହଜାର ଲିଟର ପେଟ୍ରୋଲ ଓ ଡିଜେଲ୍ ଚୋରି ହେଉଛି। ଜାତୀୟ ରାଜପଥରେ ଟ୍ୟାଙ୍କର ଅଟକାଯାଇ ପେଟ୍ରୋଲ ଓ ଡିଜେଲ୍ ଚୋରି କରାଯାଉଛି। ଏହି ଚୋରିରେ ଏକ ସ୍ୱତନ୍ତ୍ର ରାକେଟ କାମ କରୁଛି। ଏହି ରାକେଟରେ ସ୍ଥାନୀୟ ଅଞ୍ଚଳର କିଛି ଦଲାଲ୍ ଓ ତେଲ ଟ୍ୟାଙ୍କରର ଡ୍ରାଇଭର ଲିପ୍ତ ଅଛନ୍ତି। ଏହି ଚୋରା ତେଲ ରାକେଟ ବଢ଼ିବା ପରେ ମାର୍ଶାଘାଇ ପୋଲିସର ଚିନ୍ତା ବଢ଼ିଛି। କିଛି ଦିନ ଏହି କାର୍ଯ୍ୟକ୍ରମରେ ଲଗାମ ଲାଗିଥିଲା ହେଲେ ପୁଣି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି।

ଜାତୀୟ ରାଜପଥରୁ ଚୋରି ହେଉଥିବା ତେଲ ବିଭିନ୍ନ ଅଞ୍ଚଳକୁ ଯାଉଛି। ସେହି ସ୍ଥାନରେ ମଧ୍ୟ ଚୋରା ତେଲକୁ କମ୍ ଦାମ୍ ରେ ଖୁଲମଖୁଲା ବିକ୍ରି କରାଯାଉଛି। ଚୋରା ତେଲକୁ ଖୁଲମଖୁଲା ଟାଙ୍କି ଠାରୁ ୧୦ ଟଙ୍କା କମ୍ ଦାମ୍ ରେ ଗ୍ରାହକଙ୍କୁ ବିକ୍ରି କରାଯାଉଥିବାରୁ ଲୋକଙ୍କ ଗହଳି ଲାଗୁଛି। ଏହି ଚୋରି ହେବା ଫଳରେ ତେଲ ଦାମ୍ ବଢୁଥିବା ନେଇ ସ୍ଥାନୀୟ ଲୋକେ କହୁଛନ୍ତି। ଚଣ୍ଡିଖୋଲ ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ମଙ୍ଗଳାଛକ, ବଡପାଳ ଗୋଡ଼ା,ବଉଦ ଛକ,ଯଦୁପୁର ଛକରେ ଦିନ ଦ୍ୱିପ୍ରହରରେ ବେଆଇନ ଚୋରା ତେଲ ବେପାର ଜମୁଛି। ପାରାଦ୍ୱୀପରେ ଥିବା ତିନୋଟି କମ୍ପାନୀରୁ ପ୍ରତ୍ୟେକ ଦିନ ଶହ ଶହ ତୈଳ ବୋଝେଇ ଟ୍ୟାଙ୍କର ଜାତୀୟ ରାଜପଥରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ତେଲ ଯୋଗାଣ ହେଉଛି। ଏସବୁ ତେଲ ଟ୍ୟାଙ୍କରର ଡ୍ରାଇଭର ନିଜର ଖର୍ଚ୍ଚ ଯଥା ପକେଟ୍ ଗରମ ପାଇଁ ପ୍ରତ୍ୟେକ ଦିନ ଅସାଧୁ ତେଲ ମାଫିଆ ମାନଙ୍କ ସହ ହାତ ମିଳାଇ ବେଧଡକ ଭାବେ ତେଲ ଚୋରି କରାଉଛନ୍ତି। ଯଦି ଏହି କାର୍ଯ୍ୟକୁ କେହି ବିରୋଧ କରୁଛନ୍ତି, ସେମାନଙ୍କୁ ତେଲ ମାଫିଆ ଧମକ ଓ ଗାଳିଗୁଲଜ କରୁଛନ୍ତି। କେହି ମୋବାଇଲରେ ଏହି ଦୃଶ୍ୟ ସୁଟିଂ କରୁଛନ୍ତି ତ, ତାଙ୍କ ଫୋନ୍ ଛଡ଼ାଇ ନେବା ସହ ମାଡ଼ ମରାଯାଉଥିବା କିଛି ବ୍ୟକ୍ତି ନିଜର ନାମ ଗୋପନ ରଖି ଜଣାଇଛନ୍ତି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ପୋଲିସ ନିୟମିତ ପେଟ୍ରୋଲିଂ କରି ଚୋରା ତେଲ ଚାଲାଣ ରାକେଟକୁ ଧରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଥିବା ବେଳେ ସ୍ଥାନୀୟ ପୋଲିସ୍ ର ନିରବତା କୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି ।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ରାଜନଗର, ୭।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରିଣୀ ରୂପାଲି ପ୍ରୀୟଦର୍ଶିନୀ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୨୩୨ଜଣ, ଶ୍ରବଣ ବାଧିତରେ ୪୦, ମାନସିକ ଅନଗ୍ରସରରେ ୬୫, ଦୃଷ୍ଟିବାଧିତରେ ୫୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ ମୋଟ ୩୮୭ଜଣ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କ ନାମ ପଞ୍ଜିକରଣ କରି ପରୀକ୍ଷା କରାଇଥିଲେ। ଏହି ଶିବିରରେ କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ବି.କେ.ଦାଶ, ଡାଃ. ବିଜୟ କୁମାର ଦାଶ, ଡାଃ. ସଚ୍ଚିଦାନନ୍ଦ ନାୟକ, ଡାଃ.ଏସ.ଏସ.ବିଶ୍ୱାଳ, ଡାଃ. ଭବତୋଷ ଘୋଷ ପ୍ରମୁଖ ପରୀକ୍ଷା କରିଥିଲେ।

# ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

## ସମ୍ମୋହିତ ହେବେ ପ୍ରବାସୀ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୭।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଏକାମ୍ର କାନନସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ପକ୍ଷରୁ ମିଳିତ ଭାବେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀ ଆଜି ଉଦ୍‌ଘାଟିତ ହୋଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ବୁଧବାରଠାରୁ ଏଠାରେ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ବିଭିନ୍ନ ଦେଶର ପ୍ରତିନିଧିମାନେ ବୁଲି ସ୍ୱତନ୍ତ୍ର ଅନୁଭୂତି ହାସଲ କରିବେ। ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହ ଆମ ପୁଷ୍ପବିତାନ ଏବଂ ତା'ର ଚିତ୍ତାକର୍ଷକ ରୂପରଙ୍ଗ ଦର୍ଶନ କରି ପ୍ରବାସୀ ଭାରତୀୟମାନେ ସମ୍ମୋହିତ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଷ୍ପ ଚେତନା ଏକ ନୈସର୍ଗିକ ଉପଲବ୍ଧି ଏବଂ ଏହା ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କଳଙ୍କ ବିହୀନ ସ୍ୱଚ୍ଛ ହୃଦୟ ଏବଂ ଶାନ୍ତି ଓ ବିଶ୍ୱାସର ପ୍ରତୀକ ହେଉଛି ଫୁଲ। ଈଶ୍ୱରଙ୍କ ସବୁଠୁ କୋମଳ ଏବଂ ପବିତ୍ର ସର୍ଜନା ରୂପେ ଏହା ସୃଷ୍ଟିର ଅୟମାରମ୍ଭରୁ ଏଯାବତ ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର ଆକର୍ଷଣ ଏବଂ ଗୁରୁତ୍ୱ ବଜାୟ ରଖିଛି। ଆଜିର ପ୍ରଦର୍ଶନୀର ସାଜସଜା ଓ ସୁନ୍ଦର ପରିବେଶ ଅତ୍ୟନ୍ତ ମନମୁଗ୍ଧକର। ଆଜି ଏଠାରେ ନୂତନ ଗେଟ ପରିସର, ବହୁ ରଙ୍ଗୀ ଉଦ୍ୟାନ ଓ କ୍ୟାକଟସ ହାଉସର ଶୁଭ ଉଦଘାଟନ ହୋଇଛି। ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ ପ୍ରାନ୍ତରୁ ସତୁରୀରୁ ଉର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦାନ କରିଛନ୍ତି। ଏହା ବ୍ୟତୀତ କଟ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍କିଡ ମଧ୍ୟ ପ୍ରଦର୍ଶିତ ହୋଇଛି। ଅନେକ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡିଶୀ, ଛଉ, ସମ୍ବଲପୁରୀ ଓ ପାଇକ ନୃତ୍ୟର ଆକର୍ଷଣୀୟ ଆୟୋଜନ କରାଯାଇଛି। ଏହି ଅବସରରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ୨୦୨୪-୨୫ ବର୍ଷର ବାର୍ଷିକ ଗବେଷଣା ରିପୋର୍ଟ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ପକ୍ଷରୁ ପ୍ରକାଶିତ 'ସବୁଜିମା' ପତ୍ରିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ନନ୍ଦନକାନନକୁ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନରେ ପରିଣତ କରିବା ସକାଶେ ସଂକଳ୍ପବଦ୍ଧ ଉଦ୍ୟମ ଜାରି ରଖିବା ସକାଶେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ୬୫ ବର୍ଷର ନନ୍ଦନକାନନ ପ୍ରାଣୀ ଉଦ୍ୟାନ' ଇତିମଧ୍ୟରେ ଏକ ସୁନାମଧନ୍ୟ ପ୍ରାଣୀ ଉଦ୍ୟାନରେ ପରିଗଣିତ ହେବା ସହ ଭାରତର ପ୍ରଥମ ପ୍ରାଣୀ ଉଦ୍ୟାନ ଭାବେ 'ବିଶ୍ୱ ପ୍ରାଣୀ ଉଦ୍ୟାନ ଓ ମତ୍ସ୍ୟାଗାର ସଂଘ'ର ସଦସ୍ୟ ହୋଇପାରିଛି। 'କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ'ର ସମସ୍ତ ନିୟମ ପାଳନ କରି ନନ୍ଦନକାନନ ଆଜି ବନ୍ୟଜନ୍ତୁ ସଂରକ୍ଷଣ, ଶିକ୍ଷା ସଚେତନତା ଓ ବନ୍ୟପ୍ରାଣୀ ଗବେଷଣାରେ ଦେଶର ପ୍ରାଣୀ ଉଦ୍ୟାନ ମାନଙ୍କ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଇତିମଧ୍ୟରେ ନନ୍ଦନକାନନ ପରିସର ୧୦୪୩.୩୨ ହେକ୍ଟରକୁ ବୃଦ୍ଧି ପାଇଛି। ୨୦୨୩ରେ ଅନୁମୋଦିତ ହୋଇଥିବା ମହାଯୋଜନାକୁ ଅନୁକରଣ କରାଯାଇ ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବାର କାର୍ଯ୍ୟଧାରା ଜାରି ରହିଛି। ନନ୍ଦନକାନନର ବିବିଧତାକୁ ବଢାଇବା ପାଇଁ ୫ଟି ପ୍ରାଣୀ ଉଦ୍ୟାନ ସହ ଜନ୍ତୁ ବିନିମୟ କାର୍ଯ୍ୟକ୍ରମକୁ ସଫଳତାର ସହ କାଯ୍ୟକାରୀ କରାଯାଇ ଜିରାଫ୍, ହିମାଳୟ ଗ୍ରିଫନ୍ ଶାଗୁଣା, ହାଡଗିଳା, ମହାବଳ ବାଘ, କଳାଲୋମଯୁକ୍ତ ବାଘ, ସାରସ ପକ୍ଷୀ, ମାଳୟ ଅଜଗର ଭଳି ଏକାଧିକ ଜନ୍ତୁ ଅଧିଗ୍ରହଣ କରାଯାଇଛି। ଏହାଛଡ଼ା ନନ୍ଦନକାନନର ପୃଷ୍ଠପୋଷକଙ୍କ ଜରିଆରେ କଟନ ଟପ୍ ତାମାରିନ୍, ସିଆମାଙ୍ଗ, ସାଧାରଣ ମାର୍ମୋସେଟ୍, ଜୋଓଫ୍ରେ ମାର୍ମୋସେଟ୍ ପାଇପାରିଛୁ ଯାହା ଆମ ବନ୍ୟଜନ୍ତୁ ସଂଗ୍ରହକୁ ଆହୁରି ସମୃଦ୍ଧ କରିଛି। ବର୍ତ୍ତମାନ ଭାରତୀୟ ପ୍ରାଣୀ ଉଦ୍ୟାନ ମଧ୍ୟରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ସର୍ବବୃହତ ପ୍ରାଣୀ ସଂଗ୍ରହ (୧୭୩ ପ୍ରଜାତିର ୩୯୭୩ ଜୀବଜନ୍ତୁ) କରିପାରିଛି।

## ଟ୍ୱିନ୍ ସିଟି କ୍ରାଇମ୍

### ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଏୟାରପୋର୍ଟ ଥାନା ପୁଲିସ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା୫ ରିଖ ଦିନ ମଧ୍ୟାହ୍ନ ୧୨.୩୦ ସମୟରେ ପୀଡ଼ିତ ସୌମ୍ୟ ରଞ୍ଜନ ସାହୁ ଏବଂ ସିଦ୍ଧାର୍ଥ ରଞ୍ଜନ ସାହୁ ଉଭୟ ମିଶି ଝାରପୋଖରୀ ଯାଇଥିବା ବେଳେ, ମନଟୁ ସାମଲ ନାମକ ଜଣେ ଯୁବକ କୌଣସି ଏକ ବିଷୟରେ ଆଲୋଚନା କରିବା ଲାଗି ସିଦ୍ଧାର୍ଥ ରଞ୍ଜନ ସାହୁଙ୍କୁ ନିକଟସ୍ଥ କ୍ଲବକୁ ସାଙ୍ଗରେ ଯିବା ଲାଗି କହିଥିଲେ। ସିଦ୍ଧାର୍ଥ ତାଙ୍କ କଥାରେ ରାଜି ନହେବାରୁ ମନଟୁ ତାଙ୍କୁ ମାଡ଼ ମାରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ମନଟୁ ଉଭୟଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ସେ ସ୍ଥାନ ଛାଡି ଦୌଡି ପଳାଇ ଯାଇଥିଲେ। ସେହିଦିନ ୦୨.୧୫ ସମୟରେ ଉଭୟ ସୌମ୍ୟ ରଞ୍ଜନ ଏବଂ ସିଦ୍ଧାର୍ଥ ଝାରପୋଖରୀରୁ ସ୍କୁଟି ଯୋଗେ ଘରକୁ ଯିବା ଲାଗି ବାହାରିଥିବା ବେଳେ, ଅଭିଯୁକ୍ତ ମନଟୁ ସାମଲ, ଅଭିଯୁକ୍ତ ପିତୁନା ଓରଫ ବିରେନ୍ଦ୍ର ଭୋଇ ଏବଂ ତାଙ୍କର ଅନ୍ୟ ଚାରି ସହଯୋଗୀ ଏକ କାର ଓ ଏକ ମୋଟରସାଇକେଲ ଯୋଗେ ସେଠାରେ ପହଞ୍ଚି ଉଭୟଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇଥିଲେ। ପରେ ସେମାନେ ସାଙ୍ଗରେ ଆଣିଥିବା ଖଣ୍ଡା ଏବଂ ଛୁରୀ ସାହାଯ୍ୟରେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଘଟଣା ସ୍ଥଳ ଛାଡି ଖସି ପଳାଇଯାଇଥିଲେ।

### ଟାଟା ଏସିରେ ମୋଟରସାଇକେଲକୁ ଧକ୍କା ଚାଳକ ମୃତ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀ ଲିତା ସେଠୀଙ୍କ ଏତଲା ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଗତ ତା ୫ରିଖ ଦିନ ସନ୍ଧ୍ୟା ୦୫.୩୦ ସମୟରେ ନିଜ ମୋଟରସାଇକେଲରେ କଳିଙ୍ଗ ଷ୍ଟୁଡିଓ ଛକରୁ ଘରକୁ ଫେରିବା ବେଳେ, ବିପୁଲ ଗାର୍ଡେନ ନିକଟରେ ଅଭିଯୁକ୍ତ ରବୀନ୍ଦ୍ର ବଳବନ୍ତରାୟ ଟାଟା ଏସି ନାମକ ଏକ ଚାରିଚକିଆ ଯାନ ବେପରୁଆ ତଥା ଦ୍ରୁତ ଗତିରେ ଚାଳନା କରି ଆଣିବା ସହିତ ତାଙ୍କ ମୋଟରସାଇକେଲକୁ ସମ୍ମୁଖ ଭାଗରୁ ଖୁବ ଜୋରସେ ଧକା ଦେଇଥିଲେ। ଏହି ଦୁର୍ଘଟଣାରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ, ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ।

### ବାଇକ୍‌ରେ ଆସି ସ୍ତ୍ରୀଙ୍କ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ରାମାକାନ୍ତ ସ୍ୱାଇଁଙ୍କ ଏତଲା ଆଧାରରେ ଖଣ୍ଡଗିରୀ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ତାଙ୍କ ପତ୍ନୀ ଗତ ତା ୫ରିଖ ରାତ୍ରି ୦୮.୦୦ ସମୟରେ ପାତ୍ରପଡା ଠାରେ ଥିବା ଏକ ରେଷ୍ଟୁରାଣ୍ଟରେ ରାତ୍ରିଭୋଜନ ସାରି କାର ଯୋଗେ ଘରକୁ ଫେରିବା ବେଳେ, ରାସ୍ତାରେ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଏକ ମୋଟରସାଇକେଲରେ ଆସି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାହାର ଛିଣ୍ଡାଇ ନେଇ ଘଟଣା ସ୍ଥଳରୁ ଦ୍ରୁତବେଗରେ ଖସି ପଳାଇ ଯାଇଥିଲେ। ଅଭିଯୋଗକାରୀ ଉଭୟ ଅଭିଯୁକ୍ତଙ୍କର ପିଛା କରିଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାରେ ବିଫଳ ହୋଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଜଣେ ଅଭିଯୁକ୍ତଙ୍କୁ ଖଣ୍ଡଗିରୀ ପାହାଡ ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

### ପୂର୍ବ ଶତ୍ରୁତାରୁ କୋଦାଳରେ ଆକ୍ରମଣ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଶୁଭସଙ୍କେତ ମନ୍ତ୍ରୀଙ୍କ ଏତଲା ଆଧାରରେ ମୈତ୍ରୀବିହାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ମୈତ୍ରୀବିହାର ଥାନା ଅନ୍ତର୍ଗତ ନୀଳମାଧବ ନିବାସରେ ରୁହନ୍ତି। ସେ ଗତ ତା୬ରିଖି ସନ୍ଧ୍ୟାରେ ଘରକୁ ଫେରିବା ବେଳେ, ଏମଆଇଜି-୧ ପଡିଆ ନିକଟରେ ଅଭିଯୁକ୍ତ ଜଣକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଏକ କୋଦାଳ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିବା ସହିତ ଥାନାରେ ଅଭିଯୋଗ କଲେ ସେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ଏହି ଆକ୍ରମଣ ଫଳରେ ଅଭିଯୋଗକାରୀ ଜଣକ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ।

### ଟଙ୍କା ନଦେବାରୁ କାଠଫାଳିଆରେ ଆକ୍ରମଣ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ପ୍ରତୀକ କୁମାର ଜେନାଙ୍କ ଏତଲା ଆଧାରରେ ମୈତ୍ରୀବିହାର ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରରେ ରୁହନ୍ତି। ସେ ଗତ ତା.୦୩.୦୧.୨୦୨୫ ରିଖ ମଧ୍ୟାହ୍ନରେ ନିଜ ମୋଟରସାଇକେଲ ଯୋଗେ ଘରକୁ ଫେରିବା ବେଳେ, ଆଦିବାସୀ ଗାଁ ନିକଟରେ ନିମ୍ନୋକ୍ତ ଅଭିଯୁକ୍ତ ଏବଂ ତାଙ୍କର ସହଯୋଗୀ ମାନେ ତାଙ୍କୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇ ଟଙ୍କା ମାଗିଥିଲେ। ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଅଭିଯୁକ୍ତ ଟଙ୍କଲୁ ହଠାତ ଏକ କାଠ ଫାଳିଆ ଆଣି ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ଅଭିଯୋଗକାରୀ ଗୁରୁତର ଆହତ ହୋଇ ଘଟଣା ସ୍ଥଳରେ ଅଚେତ ହୋଇଯାଇଥିଲେ।

## ରାଜ୍ୟ ସଂଗ୍ରହାଳୟରେ ୯ଟି ନୂଆ ଗ୍ୟାଲେରୀ ଉଦ୍‌ଘାଟିତ



**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଆଜି ୯ଟି ନୂତନ ଗ୍ୟାଲେରୀ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗ୍ୟାଲେରୀଗୁଡ଼ିକର ଉଦଘାଟନ କରିଛନ୍ତି। ଏହି ଗ୍ୟାଲେରୀଗୁଡ଼ିକ ପ୍ରାଗ-ଐତିହାସିକ ଗ୍ୟାଲେରୀ, ରାଜକୀୟ ଓ ହାତୀଦାନ୍ତ ଗ୍ୟାଲେରୀ, ପ୍ରାଣୀ ବିଜ୍ଞାନ ଗ୍ୟାଲେରୀ, ଖଣି ଓ ଭୂ-ତତ୍ତ୍ୱ ଗ୍ୟାଲେରୀ, କଣ୍ଢେଇ ଗ୍ୟାଲେରୀ, ମୁଖା ଗ୍ୟାଲେରୀ, ଜନଜାତି ଗ୍ୟାଲେରୀ, ହସ୍ତତନ୍ତ ଗ୍ୟାଲେରୀ ଓ ପରିଚୟ କକ୍ଷ ଆଦି। ମୁଖ୍ୟମନ୍ତ୍ରୀ ଏହି ୯ଟି ଗ୍ୟାଲେରୀ ବୁଲି ଦେଖିବା ସହ ରାଜ୍ୟ ସଂଗ୍ରହାଳୟରେ ନବନିର୍ମିତ ତାଳଚିତ୍ରରେ ରାମାୟଣ ପ୍ରଦର୍ଶନୀ କକ୍ଷ ଓ ଭୂତଳ କଳା ସାମଗ୍ରୀ ପ୍ରଦର୍ଶନୀକୁ ମଧ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଇତିହାସର ସଂଗ୍ରହାଳୟ ଓ ଆମ ଅସ୍ମିତାର ଅନ୍ୟ ଏକ ପରିଚୟ। ଆଜି ଉଦଘାଟିତ ଗ୍ୟାଲେରୀଗୁଡ଼ିକରେ ସ୍ଥାନ ପାଇଥିବା ବିଭିନ୍ନ କଳାକୃତି ଅତ୍ୟନ୍ତ ଆକର୍ଷଣୀୟ ଓ ବିରଳ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ହେଉଛି ଆମ ଓଡ଼ିଶା ଇତିହାସ ଓ ଭୂଗୋଳର ବଳିଷ୍ଠ ସଂରକ୍ଷିତ ସମ୍ପତ୍ତି। ଏହାର ସାମଗ୍ରିକ ବିକାଶ ଓ ଉନ୍ନୟନ ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଂଗ୍ରହାଳୟରେ ଉଦଘାଟିତ ଗ୍ୟାଲେରୀଗୁଡ଼ିକରେ ଓଡ଼ିଶାର ଇତିହାସ, ଭୂଗୋଳ, ଖଣିଜ ସମ୍ପଦ, କଳା, ସଂସ୍କୃତି, ସ୍ଥାପତ୍ୟ, ଐତିହ୍ୟ ଓ ବିବିଧତା ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଖଣି ଓ ଭୂ-ତତ୍ତ୍ୱ ଗ୍ୟାଲେରୀରେ ଓଡ଼ିଶାର ଖଣିଜ ସମ୍ପଦ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିବା ବେଳେ ପ୍ରାଣୀ ବିଜ୍ଞାନ ଗ୍ୟାଲେରୀରେ ଓଡ଼ିଶାର ବନ ସମ୍ପଦ, ହ୍ରଦ, ପଶୁ, ପକ୍ଷୀ ଆଦିକୁ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ସଂଗ୍ରହାଳୟକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ପ୍ରାଣୀ ବିଜ୍ଞାନ ଗ୍ୟାଲେରୀରେ ସ୍ଥାନିତ ହୋଇଥିବା କ୍ୟୁ-ଆର କୋଡ୍‌କୁ ମଧ୍ୟ ସ୍କାନ କରି ବିଭିନ୍ନ ତଥ୍ୟ ଜାଣି ପାରିବେ। ସେହିପରି ଭାବେ କଣ୍ଢେଇ ଗ୍ୟାଲେରୀରେ କାଠି କଣ୍ଢେଇ, ସଖୀ କଣ୍ଢେଇ, ସୂତା କଣ୍ଢେଇ, ଛାୟା କଣ୍ଢେଇ ଆଦିକୁ ପ୍ରଦର୍ଶିତ କରାଯାଇଥିବା ବେଳେ ଜନଜାତି ଗ୍ୟାଲେରୀରେ ଜନଜାତି ସମ୍ପ୍ରଦାୟର ଜୀବନ ଶୈଳୀ, ପର୍ବପର୍ବାଣୀ ଓ ସମୃଦ୍ଧ ଇତିହାସ ସମ୍ବନ୍ଧରେ ବିବରଣୀ ପ୍ରଦାନ କରାଯାଇଛି। ହସ୍ତତନ୍ତ ଗ୍ୟାଲେରୀରେ ଓଡ଼ିଶାର ହସ୍ତତନ୍ତ ଓ ବୟନ ଶିଳ୍ପକୁ ଅତି ନିଖୁଣ ଓ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। କାର୍ଯ୍ୟକ୍ରମରେ ୪ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ପିଟିଲା ଟ୍ରଲର୍: ଜଣେ ଗୁରୁତର

ବାଲେଶ୍ୱର,୭।୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ରାଜଘାଟ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଟ୍ରଲର୍ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତି ଜଣଙ୍କ ଟ୍ରଲର ଡ୍ରାଇଭର ବୋଲି ଜଣାପଡ଼ିଛି। ସେ କ୍ୟାବିନରେ ଚାପି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଭୋର ସମୟରେ ରାଜଘାଟ ନିକଟରେ ଏକ ଟ୍ରକ୍ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିଲା। ତେବେ ପଶ୍ଚିମବଙ୍ଗ ପଟୁ ବାଲେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଟ୍ରଲର ଉକ୍ତ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରଲରର କ୍ୟାବିନ୍ ଚାପି ହୋଇଯାଇଥିଲା। ଫଳରେ ଟ୍ରଲର୍ ଡ୍ରାଇଭର ଦୀର୍ଘ ସମୟ କ୍ୟାବିନରେ ଚାପି ହୋଇ ରହିଯାଇଥିଲେ।

## ଏମକେସିଜିରେ ଅଗ୍ନିକାଣ୍ଡ



ବ୍ରହ୍ମପୁର,୭।୧ (ସଂଚାର ବ୍ୟୁରୋ) ବ୍ରହ୍ମପୁର ଏମକେସିଜି ପୁରୁଣା ମେଡିକାଲ ବିଲ୍ଡିଂରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ମେଡ଼ିକାଲର ମେଡିସିନ୍ ୱାର୍ଡର ତୃତୀୟ ମହଲାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତୃତୀୟ ମହଲାରେ ରହିଥିବା ସେମିନାର ହଲରେ ନିଆଁ ଲାଗିବା ଫଳରେ ପ୍ରବଳ ଧୂଆଁ ବାହାରିଥିଲା। ଏହାକୁ ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ତେବେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ଆହତ ହୋଇ ନାହାନ୍ତି। ଏସି ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଜଣାପଡିଥିଲା।

## ପ୍ରଦୂଷଣ ବଳୟରେ ଖୋର୍ଦ୍ଧା



ଖୋର୍ଦ୍ଧା,୭।୧ (ସଂଚାର ବ୍ୟୁରୋ): ଖୋର୍ଦ୍ଧାରେ ଥିବା ସତାଧିକ କ୍ରସର ଶିଳ୍ପାନୁଷ୍ଠାନରୁ ହେଉଥିବା ପ୍ରଦୂଷଣକୁ ନେଇ ଏବେ ଚିନ୍ତାରେ ସହର ବାସିନ୍ଦା। କ୍ରସରରୁ ବାହାରୁଥିବା ଧୂଳି ରାସ୍ତାରେ କୁହୁଡିର ଭ୍ରମ ସୃଷ୍ଟି କରୁଛି। ଏହାର ପ୍ରଭାବ ଏବେ ଖୋର୍ଦ୍ଧା ଉପରେ ପଡୁଥିବାରୁ ଏଠାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲେଣି। ରାଜ୍ୟ ପ୍ରଦୂଷଣ ବିଭାଗ କରିଥିବା ସମସ୍ତ ନିୟମକୁ ଫୁ କରି ଚାଲିଛି କ୍ରସର। ସେପଟେ ଏହାକୁ ରୋକିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ସହିତ କ୍ରସର ସିଲ କରିବ ବୋଲି କହିଛନ୍ତି ଖୋର୍ଦ୍ଧା ଉପଜିଲ୍ଲାପାଳ। ସହର ପାଖରେ ଗଢ଼ିଉଠିଛି କ୍ରସର ଶିଳ୍ପ। ନିକଟରେ ଶ୍ରୀଜଗନ୍ନାଥ ଓ ରାଜ୍ୟ ସରକାରଙ୍କ ଅନେକ କଳା ମୁଗୁନି ପଥର ପାହାଡ ନିଲାମ ଦିଆଯାଇଛି। ପାହାଡ଼ ପାଖରେ ଶତାଧିକ କ୍ରସର ଶିଳ୍ପ ସ୍ଥାପନ ହୋଇଛି। ଏସବୁ ଚାଲିବା ନେଇ ରାଜ୍ୟ ପ୍ରଦୂଷଣ ବିଭାଗ ଅନେକ ଆଇନ୍ କାନୁନ୍ କରିଛି। ଆଇନ ଆଖିରେ ଧୂଳି ଦେଇ ଚାଲିଛି କ୍ରସର ଶିଳ୍ପ। ଫଳରେ ୧୬ ନଂ ଜାତୀୟ ରାଜପଥରେ କୁହୁଡିର ଭ୍ରମ ସୃଷ୍ଟି କରୁଛି ଧୂଳି ଆଉ ଧୂଆଁ। ପ୍ରଦୂଷଣ ବଳୟରେ ଅସ୍ତବ୍ୟସ୍ତ ହେଉଛି ଜନଜୀବନ। ଖୋର୍ଦ୍ଧା ଜିଲ୍ଲାରେ ୪ଶହ କ୍ରସର ରହିଛି। କ୍ରସର ଶିଳ୍ପ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଅନେକ ଗାଇଡ଼ଲାଇନ୍ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମଟି ହେଉଛି, କ୍ରସର ଚାଲିବା ସମୟରେ ପାଣି ଛିଞ୍ଚନ କରିବା।

## ବିକଶିତ ଭାରତ ଗଠନରେ ଯୁବ ସମୁଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଜାତୀୟ ଯୁବ ଉତ୍ସବ ରାଜ୍ୟ ପ୍ରତିନିଧି ଦଳର ଉତ୍ସାହ ବଢ଼ାଇଲେ ରାଜ୍ୟପାଳ




ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଚଳିତ ମାସରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଓଡ଼ିଶାରୁ ୭୫ ଜଣ ପ୍ରତିନିଧି ଭାଗ ନେଉଥିବା ବେଳେ ଆଜି ରାଜ୍ୟପାଳ ଡ ହରି ବାବୁ କମ୍ଭମ୍ପାଟି ସେମାନଙ୍କ ଉତ୍ସାହ ବଢ଼ାଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ପ୍ରତିନିଧି ଦଳକୁ ସମ୍ବୋଧନ କରି ରାଜ୍ୟପାଳ କହିଛନ୍ତି ଯେ ବିକଶିତ ଭାରତ ଏକ ପରିକଳ୍ପନା ନୁହେଁ, ବରଂ ଏକ ସାମୂହିକ ଅଭିଯାନ। ସ୍ୱାଧୀନତାର ୧୦୦ ବର୍ଷ ପୂରଣ ପରିପ୍ରେକ୍ଷୀରେ ଆସନ୍ତା ୨୦୪୭ ସୁଦ୍ଧା ଆମେ ବିକଶିତ ଭାରତ ଆଡ଼କୁ ଗତି କରୁଛୁ। ଏକ ବିକଶିତ ଭାରତ ପାଇଁ ଯୁବ ସମୁଦାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବକମାନେ ହେଉଛନ୍ତି ଭବିଷ୍ୟତର ନିର୍ମାତା। ଏ କ୍ଷେତ୍ରରେ ଯୁବବର୍ଗର ଅଂଶଗ୍ରହଣ ଓଡ଼ିଶାକୁ ଗର୍ବିତ କରିବା ସହିତ ଜାତୀୟ ଅଭ୍ୟୁଦୟକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତର ଭବିଷ୍ୟତ ନିର୍ମାଣରେ ଯୁବ ବର୍ଗର ସମ୍ପୃକ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟିଭଙ୍ଗୀ ସହ ଜାତୀୟ ଯୁବ ଉତ୍ସବର ପ୍ରାସଙ୍ଗିକତା ରହିଛି। ଓଡ଼ିଶାର ଯୁବକମାନେ ନିଜର ପ୍ରତିଭା, ସୃଜନଶୀଳତା ଏବଂ ଦୃଢ଼ ଇଚ୍ଛାଶକ୍ତି ପାଇଁ ଅନ୍ୟମାନଙ୍କୁ ସବୁବେଳେ ଅନୁପ୍ରାଣିତ କରିଆସୁଛନ୍ତି। ଏଣୁ ଜାତୀୟ ଯୁବ ଉତ୍ସବରେ ଓଡ଼ିଶାର ଯୁବ ପ୍ରତିନିଧି ଦଳ ଭଲ ପ୍ରଦର୍ଶନ କରିବା ସହିତ ଦେଶର ଅନ୍ୟ ରାଜ୍ୟରୁ ଆସିଥିବା ପ୍ରତିନିଧିଙ୍କ ସହ ବନ୍ଧୁତ୍ୱ ବୃଦ୍ଧି କରି ଉତ୍ସବରେ ସ୍ୱତନ୍ତ୍ର ଛାପ ସୃଷ୍ଟି କରିପାରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଯୁବ ପ୍ରତିନିଧି ଦଳକୁ ଉତ୍ସାହିତ କରିଥିବା ବେଳେ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଟ୍ରାକ୍ଟର ସହ ଜଳିଗଲା ୭୦ ବସ୍ତା ଧାନ

**ବ୍ରହ୍ମପୁର,୭।୧(ସଂଚାର ବ୍ୟୁରୋ):** ଧାନ ଅମଳ ବେଳେ ଘଟିଛି ଅଘଟଣ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଧାନପେଡ଼ା ମେସିନ୍ ସହ ଟ୍ରାକ୍ଟର ଓ ୭୦ ବସ୍ତା ଧାନ ଜଳି ପାଉଁଶ ହୋଇଯାଇଛି। କିଛି ଦିନ ତଳେ ଲଗାଣ ବର୍ଷା ଯୋଗୁଁ ଅନ୍ୟ ଚାଷୀମାନଙ୍କ ପରି ସ୍ଥାନୀୟ ଅଞ୍ଚଳର ଜନୈକ ଚାଷୀ ବ୍ୟାପକ କ୍ଷତି ସହିଥିଲେ। ତେବେ ସେଥିରୁ କଷ୍ଟେମଷ୍ଟେ ଉପାର୍ଜନ କରିଥିଲେ, ସେସବୁ ଆଜି ନିଆଁ ଛଡ଼ାଇ ନେଇଛି। ଏପରି ଏକ ହୃଦୟ ବିଦାରକ ଘଟଣା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଡ଼କ୍ଷେତା ବିରକୃଷ୍ଣ



ଶରଣପୁର ଗାଁରେ ଅଘଟଣ ଘଟିଛି। ଗ୍ରାମର ଗୌରୀ କୁମାର ମିଶ୍ର ଧାର କରଜ କରି ଧାନ ଚାଷ କରିଥିଲେ। ଗତ ମାସରେ ଲଘୁଚାପଜନିତ ଲଗାଣ ବର୍ଷାରେ ତାଙ୍କର ଅନେକ କ୍ଷେତ ଏକରକମ ଉଜୁଡ଼ିଯାଇଥିଲା। ତେବେ ସେଥିରୁ ବଞ୍ଚିଯାଇଥିବା ଧାନକୁ ଅମଳ କରିବା ସକାଶେ ସେ ଆଜି ଧାନପେଡା ମେସିନରେ ଧାନ ପେଡୁଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି



**କଟକ,୭।୧(ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ଆଲୋକପାତ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମର ସଫଳତା ଦିଗରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ଆଲୋଚନା କରାଯାଇଥିବା ବେଳେ ଆସନ୍ତା ଫେବୃଆରୀ ୯ରେ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ ଥିବାରୁ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଷ୍ଟାଡିୟମ ପରିବର୍ତ୍ତେ ବିଡ଼ାନାସୀ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ଅତିରିକ୍ତ ଜିଲ୍ଲାପାଳ ଶିବ ଟଫ୍ଫୋଙ୍କ ନେତୃତ୍ୱରେ ଆସନ୍ତାକାଲି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ପରିଦର୍ଶନ କରିବେ। ଆବଶ୍ୟକତା ଅନୁଯାୟୀ, ଷ୍ଟାଡ଼ିୟମ ପରିସର ଓ ଏହାର ଆଖପାଖ ପରିଧି ଭିତରେ ପୂର୍ତ୍ତ ବିଭାଗ ତଥା କଟକ ମହାନଗର ନିଗମ ଦ୍ୱାରା ବ୍ୟବସ୍ଥା କରାଯିବ ବୋଲି ଆଲୋଚନା କରାଯାଇଥିଲା।

## ୫ଦିନରେ ଚାଷୀଙ୍କୁ ମିଳିବ କ୍ଷତିପୂରଣ

**ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆସନ୍ତା ୪-୫ ଦିନ ମଧ୍ୟରେ କ୍ଷତିପୂରଣ ରାଶି ମିଳିବ। ଜିଲ୍ଲାପାଳମାନେ ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ୨୯୨.୫୯ କୋଟି ଟଙ୍କା କ୍ଷତିପୂରଣ ରାଶି ମଞ୍ଜୁର କରିଛନ୍ତି। ଏହି କ୍ଷତିପୂରଣ ଟଙ୍କା ଗତ ୩ରେ ଜିଲ୍ଲାପାଳମାନଙ୍କୁ ଅନଲାଇନରେ ଟ୍ରାନ୍ସଫର କରାଯାଇଛି। ସେମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ଡାଟାବେସ୍ ଦେଖି ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କ ସହଯୋଗରେ ରିଲିଫ କୋଡ୍ ଆଧାରରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ଦେବାରେ କାହିଁକି ବିଳମ୍ବ ହେଉଛି ବୋଲି ବିରୋଧୀ ଦଳର ଦାବି ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପୂଜାରୀ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଚାଷୀଙ୍କୁ କ୍ଷତିପୂରଣ ଦେବା ପ୍ରକ୍ରିୟା ସରକାର ଆରମ୍ଭ କରିସାରିଛନ୍ତି। ଆସନ୍ତା ୪-୫ ଦିନ ଭିତରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏହି ସହାୟତା ରାଶି ବଂଟନ କାର୍ଯ୍ୟ ଶେଷ ହେବ। ଅଦିନିଆ ବର୍ଷାରେ ଫସଲ ୧୪ଟି ଜିଲ୍ଲାରେ ବ୍ୟାପକ ଓ ୨ଟି ଜିଲ୍ଲାରେ ଆଂଶିକ କ୍ଷତି ହୋଇଛି। ଜିଲ୍ଲାପାଳମାନେ ଡିସେମ୍ବର ୩୦ ତାରିଖରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ ଓ ୨୯୨ କୋଟି ଟଙ୍କା ଫସଲ କ୍ଷୟକ୍ଷତି ହୋଇଛି ବୋଲି ଦର୍ଶାଇଥିଲେ। ରିଲିଫ କୋଡ୍ ଆଧାରରେ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୫ ହଜାର ଟଙ୍କା ଓ ଅଣଜଳସେଚିତ ଜମି ବାବଦରେ ହେକ୍ଟର ପିଛା ୭୫୦୦ ଟଙ୍କା କ୍ଷତିପୂରଣ ଦିଆଯିବ।

## 'ଦିବ୍ୟାଲୋକ ସନ୍ଧାନେ'ର ସ୍ୱନକ୍ଷତ୍ର

**କଟକ,୭।୧(ସଂଚାର ବ୍ୟୁରୋ):** ଦୀର୍ଘ ୨୪ ବର୍ଷ ଧରି ପ୍ରକାଶିତ ହୋଇ ଆସୁଥିବା ଧର୍ମ, ତତ୍ତ୍ୱ, ଜ୍ୟୋତିଷ, ସମ୍ବାଦ ଓ ସଂସ୍କାରମୂଳକ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' ର ୨୪ତମ ସ୍ୱନକ୍ଷତ୍ର କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଶ୍ରୀକେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଆତ୍ମଜ୍ଞାନୀ ସନ୍ଥ ସ୍ୱାମୀ ଅଦୈତାନନ୍ଦ ସରସ୍ୱତୀ ଉଦଘାଟକ, ମହର୍ଷି ସନ୍ଦୀପନି ବେଦ ବିଦ୍ୟା ପ୍ରତିଷ୍ଠାନ, ମଧ୍ୟପ୍ରଦେଶ ର ପୂର୍ବତନ ଉପାଧ୍ୟାକ୍ଷ୍ୟ ତଥା ରାଜେନ୍ଦ୍ରପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ, ବିହାର ର ଅବସରପ୍ରାପ୍ତ କୁଳାଧିପତି ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ଡ଼କ୍ଟର ଶରତ କୁମାର ବିଶ୍ୱାଳ, ପ୍ରାର୍ଥନା ଚାନେଲ ର ନିର୍ଦ୍ଦେଶକ ଶପଥ କୁମାର ମହାପାତ୍ର, ପ୍ରଯୋଜକ ଅଭିନନ୍ଦନ ଦାସ, ବାବାଜୀ ବିଶ୍ୱନାଥ ଦାସ, ବ୍ରହ୍ମଚାରୀ ବିଶ୍ୱେଶ ଚୈତନ୍ୟ, ସନ୍ଥ କୃଷ୍ଣ ଦାସ, ସ୍ୱାମୀ ଭବାନୀଶଙ୍କର ସ୍ୱରୂପ,ସ୍ୱାମୀ ଜିଜ୍ଞାସାନନ୍ଦ ମହାରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କ ଭିତରେ ଦିବ୍ୟ ଆଲୋକ ଅଛି ଏବଂ ତାକୁ ଖୋଜିବା ପ୍ରତ୍ୟେକ ମଣିଷର ପରମ ଧର୍ମ ବୋଲି ମତ ଦେଇଥିଲେ। ଉକ୍ତ ଉତ୍ସବ ରେ ଅନୁଷ୍ଠାନ ର ସର୍ବୋଚ୍ଚ ସମ୍ମାନ ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଙ୍କୁ ଶିରପା, ମାନପତ୍ର, ଉତ୍ତରୀୟ, ଓ ପୁଷ୍ପଗୁଚ୍ଛ ପ୍ରଦାନ କରି 'ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।



**ଜୀବନ ଅମୃତ ଅନୁଚିନ୍ତା**

ଇଶ୍ୱର ପ୍ରାପ୍ତି-ଯେଉଁ ବ୍ୟକ୍ତି ହୃଦୟର ପ୍ରତିଟି ସ୍ପନ୍ଦନ ଇଶ୍ୱରଙ୍କ ନାମରେ ସ୍ପନ୍ଦିତ, ପ୍ରତିଟି କ୍ଷଣରେ ଇଶ୍ୱରଙ୍କ ପ୍ରତିଛବି ପ୍ରସ୍ଫୁଟିତ, ପ୍ରତିଟି ନିଃଶ୍ୱାସରେ ଇଶ୍ୱରଙ୍କ ସ୍ଥିତି ଅନୁଭୂତ, ସେ ଇଶ୍ୱରପ୍ରାପ୍ତି ପାଇଁ ଶ୍ରେଷ୍ଠ ବିବେଚିତ।

SANCHAR
ସଂଚାର

# ସତର୍କ ରହିବାର ସମୟ

ଚୀନରେ ଆତଙ୍କ ସୃଷ୍ଟି କରିଥିବା ଏଚଏମପିଭି ଏବେ ଭାରତରେ ଦେଖିବାକୁ ମିଳିଛି। ଏବେ ସୁଦ୍ଧା ଭାରତରେ ୮ଜଣ ଏହି ଭାଇରସରେ ସଂକ୍ରମିତ ଚିହ୍ନଟ ହୋଇଥିବା କୁହାଯାଉଛି। କିନ୍ତୁ ଆହୁରି ଅନେକ ସଂକ୍ରମିତ ଆମ ଭିତରେ ରହିଥିବେ। ଟେଷ୍ଟ କରାଗଲେ ଅନେକ ସଂକ୍ରମିତ ଧରାପଡ଼ିବେ। ଭାରତରେ ଏବେ ସୁଦ୍ଧା ଚିହ୍ନଟ ହୋଇଥିବା ଏଚଏମପିଭି ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଶିଶୁ ବା ନାବାଳକ। ଅଧିକାଂଶ ବଡ଼ ବଡ଼ ସହରରେ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଆଶ୍ୱସ୍ତିର ବିଷୟ ହେଲା ଏବେ ସୁଦ୍ଧା ଏହି ରୋଗରେ କେହି ଜୀବନ ହରାଇ ନାହାଁନ୍ତି। କାରଣ ଏହି ଭାଇରସର ସଂକ୍ରମଣ କ୍ଷମତା କରୋନା ତୁଳନାରେ କମ ଏବଂ ଏଥିରେ ମୃତ୍ୟୁ ହାର ମଧ୍ୟ ସେଭଳି ଅଧିକ ନୁହେଁ। କିନ୍ତୁ ଏହା ସତ୍ତ୍ୱେ ଏହାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। କାରଣ ଏହି ଭାଇରସ ମ୍ୟୁଟେସନ ହୋଇ ନୂଆ ରୂପରେ ଏବଂ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିପାରେ। ୨୦୨୧ରେ କରୋନା ଭାଇରସ ନୂଆ ରୂପ ନେଇ ଡେଲଟା ଭାଇରସ ନାମରେ ମୃତ୍ୟୁର ତାଣ୍ଡବ ରଚିଥିଲା। ତେଣୁ ଏମପିଭି ନୂଆ ରୂପରେ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିବ ନାହିଁ ବୋଲି କିଏ କହିବ? ଏହି ଭାଇରସ ନୁହେଁ। ୨୦୦୧ରେ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। ସେବେଠାରୁ ଏହା ସୁପ୍ତ ଅବସ୍ଥାରେ ଥିଲା। ଏବେ ଏହା ସକ୍ରିୟ ହୋଇଛି। ଏହି ଭାଇରସ କୋଭିଡ ଭଳି ଶ୍ୱାସକ୍ରିୟାକୁ ପ୍ରଭାବିତ କରେ। ଶ୍ୱାସନଳୀ ଏବଂ ଫୁସଫୁସ ଏଥିରେ ପ୍ରଭାବିତ ହୋଇଥାଏ। ଅଧିକ ହେଲେ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥାଏ। କରୋନା ଭଳି ଏହାର ଲକ୍ଷଣ ମଧ୍ୟ ସାଧାରଣ ଫ୍ଲୁ ଭଳି। ଥଣ୍ଡା, କାଶ, ଜ୍ୱର, ଛିଙ୍କ, ଜ୍ୱର ଏହାର ସାଧାରଣ ଲକ୍ଷଣ। କୋଭିଡ ମହାମାରୀ ଆରମ୍ଭ ବେଳେ ଯେପରି ପରିସ୍ଥିତି ଥିଲା, ଏବେ ଠିକ ସେହି ପରିସ୍ଥିତି। ଚୀନରେ ଅନେକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଏହାର ସଠିକ ଔଷଧ ବା ପ୍ରତିଷେଧକ ବାହାରି ନାହିଁ। ଉଦବେଗର ବିଷୟ ହେଲା ଚୀନ ଏହା ଉପରେ ସଠିକ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରୁନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବା ହୁ ମଧ୍ୟ ଏହା ଉପରେ ଆଜି ପର୍ଯ୍ୟନ୍ତ ନିରବ ରହିଛି। ଏହା ପରିସ୍ଥିତିକୁ ଅଧିକ ଜଟିଳ କରିପାରେ। କୋଭିଡ ମହାମାରୀର ଭୟଙ୍କର ଅନୁଭୂତି ଏବେ ବି ଲୋକେ ଭୁଲି ନାହାଁନ୍ତି। ଏହି ମହାମାରୀ ଯୋଗୁଁ ସାରା ବିଶ୍ୱରେ କୋଟିଏରୁ ଅଧିକ ଲୋକଙ୍କ ଜୀବନହାନୀ ହୋଇଥିଲା। ଏବେ ବି ଅନେକ ଦେଶରେ କୋଭିଡ ଆକ୍ରନ୍ତ ଚିହ୍ନଟ ହେଉଛନ୍ତି। ସବୁ ଦିନ ପାଇଁ ଏହି ରୋଗ ସହିତ, କରୋନା ଭାଇରସ ସହିତ ଆମକୁ ଲଢ଼େଇ କରିବାକୁ ପଡ଼ିବ। ଏହା କିପରି ସୃଷ୍ଟି ହେଲା ତାହା ଏବେ ବି ଅସ୍ପଷ୍ଟ। ଚୀନର ଉହାନ ନଗରୀରୁ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। କୁହାଯାଉଛି ଯେ, ବାଦୁଡ଼ି ବା ଅନ୍ୟ କୌଣସି ପଶୁ ବା ପକ୍ଷୀ ଶରୀରରୁ ଏହି ଭାଇରସ ମଣିଷ ଶରୀରକୁ ସଂକ୍ରମିତ କରିଥିଲା। ଆଉ କେତେକଙ୍କ ସନ୍ଦେହ ହେଲା ଉହାନ ସ୍ଥିତ ଏକ ଲ୍ୟାବରୁ ଏହା ସୃଷ୍ଟି ହୋଇଛି। ଏହା ଏକ ମନୁଷ୍ୟକୃତ ବିପର୍ଯ୍ୟୟ ଥିଲା ବୋଲି ଅଧିକାଂଶ ବିଶ୍ୱାସ କରନ୍ତି। ଏଥିପାଇଁ ଚୀନକୁ ଅଧିକାଂଶ ବ୍ୟକ୍ତି ଦୋଷ ଦିଅନ୍ତି। ଚୀନ ପକ୍ଷରୁ ଏଚଏମପିଭି ସଂକ୍ରମଣକୁ ଏକ ଶୀତଦିନିଆ ସାଧାରଣ ଫ୍ଲୁ ବୋଲି କୁହାଯାଉଛି। ଏଥିରେ ଚିନ୍ତିତ ହେବାର କିଛି ନାହିଁ, ଶୀତ ଦିନ ଗଲେ ଏହାର ପ୍ରକୋପ କମିଯିବ ବୋଲି ଚୀନ କହିଛି। କିନ୍ତୁ ଚୀନର ଆଶ୍ୱାସନାରେ ବିଶ୍ୱାସ ନାହିଁ। ସବୁ କଥାକୁ ଲୁଚାଇବା ଏହାର ପ୍ରକୃତି। କୋଭିଡ ମହାମାରୀ ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ଚୀନ ମୂଳରୁ ଲୁଚାଇଥିଲା ଏବେ ବି ଚୀନ ଅନେକ ତଥ୍ୟ ଲୁଚାଇଛି। ଯଦି କୋଭିଡ ମହାମାରୀ ସମ୍ପର୍କରେ ଚୀନ ମୂଳରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଆନ୍ତା ତେବେ ବିଶ୍ୱରେ କୋଟିଏ ଜୀବନ ଯାଇନଥାନ୍ତା। ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି ହୋଇନଥାନ୍ତା। କୋଭିଡରେ ଆକ୍ରାନ୍ତ ହୋଇ ପ୍ରତ୍ୟକ୍ଷ ଭାବେ ଯେତିକି ଲୋକ ପ୍ରାଣ ହରାଇଛନ୍ତି ତାହାଠାରୁ ବହୁ ଅଧିକ ପରୋକ୍ଷରେ ଏଥିରେ ଶିକାର ହୋଇଛନ୍ତି। ସରକାରୀ ଭାବେ କୋଭିଡରେ ଯେତିକି ଲୋକ ପ୍ରାଣ ହରାଇଥିବା କୁହାଯାଉଛି ବାସ୍ତବରେ ତାହାଠାରୁ ଢେର ଅଧିକ ଲୋକ ଏଥିରେ ପ୍ରାଣ ହରାଇଛନ୍ତି। କୋଭିଡରେ ମୃତକଙ୍କ ମଧ୍ୟରୁ ଅନେକ ଭିନ୍ନ କାରଣରୁ ପ୍ରାଣ ହରାଇଥିବା କୁହାଗଲା। କିନ୍ତୁ ବାସ୍ତବରେ କୋଭିଡ ଯୋଗୁଁ ଅନ୍ୟ ରୋଗର ଚିକିତ୍ସା ସମ୍ଭବ ହେଲା ନାହିଁ ଏବଂ ଲୋକେ ଜୀବନ ହାରିଲେ। ତେଣୁ କୋଭିଡରେ ମୃତକଙ୍କ ବାସ୍ତବ ସଂଖ୍ୟା ସରକାରୀ ହିସାବଠାରୁ ବହୁ ଅଧିକ ହେବ। ଭାରତରେ କୋଭିଡର ଦ୍ୱିତୀୟ ଲହର ବେଳେ ପୋକମାଛି ଭଳି ଜୀବନ ଗଲା। ଏବେ ପୁଣି ସେହି ଆତଙ୍କ ସୃଷ୍ଟି ହୋଇଛି। ଏବେ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ଏ ସମ୍ପର୍କରେ କିଛି ତଥ୍ୟ ପ୍ରଦାନ କରାଯାଇନି। ହୁ ଏହା ଉପରେ ନିରବତା ଅବଲମ୍ବନ କରିଛି। ଚୀନକୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ କହିଛି। କିନ୍ତୁ ଚୀନ ଏହା ଉପରେ ମୁହଁ ଖୋଲିନି। ଚୀନର ପଡ଼ୋଶୀ ଭାବେ ଭାରତ ପାଇଁ ଅଧିକ ବିପଦ ଆଶଙ୍କା ରହିଛି। ଭାରତ ସରକାର ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ଚିନ୍ତାର ବିଷୟ ହେଲା ଏହି ଭାଇରସ ଜନିତ ରୋଗର ନିର୍ଦ୍ଦିଷ୍ଟ ଔଷଧ ବା ପ୍ରତିଷେଧକ ଆଜି ପର୍ଯ୍ୟନ୍ତ ବାହାରିନାହିଁ। କେବଳ ରୋଗୀଠାରୁ ନିଜକୁ ଦୁରେଇ ରହିବା ଏବଂ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣକୁ କେତେକାଂଶ ;ରେ ରୋକାଯାଇପାରିବ ବୋଲି କୁହାଯାଉଛି। ଏଥିପାଇଁ ଚୀନରେ ଏବେ ମାସ୍କ ବ୍ୟବହାର ବଢ଼ୁଛି। ଭାରତରେ ମଧ୍ୟ ଏବେ ସତର୍କ ରହିବାର ବେଳ। ଜନଗହଳିପୂର୍ଣ୍ଣ ସ୍ଥାନକୁ ନଯିବା ଏବଂ ମୁହଁରେ ମାସ୍କ ଲଗାଇବା ଦ୍ୱାରା ଆମେ ଅଧା ବିପଦକୁ ଏଡ଼ାଇପାରିବା। ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି। ଆଶା ଭାରତ ସରକାର ଶୀଘ୍ର ଏ ଦିଗରେ ଉଚିତ ପଦକ୍ଷେପ ନେବେ। ଏଚଏମପିଭି ଆଜି ନିହାତି ମାରାତ୍ମକ ରୂପ ନେ ନାହିଁ। କିନ୍ତୁ କାଲି କ'ଣ ପରିସ୍ଥିତି ହେବ ତାହା କୁହାଯାଇପାରିବ ନାହିଁ। ଏଥିପାଇଁ ଶୃଙ୍ଖଳିତ ଜୀବନ ଯାପନ ନିହାତି ଜରୁରୀ। ଅମାନିଆ ହେଲେ ନିଜ ପାଇଁ ବିପଦ, ପୁରା ସମାଜ ଏବଂ ପରିବାର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇପାରେ। ଏଥିଲାଗି ଆଗାମୀ ୩ ମାସ ପାଇଁ ସମସ୍ତ ପ୍ରକାର ଉତ୍ସବ ପାଳନକୁ ବାତିଲ କରାଯିବା ଉଚିତ। ଆସନ୍ତା ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନ ପାଇଁ ଜନସଭା ହୋଇପାରେ। ଏଥିରୁ ସବୁ ଦଳ ନିବୃତ୍ତ ରହିବା ଉଚିତ। ଲୋକଙ୍କ ଜୀବନଠାରୁ ବଡ଼ କଥା ଆଉ କିଛି ନଥାଇପାରେ। ନିର୍ବାଚନ ପ୍ରଚାର ଖବରକାଗଜ, ଟିଭି ଏବଂ ସୋସିଆଲ ମିଡିଆ ମାଧ୍ୟମରେ ହୋଇପାରେ। ଯୁଗ ବଦଳୁଛି, ସେଥିପାଇଁ ଆମେ ନିଜକୁ ବଦଳାଇବା ଜରୁରୀ। ନିର୍ବାଚନ ପ୍ରଚାର ପାଇଁ ଏତେ ହୋହଲ୍ଲାର କିଛି ଆବଶ୍ୟକତା ନାହିଁ। ସାମାଜିକ ଦୂରତ୍ୱ ରକ୍ଷା ଦ୍ୱାରା ଅନେକ ସମସ୍ୟା ଦୂର ହୋଇପାରିବ। ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ବ୍ୟବହାର, ହାତ ଧୋଇବା ସହିତ ଥଣ୍ଡା କାଶ ହେଲେ ବାହାରକୁ ନଯିବା ଏକ ସ୍ଥାୟୀ ପରମ୍ପରାରେ ପରିଣତ ହେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ

**ମହାଶୟ,**

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବତନ ବିଜେଡି ସରକାରଙ୍କ ସମୟରେ ସରକାରୀ ଚାକିରୀ ବିକ୍ରି ହେଉଥିଲା। ଏପରିକି ସଚିବାଳୟରେ ଏଏସଓ ପଦରେ ନିଯୁକ୍ତିରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିଲା। ରାଜ୍ୟ ମୁଖ୍ୟମନ୍ତ୍ରୀ ଏହା କହିବା ନିଶ୍ଚିତ ଭାବେ ଏକ ଗୁରୁତର ଘଟଣା। ନିର୍ଦ୍ଦିଷ୍ଟ ତଥ୍ୟ ପ୍ରମାଣ ନଥିଲେ ସେ ଏପରି କଥା କହିନଥାନ୍ତେ। ସେ ଯାହା କହିଲେ ତାହା ଅନେକ ଜାଣନ୍ତି। କିନ୍ତୁ କିଛି ପ୍ରମାଣ ନାହିଁ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣର ସୁଯୋଗ ଲୋକଙ୍କ ପାଖରେ ନାହିଁ। ଆଜିକୁ ବହୁ ବର୍ଷ ହେବ ସରକାରୀ ଚାକିରୀରେ ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି ଚାଲିଛି। ବିଶେଷ କରି କିରାଣୀ ପଦ ପଦବୀରେ ନିଯୁକ୍ତି ଅନିୟମିତତା ଏକ ପରମ୍ପରା ପାଲଟିଗଲାଣି। ଗରିବ, ମେଧାବୀ ଛାତ୍ରଛାତ୍ରୀ ଏହା ଦ୍ୱାରା ଅନ୍ୟାୟର ଶିକାର ହେଉଛନ୍ତି। ତେଣୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବାକୁ କିଛି ନୂଆ ଉପାୟ ଅବଲମ୍ବନ କରାଯିବା ଉଚିତ।

**ପ୍ରଣବ କିଶୋର ମହାପାତ୍ର, ଚାଉଳିଆଗଞ୍ଜ, କଟକ**

# ପ୍ରବାସର ଧର୍ମପଦ



**ବାଦଲ ଭୂୟାଁ**

ଭାରତର ବିକାଶରେ ପ୍ରବାସୀ ଭାରତୀୟଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଜାନୁଆରୀ ୯ ତାରିଖରେ ପାଳନ କରାଯାଏ ପ୍ରବାସୀ ଭାରତୀୟ ଦିବସ। ୧୯୧୫ ଏହି ଦିନ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଭୂମିକୁ ଫେରିଥିଲେ। ଭାରତ ସରକାରଙ୍କ ପ୍ରବାସୀ ଭାରତୀୟ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ଦିବସ ୨୦୦୩ରେ ପ୍ରଥମେ ଆରମ୍ଭ ହୋଇଥିଲା। ସେବେଠାରୁ ପ୍ରତି ବର୍ଷ ୭-୯ ଜାନୁଆରୀ ଭାରତର କୌଣସି ଏକ ସହରରେ ଏହି ଦିବସ ପାଳନ ଲାଗି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏ ଅବସରରେ ବିଶେଷ କୃତିତ୍ୱ ହାସଲ କରିଥିବା ଭାରତୀୟ ବଂଶୋଦ୍ଭବଙ୍କ ଅବଦାନ ଓ ସେମାନଙ୍କ ସମସ୍ୟା ଉପରେ ଚର୍ଚ୍ଚା ହୁଏ। ଭାରତ ପ୍ରତି ପ୍ରବାସୀ ଭାରତୀୟଙ୍କ ଧାରଣା, ସେମାନଙ୍କ ଭାବନାର ଅଭିବ୍ୟକ୍ତି ଓ ଦେଶବାସୀଙ୍କ ସହ ସେମାନଙ୍କ ସକାରାତ୍ମକ କଥାବାର୍ତ୍ତା ପାଇଁ ମଞ୍ଚ ଉପଲବ୍ଧ କରିବା ଏ ଦିବସର ଉଦ୍ଦେଶ୍ୟ। ଅନ୍ୟ ଦେଶ ସହ ଭାରତର ମଧୁର ସମ୍ପର୍କ ସ୍ଥାପନରେ ପ୍ରବାସୀ ଭାରତୀୟଙ୍କ ଭୂମିକା ବିଷୟରେ ସାଧାରଣ ଜନତାଙ୍କୁ ଜଣାଇବା ଏହି ଦିବସ ପାଳନର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।

ଓଡ଼ିଶାର ବୌଦ୍ଧ କୀର୍ତ୍ତିବିମଣ୍ଡିତ ହୀରକ ତ୍ରିଭୁଜର କ୍ଷେତ୍ର ଉଦୟଗିରି ହେଉ ବା ଉପକୂଳ କେନ୍ଦ୍ରାପଡ଼ା, ସବୁଜ ବନାନୀର ଭୂସ୍ୱର୍ଗ ଦେବଗଡ଼ ହେଉ ବା କେରଳ। ସବୁ କୋଣ ଅନୁକୋଣରୁ ଭାରତୀୟତାର ମହାମନ୍ତ୍ରକୁ ନେଇ ପୃଥିବୀର ବିଭିନ୍ନ ଦେଶରେ ନିଜ ପ୍ରତିଭାକୁ ବିକଶିତ କରିବା ସହ ନିଜ ଦେଶ, ନିଜ ରାଜ୍ୟ ସର୍ବୋପରି ନିଜ ଜନ୍ମ ଭୂଇଁର ନାମକୁ ଉତ୍ତୁଙ୍ଗଶିଖରରେ ପହଞ୍ଚାଇ ପାରିଛନ୍ତି। କର୍ମସଂସ୍ଥାନ ଓ ନିଜର ଶ୍ରେଷ୍ଠ ପ୍ରତିଭାକୁ ବିକଶିତ କରିବା ପାଇଁ ଭାରତ ବାହାରେ ସାଉଥ ଆଫ୍ରିକା ଠାରୁ ଆମେରିକା, ନେପାଳ ଠାରୁ ପାକିସ୍ଥାନ, ଚୀନ ଠାରୁ ଋଷ ସବୁଠି ଓଡ଼ିଆମାନେ ଭାରତର ମାତାର ସନ୍ତାନ ଭାବରେ ନିଷ୍ଠାପର ଭାବେ ନିଜ ବୃତ୍ତି ସମ୍ପନ୍ନ ସହ ନିଜ ଜନ୍ମ ମାଟି ପାଇଁ ଦାୟିତ୍ୱ ନିର୍ବାହ କରୁଛନ୍ତି। ଯଥାର୍ଥରେ ସେମାନେ ଜଣେ ଜଣେ ପ୍ରବାସର ଧର୍ମପଦ। ଓଡିଆ ମାଟି, ପାଣି, ପବନ ହେଉ ବା ଗୁଜୁରାଟର ଭାଇଚାର, ନୂଆ ଦିଲ୍ଲୀର ସଂସ୍କୃତି ହେଉ ବା ମହାରାଷ୍ଟ୍ରର ମରାଠୀ ଚିନ୍ତନ। ସମସ୍ତଙ୍କର କିନ୍ତୁ ଗୋଟିଏ ପରିଚୟ ତାହା ହେଉଛି ଆମେ ଭାରତ ମାତାର ସନ୍ତାନ। ଆଜି ପୃଥିବୀର ସବୁ ଦେଶରେ ଭାରତୀୟମାନେ ଭର୍ତ୍ତି ହୋଇଛନ୍ତି। ନିଜ ଦେଶର ଆଧ୍ୟାତ୍ମିକ ବିଭୋବ ତଥା ନିଜର ସୁଦକ୍ଷ ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି ସମଗ୍ର ବିଶ୍ୱ ଦରବାରରେ। ଉଦୟଗିରି ହେଉ ବା ଲଳିତଗିରିର ପଥର ଗଢୁଥିବା ବିନ୍ଧାଣୀମାନେ ସମଗ୍ର ବିଶ୍ୱର ଦାଦା ବୋଲାଉଥିବା ଆମେରିକାରେ ବେଶ ପ୍ରଶଂସିତ। କେବଳ ଲଳିତକଳା ନୁହେଁ ଚିକିତ୍ସା ବିଜ୍ଞାନ ଠାରୁ ସୂଚନା ପ୍ରଯୁକ୍ତି ସାରସ୍ୱତ ସାହିତ୍ୟ ଠାରୁ ଲଳିତ ଚିତ୍ରକଳାର ଅପୂର୍ବ ସମାହାର, କ୍ରୀଡ଼ା ଠାରୁ ରାଜନୀତି ସବୁ କ୍ଷେତ୍ରରେ ଭାରତୀୟମାନେ ପ୍ରବାସରେ ବେଶ ସୁନାମ ଅର୍ଜନ କରିବା ସହ ଭାରତୀୟ ଚିନ୍ତା ଓ ଚେତନାର ମାନବୀୟ ମୂଲ୍ୟବୋଧକୁ ପ୍ରଚାର ଓ ପ୍ରସାର କରିବାରେ ସମର୍ଥ ହୋଇଛନ୍ତି।

ସମଗ୍ର ବିଶ୍ୱର ସର୍ବଶକ୍ତିମାନ ପରାକ୍ରମର ନାଲି ଆଖି ଦେଖାଉଥିବା ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ଭାରତୀୟମାନେ ସାମିଲ ହୋଇଛନ୍ତି। ସେଠାକାର ସିନେଟରେ ଭାରତୀୟ ନିର୍ବାଚିତ ହୋଇ ଆମେରିକାବାସୀଙ୍କ ପାଖରେ ନିଜର କର୍ମ ଦକ୍ଷତା ଦ୍ୱାରା ବେଶ ଶ୍ରଦ୍ଧାଶୀଳ ହୋଇପାରିଛନ୍ତି। ବିଦେଶର ବିଚାର ନ୍ୟାୟାଳୟରେ ଭାରତୀୟମାନେ ନ୍ୟାୟବତ୍ତାର ଭାବେ ନ୍ୟାୟର ନିକିତିରେ ଉଚିତ ନ୍ୟାୟ ପ୍ରଦାନ କରି ଭାରତୀୟତାର ମହାମନ୍ତ୍ରକୁ ପ୍ରମାଣିତ କରିପାରିଛନ୍ତି। ମହାତ୍ମାଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକ ଯାତ୍ରା ହେଉ ବା ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ ସବୁଠି ଭାରତୀୟତାର ଛାପ ରହିଛି। ବିଦେଶରେ ରହିବି ଅନେକ ଆମର ପ୍ରିୟ ଧର୍ମପଦମାନେ ନିଜ ଜନ୍ମମାଟିର ସେବା ପାଇଁ ଭୁଲି ନାହାଁନ୍ତି। ଗାଁରେ ବିଦ୍ୟାଳୟ ହେଉ ବା ଡାକ୍ତରଖାନା। ଦେବାଳୟ ହେଉ ବା ଅନାଥଶ୍ରମ ସବୁଠି ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛନ୍ତି। ପ୍ରବାସରେ ରହି ବିଦେଶ ରଙ୍ଗୀନ ସଂସ୍କୃତି ସେମାନଙ୍କର ଚିନ୍ତା ଓ ଚେତନାକୁ ରଙ୍ଗୀନ କରିନାହିଁ। ଆଜି ସମଗ୍ର ବିଶ୍ୱରେ ଅହିଂସା ଓ ପଞ୍ଚମାନବୀୟ ମୂଲ୍ୟବୋଧର ମଶାଲ କୋଣ ଅନୁକୋଣରେ ପହଞ୍ଚି ପାରିଛି। ଏହା ସମ୍ଭବ ହୋଇଛି କେବଳ ସେହି ଧର୍ମପଦ ମାନଙ୍କ ନୀତିନିଷ୍ଠ ଓ ଦାୟିତ୍ୱ ସମ୍ପନ୍ନ ଚିନ୍ତା ଓ ଚେତନା ପାଇଁ। ବିଦେଶରେ ରହି ଉଚ୍ଚଶିକ୍ଷା ଲାଭ କଲାପରେ କେହି କେହି ଭାରତ ଫେରି ଆସୁଥିବାବେଳେ କେହି କେହି ନିଜ ପ୍ରତିଭାର ମୂଲ୍ୟାୟନ ସମଗ୍ର ବିଶ୍ୱବାସୀଙ୍କ ପାଇଁ ରଖିବାକୁ ବିଦେଶ ମାଟିରେ ରହୁଛନ୍ତି। ତଥାପି ସେମାନେ ଓଡ଼ିଆ ସଂସ୍କୃତି ଓ ରୀତିନିତିକୁ ଭୁଲୁନାହାଁନ୍ତି।



ଜଣେ ଯୋଗଜନ୍ମାକୃତି ଓଡ଼ିଆ ଭାବେ ଶୀତିକଣ୍ଠ ଦାସ ବିଦେଶରେ ସୁନାମ ଅର୍ଜନ କରିବା ସହ ନିଜ ଓଡ଼ିଶାର ସର୍ବମଙ୍ଗଳ ଉନ୍ନତି ପାଇଁ ଭୂୟଂଶୀ ଓ ଆଦର୍ଶଣୀୟ ଉଦ୍ୟମ ଜାରି ରଖିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପୃଥିବୀର ବିଭିନ୍ନ ଦେଶରେ ଥିବା କେବଳ ଓଡ଼ିଆମାନେ ନୁହେଁ ଖ୍ରୀଷ୍ଟିଆନ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ରଥଯାତ୍ରା ସହ ଜଗନ୍ନାଥଙ୍କ ମନ୍ଦିର ମଧ୍ୟ ପ୍ରତିଷ୍ଠା ହେଉଛି। ଅପୂର୍ବ ହସ୍ତକଳାର ଚାତୁରୀ ଭରି ରହିଥିବା ବାନ୍ଧର ଶ୍ରେଷ୍ଠ କଳା ସମ୍ବଲପୁରୀ ଶାଢ଼ୀକୁ ଆଜି ଆମେରିକାର ରାଷ୍ଟ୍ରପତିଙ୍କ ସହଧର୍ମିଣୀ ପସନ୍ଦ କରୁଛନ୍ତି। ବିକଳାନନ୍ଦ କରଙ୍କ ରସଗୋଲା ହେଉ ବା ବାଲେଶ୍ୱର ଛେନାମୁଡ଼କୀ ସବୁ ଆଜି ବିଦେଶରେ ଭାରି ଲୋକପ୍ରିୟ। ବିଦେଶରେ ରହି ଅନେକ ଭାରତୀୟ ଲେଖକ ଓ ସାମ୍ବାଦିକତା ବୃତ୍ତିରେ ନିଜ ନିରପେକ୍ଷତାର ପ୍ରମାଣ ରଖିଛନ୍ତି। କେବଳ ସେତିକି ନୁହେଁ ପ୍ରବାସରେ ରହିବି ନିଜ ରାଜ୍ୟର ସର୍ବୋପରି ନିଜ ଜନ୍ମ ଭୂମିର ପାର୍ବଣକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ସହ ନିଜ ରାଜ୍ୟର କଳାକାର, ଲେଖକ ଲେଖିକା, ବୁଦ୍ଧିଜୀବି, ରାଜନେତା, ସମାଜସେବକ, ଗଣମାଧ୍ୟମ ପ୍ରତିନିଧି, ଆଧ୍ୟାତ୍ମିକ ବ୍ୟାଖ୍ୟାକାର ମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ପ୍ରତିଭା ବିଭବକୁ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇ ନିଜ ଜନ୍ମ ଭୂଇଁର ମହକକୁ ସମସ୍ତଙ୍କ ପାଇଁ ସୁଗନ୍ଧର ପ୍ରେରଣା ସୃଷ୍ଟି କରିପାରୁଛନ୍ତି। ବଡ଼ ଖୁସିର କଥା ଚଳିତ ବର୍ଷ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି। ଆଜି ପ୍ରବାସୀ ଭାରତୀୟ ଦିବସ ଅବସରରେ ପ୍ରବାସର ସେହି ଧର୍ମପଦମାନଙ୍କ ଭିତରେ ନିଜ ରାଷ୍ଟ୍ର ପାଇଁ ନିଜ ଜାତି ପାଇଁ, ନିଜ ରାଜ୍ୟ ପାଇଁ, ନିଜ ଜନ୍ମ ଭୂମି ପାଇଁ ମୂଲ୍ୟବୋଧର ଦାୟିତ୍ୱ ସମ୍ପାଦନକୁ ଅଧିକ କର୍ତ୍ତବ୍ୟନିଷ୍ଠ କରିବାର ଶପଥର ଦିବସ ହେଉ ଏହା ହିଁ କାମନା।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼
ପୁରୁଣା ସୋନାରୀ, ଜାମସେଦପୁର
ମୋବାଇଲ୍: ୯୨୦୪୬୫୨୦୬୫**

# ମୃତ୍ୟୁଯନ୍ତା ସଡ଼କ: ବ୍ଲାକସ୍ପଟ୍ ଓ ସଡ଼କ ସମ୍ମୋହନ



**ଆଦିତ୍ୟ କୁମାର ମହାନ୍ତି**

ଜାତୀୟ ସଡ଼କ ଦୁର୍ଘଟଣା-୨୦୨୨ର ତଥ୍ୟ ଅନୁସାରେ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ହାରାହାରି ୩୬ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ଅଧିକ। ଏହି ରିପୋର୍ଟ କହୁଛି ଓଡ଼ିଶାରେ ପ୍ରତି ୧୦୦ ଦୁର୍ଘଟଣାରେ ୪୬ ଜଣ ପ୍ରାଣ ହରାଉଛନ୍ତି। ତ୍ରୁଟିପୂର୍ଣ୍ଣ ଗାଡ଼ି ଚାଳନା ଓ ଭୁଲ ରାସ୍ତା ଡିଜାଇନ ଏଠାରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଏଥିସହ କୁହୁଡ଼ି, ମଦ୍ୟପାନ ଓ ଦୀର୍ଘ ସମୟ ଧରି ଗାଡ଼ି ଚାଳନା ଅନ୍ୟ ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଥିସହ କିଛି ଦୁର୍ଘଟଣାପ୍ରବଣ ଅଞ୍ଚଳ ଥାଏ ଯେଉଁଠାରେ ଦୁର୍ଘଟଣା ଅଧିକ ହୋଇଥାଏ।

ରାସ୍ତା ଅଛି ତ ଯୋଗାଯୋଗ ଅଛି ତେବେ ବଡ଼ କଥା ହେଉଛି ସୁରକ୍ଷିତ ଭାବେ ଯାତ୍ରା କରିବା। ଆମେ ଯେତେ ସଡ଼କ ଦୁର୍ଘଟଣା ଦେଖୁ ଅନେକ କ୍ଷେତ୍ରରେ ଆଲୋଚନା ହୁଏ ଯେ ଦୁର୍ଘଟଣାଟି ବ୍ଲାକସ୍ପଟ ସ୍ଥାନରେ ସଂଗଠିତ ହୋଇଛି। ତେଣୁ ଆସନ୍ତୁ ସର୍ବପ୍ରଥମେ ଆଲୋଚନା କରିବା ଏହି ବ୍ଲାକସ୍ପଟଟି କ'ଣ? ଅସ୍ୱାଭାବିକ ଭାବେ ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକସ୍ପଟ କୁହାଯାଏ। ବାସ୍ତବରେ ବ୍ଲାକସ୍ପଟ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ଏହା ହେଉଛି ୩୦୦ ମିଟରରୁ ଅଧ କିଲୋମିଟର ଯାଏ ଲମ୍ବିଥିବା ଏକ ଅଞ୍ଚଳ। ଯେଉଁଠାରେ ୫ଟି ଦୁର୍ଘଟଣାରେ ଲୋକେ ଗୁରୁତର ଆହତ ହୋଇଥିବେ ବା ପ୍ରାଣ ହରାଇଥିବେ ଅଥବା ୩ ବର୍ଷରେ ୧୦ଟି ଗୁରୁତର ଦୁର୍ଘଟଣା ଘଟିଥିବ ସେହି ସ୍ଥାନକୁ ବ୍ଲାକସ୍ପଟ ଭାବେ ଚିହ୍ନିତ କରାଯାଇଥାଏ। ଓଡ଼ିଶାର ବିଭିନ୍ନ ରାଜ୍ୟ ରାଜପଥ ଓ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାରେ ୨୫୯ଟି ବ୍ଲାକସ୍ପଟ ଚିହ୍ନଟ କରାଯାଇଛି। ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଭଳି ଜିଲ୍ଲାରେ ସର୍ବାଧି ବ୍ଲାକସ୍ପଟ ରହିଥିବା ତଥ୍ୟ କହୁଛି। ଏଠାରେ ଦୁର୍ଘଟଣାର କାରଣ ଅନ୍ୱେଷଣ ଓ ପ୍ରତିକାର ବିଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ଲାକସ୍ପଟ କମିଟି ମଧ୍ୟ ଗଠନ କରାଯାଇଛି।

ସଡ଼କ ଦୁର୍ଘଟଣା ସହିତ ସଡ଼କ ସମ୍ମୋହନର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି କାରଣ ଏହା ହିଁ ଦୁର୍ଘଟଣାକୁ ଅତି ଭୟାନକ ଓ ଦୁଃଖଦପୂର୍ଣ୍ଣ କରିଥାଏ। ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଏହି ସଡ଼କ ସମ୍ମୋହନ କ'ଣ? ମନେକରନ୍ତୁ ଆପଣ କୁଆଡ଼େ ଏକ ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି। ବେଳେ ବେଳେ ଆପଣ ଅନୁଭବ କରିଥିବେ, ଗାଡ଼ି ଚଳାଇବା ବେଳେ ସାଇନବୋର୍ଡ଼ରେ ଆପଣ ଗନ୍ତବ୍ୟସ୍ଥଳକୁ ୬୨ କି.ମି. ଥିôବା ଦେଖିଥିବେ। ହଠାତ କିଛି ସମୟ ପରେ ଆପଣ ପଲକ ପକାଇ ଦେଖିବେ ଯେ ସାଇନବୋର୍ଡ଼ରେ ଲେଖା ହୋଇଛି ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଆଉ ୪୦ କି.ମି.। ଆପଣ ନିଶ୍ଚିତ ଥିବେ ଯେ ଆପଣ ଶୋଇନାହାନ୍ତି, କିନ୍ତୁ ୨୨ କି.ମି.ରେ କ'ଣ ଘଟିଲା, କେମିତି ଏତେ ଦୂରତା ଆପଣ ଅତିକ୍ରମ କଲେ, ସେ ନେଇ ଆପଣ କିଛି ମନେ ପକାଇ ପାରୁନାହାଁନ୍ତି। ମସ୍ତିଷ୍କର ଏହି ସ୍ଥିତିକୁ ସଡ଼କ ସମ୍ମୋହନ ବା ରୋଡ଼ ହିପନୋଟାଇଜ କୁହାଯାଇଥାଏ। ଏହି ସ୍ଥିତିରେ ବ୍ୟକ୍ତି ଅବଚେତନ ଅବସ୍ଥାକୁ ଚାଲିଯାଏ ଏବଂ ମସ୍ତିଷ୍କ ବ୍ଲାକ ଆଉଟ ହୋଇଯାଏ। ସାଧାରଣତଃ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ଗାଡ଼ି ଚଳାଇବା ଫଳରେ ଏଭଳି ଘଟିଥାଏ। କେବଳ ଲମ୍ବା ସମୟ ଧରି ଗାଡ଼ି ଚଳାଇବା ଯୋଗୁଁ ନୁହେଁ, ଏକାଭଳି ଦେଖାଯାଉଥିବା ରାସ୍ତାରେ ଗାଡ଼ି ଚଳାଇଲେ ବି ସଡ଼କ ସମ୍ମୋହନ ହୋଇଥାଏ।




ସଡ଼କ ସମ୍ମୋହନରୁ ବର୍ତ୍ତିବା ପାଇଁ ପ୍ରତିକାର ହେଉଛି। ଲମ୍ବା ରାସ୍ତାରେ ଯାତ୍ରା କଲାବେଳେ ପ୍ରତି ୧ କିମ୍ବା ୨ ଘଣ୍ଟାରେ ଥରେ ଗାଡ଼ିରୁ ଓହ୍ଲାଇ ବାହାରେ ବୁଲିବା ବା ଜଗିଂ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୋଇଉଠେ। ଗାଡ଼ି ଚଳାଇଲା ବେଳେ ନିଦ ଲାଗିଲେ ବା ବିରକ୍ତ ଲାଗିଲେ, ଗାଡ଼ିରୁ ଓହ୍ଲାଇ କିଛି ଚା' କଫି ସହ ସ୍ନାକ୍ସ ଖାଇପାରିବେ। ଗାଡ଼ି ଚଳାଇଲା ବେଳେ ସହଯାତ୍ରୀଙ୍କ ସହ କଥାବାର୍ତ୍ତା ବା ଉଚ୍ଚ ସ୍ୱରରେ ଗୀତ ଶୁଣିବା ଦ୍ୱାରା ବି ସଡ଼କ ସମ୍ମୋହନରୁ ବର୍ତ୍ତି ହେବ। କାର ବା ବସରେ ଗଲାବେଳେ ମଝିରେ ମଝିରେ ଝରକା ଖୋଲିବା ଦ୍ୱାରା ବି ଲାଭ ମିଳିଥାଏ। ବାହାର ପରିବେଶ ସଂସ୍ପର୍ଶରେ ଆସି ମସ୍ତିଷ୍କ ସତେଜ ଅନୁଭବ କରେ। ଗାଡ଼ି ଚଳାଇଲା ବେଳେ ଗାଡ଼ିର ବେଗ ଓ ମ୍ୟାପ ଉପରେ ଦୃଷ୍ଟି ନିକ୍ଷେପ କଲେ ବା ନିୟମିତ ଯାଉଥିବା ରାସ୍ତାରେ ନ ଯାଇ ନୂଆ ରାସ୍ତାରେ ଗଲେ ଲାଭ ମିଳିପାରିବ।

ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ। ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସମ୍ପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ। ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଳାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ। ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି। ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତ୍ତବ୍ୟ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ବିଶ୍ୱାସରେ ବିଷ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ମୌଳିକ ଅଧିକାର। ଆତ୍ମନିର୍ଭରଶୀଳ ମଣିଷକୁ ମଧ୍ୟ ସୁସ୍ଥ ରହିବା ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି, କିନ୍ତୁ ଯେତେବେଳେ ଚିକିତ୍ସା ନକଲି ଓ ନିମ୍ନମାନର ଔଷଧ ଉପରେ ଆଧାରିତ ହୁଏ, ସେତେବେଳେ ମଣିଷର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥାଏ। ନକଲି ଏବଂ ନିମ୍ନମାନର ଔଷଧର ବଢୁଥିବା ପରିସର କେବଳ ପୀଡିତ ଲୋକଙ୍କ ଜୀବନକୁ ବିପଦରେ ପକାଏନାହିଁ, ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଚିକିତ୍ସା ଶିଳ୍ପର ବିଶ୍ୱସନୀୟତାକୁ ମଧ୍ୟ ପ୍ରଭାବିତ କରୁଛି।

ଆଜିକାଲି ଭାରତରେ ନକଲି ଏବଂ ଅଣଗୁଣାତ୍ମକ ଔଷଧର ପ୍ରସାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭାରତରେ ଏମିତି କୌଣସି ରାଜ୍ୟ ନାହିଁ ଯିଏ ନକଲି ଔଷଧ ଦ୍ୱାରା ପ୍ରଭାବିତ ନୁହେଁ। ନିକଟରେ କୋଲକାତାରେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଏବଂ ପଶ୍ଚିମବଙ୍ଗର ଔଷଧ ନିୟନ୍ତ୍ରଣ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ କର୍କଟ ଓ ମଧୁମେହ ଭଳି ଗମ୍ଭୀର ରୋଗ ପାଇଁ ବ୍ୟବହୃତ ନକଲି ଔଷଧ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୬.୬୦ କୋଟି ଟଙ୍କା ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଅଧ୍ୟୟନରୁ ଜଣାପଡିଛି ଯେ ଭାରତରେ ବିକ୍ରି ହେଉଥିବା ମୋଟ ଔଷଧର ୨୦ ପ୍ରତିଶତ ନକଲି ଏବଂ ନିମ୍ନମାନର। ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ କେବଳ ଔଷଧର ବଜାର ପ୍ରାୟ ୨ ଲକ୍ଷ କୋଟି ଟଙ୍କା, ଯେଉଁଥିରେ ନକଲି ଏବଂ ନିମ୍ନମାନର ଔଷଧର ମୂଲ୍ୟ ପ୍ରାୟ ୧୫-୨୦ ପ୍ରତିଶତ। ନିମ୍ନମାନର ଔଷଧ ଦ୍ୱାରା ଭାରତର ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ମଧ୍ୟରେ ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ବିହାର ଭଳି ରାଜ୍ୟ ଅନ୍ତର୍ଭୁକ୍ତ। କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ କେବଳ ୨୦୨୩ରେ ନକଲି ଏବଂ ନିମ୍ନମାନର ଔଷଧର ପ୍ରାୟ ୫୦,୦୦୦ ମାମଲା ରେକର୍ଡ କରିଥିଲା। ଶିଳ୍ପ ସଂସ୍ଥା ଆସୋଚାମ୍‌ର ଏକ ରିପୋର୍ଟ ରୁ ଜଣାପଡିଛି ଯେ ଭାରତର ଔଷଧ ବଜାରରେ ଉପଲବ୍ଧ ଏକ ଚତୁର୍ଥାଂଶ ଔଷଧ ନକଲି ଏବଂ ନିମ୍ନମାନର। 'ନକଲି ଓ ନକଲି ଔଷଧ ଇନ୍ ଇଣ୍ଡିଆ-ବ୍ରାଉନିଂ ବିଜ୍' ଶୀର୍ଷକ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ନକଲି ଔଷଧର ବ୍ୟବସାୟ ପ୍ରତିବର୍ଷ ୩୩ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ଅନଲାଇନରେ ଔଷଧ ବିକ୍ରି, ଗୁଣାତ୍ମକ ଔଷଧ ଅପେକ୍ଷା ନକଲି ଔଷଧର ଶସ୍ତା ମୂଲ୍ୟ, ଔଷଧ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ରୋଗୀଙ୍କ ପ୍ରେସକ୍ରିପସନରେ ଔଷଧର ନାମ ଲେଖାଥିବା ପ୍ରମାଣିତ ଔଷଧ କମ୍ପାନୀର ନାମ ନ ଲେଖିବା, ବଢୁଥିବା ଜନସଂଖ୍ୟା ଅନୁପାତରେ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ନ ହେବା ଭଳି ନକଲି ଔଷଧ ବଜାର ବୃଦ୍ଧିର ଅନେକ କାରଣ ରହିଛି। ନକଲି ଔଷଧ ଚିହ୍ନଟ ପାଇଁ ଜ୍ଞାନକୌଶଳର ଅଭାବ, ଠୋସ୍ ଆଇନ ଅଭାବରୁ ନକଲି ଔଷଧର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭାରତରେ ସହର ତୁଳନାରେ ଗ୍ରାମାଞ୍ଚଳରେ ନକଲି ଓ ନିମ୍ନମାନର ଔଷଧ ବିକ୍ରି ଅଧିକ। ଜେନେରିକ ଔଷଧ ର ସବୁଠାରୁ ବଡ ଉତ୍ପାଦନକାରୀ ଓ ରପ୍ତାନିକାରୀ ଦେଶ ହେଉଛି ଭାରତ। ଏସିଆନ୍ ଲାଇଟ୍ ରିପୋର୍ଟ ଅନୁଯାୟୀ ବିଶ୍ୱ ଔଷଧ ବଜାରରେ ଭାରତର ଅଂଶ ୧୩ ପ୍ରତିଶତ ରହିଛି। ଭାରତରେ ବଢୁଥିବା ନକଲି ଔଷଧ କେବଳ ମଣିଷର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ ବରଂ ବିଶ୍ୱସ୍ତରରେ ଔଷଧ ଶିଳ୍ପରେ ଭାରତର ଭାବମୂର୍ତ୍ତିକୁ ମଧ୍ୟ ଖରାପ କରୁଛି। ନକଲି ଏବଂ ନିମ୍ନମାନର ଔଷଧର ପ୍ରସାର ମଧ୍ୟ ଡାକ୍ତରୀ ବୃତ୍ତି ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରିଥାଏ।




ନକଲି ଔଷଧ ନିବାରଣ ପାଇଁ ଆଇନଗତ ବ୍ୟବସ୍ଥାରେ ପରିବର୍ତ୍ତନ କୁ ଅତ୍ୟନ୍ତ କଠୋର କରାଯିବା ସହ ନକଲି ଔଷଧ ଉତ୍ପାଦନ ଓ ବିକ୍ରୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଆର୍ଥିକ ଦଣ୍ଡ ବିଧାନ କରାଯିବା ଉଚିତ। କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସସିଓ) ଏବଂ ରାଜ୍ୟସ୍ତରରେ ଔଷଧ ନିୟାମକ ସଂସ୍ଥାମାନେ ଔଷଧ ଉପରେ ସାପ୍ତାହିକ ପ୍ରଶିକ୍ଷଣ ଏବଂ ସଚେତନତା ଅଭିଯାନ ଆୟୋଜନ କରାଯାଉ। ସମସ୍ତ ଔଷଧ କମ୍ପାନିଗୁଡ଼ିକୁ ସରକାର ସମସ୍ତ ପ୍ରକାର ଔଷଧ ଉତ୍ପାଦ ଉପରେ ଟ୍ରାକ୍ ଆଣ୍ଡ ଟ୍ରେସ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ବାଧ୍ୟତାମୂଳକ କରିବା ଉଚିତ, ଯାହାଦ୍ୱାରା ରୋଗୀମାନେ ସହଜରେ ନକଲି ଏବଂ ଅସଲି ଔଷଧ ଚିହ୍ନଟ କରିପାରିବେ। ଔଷଧର ସତ୍ୟତା ଯାଞ୍ଚ କରିବା ପାଇଁ ମୋବାଇଲ୍ ଆପ୍ ଏବଂ ଅନଲାଇନ୍ ଡାଟାବେସ୍ ଉପଲବ୍ଧ ହେବା ଉଚିତ୍।

ନକଲି ଓ ନିମ୍ନମାନର ଔଷଧକୁ ରୋକିବା ପାଇଁ ବିଶ୍ୱସ୍ତରରେ ଏକଜୁଟ ହୋଇ ସମସ୍ୟାର ସମାଧାନ ଖୋଜିବାକୁ ପଡ଼ିବ। ନକଲି ଔଷଧ କୁ ରୋକିବା ପାଇଁ ବଢୁଥିବା ଜନସଂଖ୍ୟା ଅନୁପାତରେ ଭାରତକୁ ସ୍ୱାସ୍ଥ୍ୟ ସୁବିଧା ବୃଦ୍ଧି କରିବାକୁ ହେବ। ବଢୁଥିବା ଜନସଂଖ୍ୟା, ଦାରିଦ୍ର୍ୟ ଓ ମହଙ୍ଗା ସ୍ୱାସ୍ଥ୍ୟ ସେବା ଯୋଗୁଁ ଲୋକେ ଶସ୍ତା ଓ ନକଲି ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ଟେକ୍ନିକାଲ ମେଡିକେୟାର ଏବଂ ଟ୍ରାକ୍ ଆଣ୍ଡ ଟ୍ରେସ୍ ସିଷ୍ଟମକ୍ଷେତ୍ରରେ ଭାରତ ନାଇଜେରିଆ ଓ ଆମେରିକାର ପଦକ୍ଷେପ ନେବା ଉଚିତ। ଏହି ଜ୍ଞାନକୌଶଳ ନକଲି ଯୋଗାଣ ଶୃଙ୍ଖଳା ଉପରେ ନଜର ରଖିଥାଏ। ଦୃଢ଼ କାର୍ଯ୍ୟାନୁଷ୍ଠାନ ପରେ ଆମେ ସୁସ୍ଥ ଭାରତ ଓ ଶକ୍ତିଶାଳୀ ଭାରତର ସ୍ୱପ୍ନ ଦେଖିବା।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ଭୟାବହ ଭୂମିକମ୍ପ: ତିବ୍ବତ-ନେପାଳ ସୀମା ଛାରଖାର







## ଆଇସିୟୁରେ ପ୍ରଶାନ୍ତ କିଶୋର

ପାଟନା,୭।୧: ଜନ ସୁରଜ ପାର୍ଟିର ପ୍ରତିଷ୍ଠାତା ତଥା ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଓରଫ ପିକେଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଛି। ତେଣୁ ଆଜି ତାଙ୍କୁ ପାଟନାସ୍ଥିତ ମେଦାନ୍ତ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପିକେ ଡିହାଇଡ୍ରେସନ ଓ ସଂକ୍ରମଣରେ ପୀଡ଼ିତ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ପିକେଙ୍କ ସ୍ୱାସ୍ଥାବସ୍ଥା ଯାଞ୍ଚ କରିଥିବା ଜନୈକ ଡାକ୍ତର କହିଛନ୍ତି ଯେ ପ୍ରଶାନ୍ତ କିଶୋର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଛନ୍ତି। ସେଗୁଡ଼ିକର ଭଲ ଭାବେ ଯାଞ୍ଚ ହେବା ନିହାତି ଦରକାର। ସେ ବର୍ତ୍ତମାନ ସଂକ୍ରମଣ ଓ ଡିହାଇଡ୍ରେସନ ସମସ୍ୟାରେ ପୀଡ଼ିତ ଅଛନ୍ତି। ସେ ପୂର୍ବାପେକ୍ଷା ଯଥେଷ୍ଟ ମାତ୍ରାରେ ଦୁର୍ବଳ ହୋଇଯାଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଆଦୌ ଭଲ ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଛି ବୋଲି ଉକ୍ତ ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲ ଯିବା ପୂର୍ବରୁ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ବିହାର ପବ୍ଲିକ ସର୍ଭିସ କମିଶନ (ବିପିଏସ୍‌ସି)ରେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ସେ ଆରମ୍ଭ କରିଥିବା ଆମରଣ ଅନଶନ ଆଗାମୀ ଦିନରେ ଜାରି ରହିବ। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନେଇ ହଜାର ହଜାର ଶିକ୍ଷାର୍ଥୀ ମଧ୍ୟ ବିକ୍ଷୋଭ କରୁଛନ୍ତି। ସେମାନଙ୍କ ସମର୍ଥନରେ ପିକେ ଆମରଣ ଅନଶନ ଆରମ୍ଭ କରିଥିବାରୁ ଏହା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାର ମୁଖ୍ୟ କାରଣ ବୋଲି କୁହାଯାଉଛି।

## ବ୍ରିକ୍ସରେ ଇଣ୍ଡୋନେସିଆ ସାମିଲ, ପାକିସ୍ତାନ ନିରାଶ

ନୂଆଦିଲ୍ଲୀ,୭।୧: ପଡ଼ୋଶୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ପାକିସ୍ତାନ ଓ ଚୀନ୍ କଦାପି ଭାରତ ସହ ସୁସମ୍ପର୍କ ରହିବା ନେଇ ଚିନ୍ତା କରିନାହାନ୍ତି। ବରଂ ଭାରତରେ କିପରି ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେବ, ସେ ଦିଗରେ ପାକିସ୍ତାନ ସର୍ବଦା ତତ୍ପରତା ପ୍ରକାଶ କରିଆସିଛି। ଏହି ଦେଶ ସବୁବେଳେ ଚୀନ ସୀମାକୁ ନେଇ ଅଶାନ୍ତି ସୃଷ୍ଟି କରିବାର ଏକାଧିକ ନଜିର ରହିଛି। କିନ୍ତୁ ଏବେ ବ୍ରାଜିଲ, ଚୀନ ଓ ପାକିସ୍ତାନକୁ ଭାରତ ଯେପରି ଚକମା ଦେଇଛି, ତାହାକୁ ନେଇ ସମଗ୍ର ବିଶ୍ୱରେ ଚର୍ଚ୍ଚା। ଏଥିସହ ଭାରତର ଗୁରୁତ୍ୱ ମଧ୍ୟ ବିଭିନ୍ନ ଦେଶରେ ବୃଦ୍ଧି ପାଇବାରେ ଲାଗିଛି। କାରଣ ବ୍ରିକ୍ସରେ ପାକିସ୍ତାନ ସାମିଲ ହେବାକୁ ଆବେଦନ କରିଥିଲେ ହେଁ ଏହି ଦେଶକୁ ନିରାଶ ହେବାକୁ ପଡ଼ିଛି। କାରଣ ଏବେ ବ୍ରିକ୍ସରେ ପାକିସ୍ତାନକୁ ନୁହେଁ, ବରଂ ଇଣ୍ଡୋନେସିଆକୁ ସ୍ଥାନ ଦିଆଯାଇଛି। ଏହାକୁ ନେଇ ପାକିସ୍ତାନ ଓ ଚୀନ୍ ରାଗରେ ରକ୍ତଚାଉଳ ଚୋବାଉଛନ୍ତି। ବ୍ରିକ୍ସ ବିକାଶଶୀଳ ଦେଶ ସମୂହକୁ ନେଇ ଗଠିତ ଏକ କମିଟି ହୋଇଥିବା ବେଳେ ଏଥିରେ ଭାରତ, ଋଷିଆ, ଚୀନ୍, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଆଦି ଦେଶ ସଦସ୍ୟ ଅଛନ୍ତି। ଏବେ ବ୍ରିକ୍ସର ଅଧ୍ୟକ୍ଷ ଅଛି ବ୍ରାଜିଲ। ଏହାରି ଭିତରେ ବ୍ରାଜିଲ ଘୋଷଣା କରିଛି କି, ବ୍ରିକ୍ସରେ ନୂଆ ରାଷ୍ଟ୍ର ଯୋଗ ଦେଇଛି । ବ୍ରାଜିଲର ଏହି ଘୋଷଣା ପରେ ପାକିସ୍ତାନକୁ ଶକ୍ତ ଝଟକା ଲାଗିଛି।

## ଇସ୍ତଫା ଦେବେ ଟ୍ରୁଡୋ

ଅଟାଓ୍ୱା,୭।୧: କାନାଡାର ୫୩ ବର୍ଷୀୟ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ନିଜ ପଦରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ସେ ଶାସକ ଦଳ ଲିବେରାଲ ପାର୍ଟି ଓ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ। କିନ୍ତୁ ତାଙ୍କ ଉତ୍ତରାଧିକାରୀ ଚୟନ ହେବା ପରେ ହିଁ ସେ ବିଧିବଦ୍ଧ ଭାବେ ପଦ ଛାଡ଼ିବେ ବୋଲି ଗତକାଲି ଘୋଷଣା କରିଛନ୍ତି। ଟ୍ରୁଡୋଙ୍କୁ ଦଳୀୟ ସଦସ୍ୟମାନଙ୍କ ପକ୍ଷରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୀର୍ଘ ୯ ବର୍ଷ ହେଲାଣି ସେ କାନାଡାର ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ। ହେଲେ ଖଲିସ୍ତାନ ନେତାଙ୍କ ପ୍ରତି ତାଙ୍କର ଅହେତୁକ ଭଲ ପାଇବା ତାଙ୍କୁ ବିବାଦ ଘେରକୁ ନେଇଥିଲା। ଭାରତ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ଉଭୟ ଦେଶ ମଧ୍ୟରେ କୂଟନୀତିକ ବିବାଦ ଆରମ୍ଭ ହୋଇଥିଲା। ସେହିପରି ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ଟ୍ରୁଡୋଙ୍କୁ ଆହୁରି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା।

## ଫେବୃଆରୀ ୫ରେ ଅଯୋଧ୍ୟା ମିଲ୍କିପୁର ଆସନରେ ମତଦାନ

**ନୂଆଦିଲ୍ଲୀ, ୭।୧:** ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ଏହା ସହିତ ଉତ୍ତରପ୍ରଦେଶର ଅଯୋଧ୍ୟା ଜିଲ୍ଲାର ମିଲ୍କିପୁର ଲୋକସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା ହୋଇଛି। ସେଠାରେ ଫେବ୍ରୁଆରି ୫ତାରିଖରେ ମତଦାନ ହେବ ଏବଂ ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇବ। ଜାନୁଆରୀ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ। ଜାନୁଆରୀ ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନ୍‌ଓ୍ୱା କହିଛନ୍ତି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥୀମାନେ ଜାନୁଆରୀ ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଜାନୁଆରୀ ୧୮ତାରିଖରେ ନାମାଙ୍କନ ପ୍ରକ୍ରିୟା ଅନୁଷ୍ଠିତ ହେବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜାନୁଆରି ୨୦ ରହିଛି। ଅବଧେଶ ପ୍ରସାଦ ଫୈଜାବାଦରୁ ସାଂସଦ ହେବା ପରେ ମିଲ୍କିପୁର ଆସନ ଖାଲି ପଡ଼ିଥିଲା। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଅଯୋଧ୍ୟା ସାଂସଦ ଅବଧେଶ ପ୍ରସାଦଙ୍କ ପୁଅଙ୍କୁ ସେଠାରେ ପ୍ରାର୍ଥୀ କରିସାରିଛନ୍ତି। ତେବେ ବିଜେପି ଏପର୍ଯ୍ୟନ୍ତ ପ୍ରାର୍ଥୀ ଦେଇନାହିଁ।

### ବାଜିଲା ଦିଲ୍ଲୀ ନିର୍ବାଚନ ବିଗୁଲ୍

# ଫେବୃଆରୀ ୫ରେ ଭୋଟ୍, ୮ରେ ଫଳାଫଳ



**ନୂଆଦିଲ୍ଲୀ, ୭।୧:** ଆଗାମୀ ନିର୍ବାଚନ ପାଇଁ ଦିଲ୍ଲୀରେ ରାଜନୈତିକ ଦଳମାନଙ୍କ ମଧ୍ୟରେ ପ୍ରସ୍ତୁତି ବେଶ୍ ଜୋର୍‌ଦାର ହୋଇଥିବା ବେଳେ ଆଜି ମୁଖ୍ୟ ନିର୍ବାଚନ କମିଶନ୍ (ସିଆଇସି) ତାରିଖ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁସାରେ ଆସନ୍ତା ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସମସ୍ତ ୭୦ଟି ଯାକ ଆସନରେ ଗୋଟିଏ ପର୍ଯ୍ୟାୟରେ ରାଜଧାନୀବାସୀ ସେମାନଙ୍କ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଦାନ କରିବେ। ପରେ ଫେବୃଆରୀ ୮ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି ଆଜି ଅପରାହ୍ନରେ ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସିଇସି ରାଜୀବ କୁମାର ସୂଚନା ଦେଇଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ନିର୍ବାଚନ ଆଚରଣ ବିଧି ମଧ୍ୟ ଲାଗୁ ହୋଇଛି। ୫ରେ ଭୋଟିଂ ହେବାକୁ ଥିବା ବେଳେ ଏଥିପାଇଁ ଆସନ୍ତା ୧୦ ଜାନୁଆରୀରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ୧୭ ଜାନୁଆରୀ ରହିଛି। ସେହିପରି ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ୨୦ ଜାନୁଆରୀ ରଖାଯାଇଛି। ଶ୍ରୀ କୁମାରଙ୍କ କହିବାନୁସାରେ, ୫ ଫେବୃଆରୀରେ ଭୋଟ୍ ଓ ୮ରେ ଫଳାଫଳ ପ୍ରକାଶ ପାଇବା ସହ ପୂରା ନିର୍ବାଚନ ପ୍ରକ୍ରିୟା ୧୦ ଫେବୃଆରୀ ସୁଦ୍ଧା ଶେଷ ହେବ। ଆସନ୍ତା ମାସ ୨୩ରେ ଦିଲ୍ଲୀ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ନୂଆ ସରକାର ଗଠନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ୭୦ଟି ଆସନରେ ଭୋଟିଂ ପାଇଁ ମୋଟ ୧୩୦୦୩ଟି ପୁଲିଂ ଷ୍ଟେସନର ବ୍ୟବସ୍ଥା କରାଯିବ। ଏହା ମଧ୍ୟରେ ୨୧୦ଟି ମଡେଲ ପୁଲିଂ ଷ୍ଟେସନ, ୭୦ଟି ପୁଲିଂ ଷ୍ଟେସନ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୭୦ଟି ପୁଲିଂ ଷ୍ଟେସନର ବ୍ୟବସ୍ଥା କରାଯାଉଥିବା ଶ୍ରୀ କୁମାର ସୂଚନା ଦେଇଛନ୍ତି। ଶାସକ ଆପକୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ଓ କଂଗ୍ରେସ ଏଥର ଜୋରଦାର ଉଦ୍ୟମ କରିବେ। ୨୦୧୫ରେ ଆପ୍ ରେକର୍ଡ ୬୭ଟି ଓ ୨୦୨୦ରେ ୬୨ଟି ଆସନ ଜିତିଥିଲା। ଉଭୟ ନିର୍ବାଚନରେ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲା। ଏଥର ଦଳ ଭଲ ପ୍ରଦର୍ଶନ କରିବାର ଆଶା ରଖିଛି। ସେହିପରି ଦୀର୍ଘ ୨୬ ବର୍ଷ ଧରି ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିପାରିନାହିଁ। ୨୦୧୪ ଓ ୨୦୧୯ରେ ସାରା ଦେଶରେ ମୋଦି ଲହରୀ ସତ୍ତ୍ୱେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ଗତ ୨୦୨୪ ନିର୍ବାଚନରେ ମଧ୍ୟ ବିଜେପି ନେତୃତ୍ୱାଧୀନ ଏନଡିଏ କେନ୍ଦ୍ରରେ କ୍ଷମତା ଦଖଲ କରିଛି। ତେବେ ଏହାର ପ୍ରଭାବ ଆଗାମୀ ନିର୍ବାଚନରେ ପଡ଼ିବ କି ନାହିଁ, ତାହା ୮ ତାରିଖରେ ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

## ପେପର ବାଲଟ ଭୋଟିଂକୁ ଇସିଆଇଙ୍କ ନା’

ନୂଆଦିଲ୍ଲୀ,୭।୧: ବିଭିନ୍ନ ନିର୍ବାଚନରେ ଇଭିଏମରେ ହେରଫେର କରାଯାଉଥିବା ଅଭିଯୋଗକୁ ଆଜି ପୁଣିଥରେ ଭାରତୀୟ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିବା ବେଳେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ ଇଭିଏମଗୁଡ଼ିକ ବାରମ୍ବାର ନ୍ୟାୟପାଳିକା ଯାଞ୍ଚରେ ପାସ୍ କରି ସାରିଛି। ୪୨ଥର ଦେଶର ସର୍ବୋଚ୍ଚ ଅଦାଲତରେ ଇଭିଏମ ବିଶ୍ୱସ୍ତ ସାବ୍ୟସ୍ତ ହୋଇଛି। ଇଭିଏମ ଟ୍ୟାମ୍ପର ପ୍ରୁଫ। ଇଭିଏମ ଦ୍ୱାରା ରିଗିଂ ଓ ହ୍ୟାକିଂ ଅସମ୍ଭବ। ଇଭିଏମକୁ ନେଇ ଆସିଥିବା ଅନିୟମିତତା ସଂପୂର୍ଣ୍ଣ ଭାବେ ଅମୂଳକ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ରଖିବା ପାଇଁ ଇସିଆଇ ପ୍ରତିବଦ୍ଧ। ଅନିୟମିତତା ନେଇ ଆସିଥିବା ସମସ୍ତ ଅଭିଯୋଗକୁ ଭଲ ଭାବେ ଯାଞ୍ଚ କରାଯାଇ ଖାରଜ କରାଯାଇଛି। ଇଭିଏମରେ କୌଣସି ପ୍ରକାରର ତ୍ରୁଟି ନାହିଁ। ପେପର ବାଲଟ ଭୋଟିଂକୁ ଫେରିବାର ଆବଶ୍ୟକ ନଥିବା ଶ୍ରୀ କୁମାର କହିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ହେରଫେର ଅଭିଯୋଗ ଉପରେ ମଧ୍ୟ ରାଜୀବ କୁମାର ମତ ରଖିଛନ୍ତି। ବିଜେପି ବିରୋଧରେ ଭୋଟର ତାଲିକା ହେରଫେର କରିବା ଅଭିଯୋଗ ଆସିଛି। ଏହାକୁ ନେଇ ରାଜନୀତିକ ବୟାନବାଜୀ ମଧ୍ୟ ଆରମ୍ଭ ହୋଇଯାଇଛି। ଏହି ଅଭିଯୋଗ ଉପରେ ମତ ରଖି କୁମାର କହିଛନ୍ତି ଯେ ଭୋଟର ତାଲିକା ପ୍ରସ୍ତୁତ କରିବା ଏକ ସ୍ୱଚ୍ଛ ବ୍ୟବସ୍ଥା। ଏହାର ପ୍ରତିଟି ପର୍ଯ୍ୟାୟରେ ରାଜନୀତିକ ଦଳଗୁଡ଼ିକୁ ସାମିଲ କରାଯାଏ। ଭୋଟର ତାଲିକା ହେରଫେର ଅଭିଯୋଗରେ କୌଣସି ପ୍ରକାରର ସତ୍ୟତା ନାହିଁ। ସବୁ ତଥ୍ୟ ଦେବା କମିଶନ୍‌ଙ୍କର ମୁଖ୍ୟ ଉଦ୍ଦେଶ୍ୟ। ବିସ୍ତୃତ ଗାଇଡଲାଇନ ଓ ତଥ୍ୟ ଆମ ୱେବସାଇଟରେ ଉପଲବ୍ଧ ରହିଛି ବୋଲି ଶ୍ରୀ କୁମାର କହିଛନ୍ତି।

### ଆଶାରାମଙ୍କୁ ଆଶ୍ୱସ୍ତି

## ମିଳିଲା ଅନ୍ତରୀଣ ଜାମିନ

**ନୂଆଦିଲ୍ଲୀ,୭।୧:** ଆତ୍ମଘୋଷିତ ବାବା ଆଶାରାମ ବାପୁଙ୍କୁ ଶେଷରେ ଆଶ୍ୱସ୍ତି ମିଳିଛି। କାରଣ ତାଙ୍କୁ ଆଜି ସୁପ୍ରିମକୋର୍ଟ। ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି



ଅନ୍ତରୀଣ ଜାମିନ୍ ଦେଇଛନ୍ତି। ତାଙ୍କୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାମିନ ଦିଆଯାଇଛି। ସୁପ୍ରିମକୋର୍ଟ ଆଶାରାମଙ୍କୁ ହାର୍ଟ ଚିକିତ୍ସା ପାଇଁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରୁ ତାଙ୍କୁ ଆରୋଗ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଜାମିନ୍ ମଞ୍ଜୁର ହେବା ପରେ ନିଜ ପ୍ରତିକ୍ରିୟାରେ ଆଶାରାମଙ୍କ ଓକିଲ କହିଛନ୍ତି ଯେ ତାଙ୍କ ମହକିଲ ଜଣେ ହୃଦ୍ ରୋଗୀ। ତାଙ୍କୁ ପୂର୍ବରୁ ହୃଦ୍‌ଘାତ ହୋଇସାରିଛି। ମେଡିକାଲ ଗ୍ରାଉଣ୍ଡରେ ଜାମିନ ପ୍ରଦାନ ସମୟରେ ପୁଲିସକୁ ତାଙ୍କ ସହ ରହିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ସର୍ତ୍ତ ଅନୁଯାୟୀ, ଆଶାରାମ ଜାମିନରେ ବାହାରକୁ ଯିବା ପରେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିପାରିବେ ନାହିଁ। ସେ ନିଜ ଅନୁଗାମୀମାନଙ୍କୁ ମଧ୍ୟ ଭେଟିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସର୍ତ୍ତ ରଖିଛନ୍ତି।

ନିଜ ଆଶ୍ରମର ହିଁ ନାବାଳିକାକୁ ଦୁଷ୍କର୍ମ କରିବା ମାମଲାରେ ଆଜୀବନ ଜେଲ୍ କାଟୁଛନ୍ତି ଆଶାରାମ। ୧୭ଦିନିଆ ପାରୋଲରେ ମୁକ୍ତ ହେବା ପରେ ସେ ରାଜସ୍ଥାନର ଯୋଧପୁର ଜେଲକୁ ଫେରିଥିଲେ। ତେବେ ଜେଲ୍‌କୁ ଫେରିବାର ମାତ୍ର ୬ ଦିନ ପରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ତାଙ୍କୁ ପୁଣି ଜାମିନ୍ ପ୍ରଦାନ କରାଯାଇଛି। ଗତବର୍ଷ ହୃଦ୍‌ଜନିତ ରୋଗ ହେତୁ ତାଙ୍କୁ ପ୍ରଥମେ ପୁଣେରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଯୋଧପୁରର ଏମ୍ସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

## ଭିକାରୀ ପ୍ରେମରେ ୬ ଛୁଆଙ୍କ ମା’ ବାୟା

ଲକ୍ଷ୍ନୌ, ୭।୧: ସାମ୍ନାକୁ ଆସିଛି ଅତ୍ୟନ୍ତ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା। ଜଣେ ୩୬ ବର୍ଷୀୟ ମହିଳା ତାଙ୍କ ସ୍ୱାମୀ ଓ ୬ ପିଲାଙ୍କୁ ଛାଡ଼ି ଭିକ ମାଗିବାକୁ ଆସୁଥିବା ଜଣେ ବ୍ୟକ୍ତିଙ୍କ ସହ ଫେରାର ହୋଇଯାଇଛନ୍ତି। ମହିଳାଙ୍କ ସ୍ୱାମୀ ରାଜୁ ଏନେଇ ଉତ୍ତର ପ୍ରଦେଶର ହରଦୋଇ ପୁଲିସ୍ ନିକଟରେ ଅଭିଯୋଗ କରିବା ପରେ ପୂରା ଘଟଣା ସାମ୍ନାକୁ ଆସିଛି। ପୁଲିସ୍ ଭିକାରୀ ସହ ଫେରାର ହୋଇଥିବା ମହିଳାଙ୍କୁ ଠାବ କରିଛି। ହେଲେ ସେ ଫେରାର ହୋଇ ଯାଇଥିବା ବ୍ୟକ୍ତିଙ୍କର କୌଣସି ପତ୍ତା ମିଳିନି। ପୁଲିସ୍ ଭାରତୀୟ ନ୍ୟାୟ ସଂହିତାର ଧାରା ୮୭ ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହରଦୋଇର ହରପଲପୁରରେ ରହୁଥିବା ୪୫ ବର୍ଷୀୟ ରାଜୁ ତାଙ୍କ ଅଭିଯୋଗରେ କହିଛନ୍ତି ଯେ ତାଙ୍କ ପତ୍ନୀ ରାଜେଶ୍ୱରୀ ଓ ୬ ପିଲା ଦୀର୍ଘ ବର୍ଷ ହେଲା ଏଠାରେ ରହୁଥିଲେ। କିଛି ମାସ ହେବ ୪୫ ବର୍ଷୀୟ ନାହ୍ନେ ପଣ୍ଡିତ ଉକ୍ତ ଅଞ୍ଚଳରେ ଘରକୁ ଘର ବୁଲି ଭିକ ମାଗିବାକୁ ଆସିଥିଲେ। ସମୟକ୍ରମେ ପଣ୍ଡିତ ଓ ରାଜେଶ୍ୱରୀଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଉଭୟ ପରସ୍ପର ସହ ରାସ୍ତାରେ କଥା ମଧ୍ୟ ହୁଅନ୍ତି। ଏହି ବନ୍ଧୁତା ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ପଣ୍ଡିତ ଓ ରାଜେଶ୍ୱରୀ ଫୋନରେ ମଧ୍ୟ କଥା ହେଉଥିଲେ। ଜାନୁଆରୀ ୩ ତାରିଖ ଅପରାହ୍ଣ ପ୍ରାୟ ୨ଟା ବେଳେ ରାଜେଶ୍ୱର ତାଙ୍କ ଝିଅ ଖୁସବୁଙ୍କୁ ମାର୍କେଟ ଯାଉଥିବା କହି ଘରୁ ବାହାରିଥିଲେ। କିଛି କପଡ଼ା ଓ ପରିବା ଆଣିବା ପାଇଁ ସେ ଯାଇଥିଲେ। କିନ୍ତୁ ଆଉ ସେ ଘରକୁ ଫେରି ନଥିଲେ। ରାଜେଶ୍ୱରୀ ଘରକୁ ନ ଫେରିବାରୁ ରାଜୁ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜିବାରେ ଲାଗିଥିଲେ। ଘରୁ ବାହାରିବା ମଇଁଷି ବିକ୍ରି କରି ରାଜୁ ରଖିଥିବା ଟଙ୍କାକୁ ମଧ୍ୟ ରାଜେଶ୍ୱରୀ ନେଇ ଯାଇଥିଲେ। ରାଜେଶ୍ୱରୀଙ୍କୁ ନ ପାଇବାରୁ ସେ ପଣ୍ଡିତଙ୍କ ଉପରେ ସନ୍ଦେହ କରିଥିଲେ। ସେ ହିଁ ରାଜେଶ୍ୱରୀଙ୍କୁ ନେଇ ଫେରାର ହୋଇଯାଇଥିବା ଆଶଙ୍କା କରି ରାଜୁ ପୁଲିସରେ ଅଭିଯୋଗ କରିଥିଲା। ପୁଲିସ୍ ଅଭିଯୋଗ ପାଇବା ପରେ ରାଜେଶ୍ୱରୀଙ୍କୁ ଠାବ କରିଛି। ତେବେ ପଣ୍ଡିତ ଏଯାଏ ଧରାପଡ଼ି ନାହାନ୍ତି। ରାଜେଶ୍ୱରୀ ନିଜ ଇଚ୍ଛାରେ ତାଙ୍କ ସହ ଯାଇଥିଲେ ନା ତାଙ୍କୁ ଅପହରଣ କରାଯାଇଥିଲା, ତା’ର ଯାଞ୍ଚ ମଧ୍ୟ ପୁଲିସ୍ କରୁଛି।

## ଶାହଙ୍କୁ ‘ନିର୍ବାଚନୀ ମୁସଲମାନ’ ଦର୍ଶାଇଲା ଆପ୍

**ନୂଆଦିଲ୍ଲୀ, ୭।୧:** ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଗୁଲ୍ ବାଜିଛି। ଆସନ୍ତା ୫ରେ ଭୋଟଗ୍ରହଣ ଓ ୮ ତାରିଖରେ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି ଘୋଷଣା କରାଯାଇଛି। ତେବେ ଏହି ନିର୍ବାଚନରେ ବାଜିମାତ୍ କରିବା ସକାଶେ ଦିଲ୍ଲୀରେ ଶାସକ ଆମ୍ ଆଦମୀ ପାର୍ଟି (ଆପ୍) ଓ ବିରୋଧୀ ବିଜେପି ମଧ୍ୟରେ ପୋଷ୍ଟର ୱାର୍ ଜାରି ରହିଛି। ଏହାରି ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ କଟାକ୍ଷ କରି ଏକ ପୋଷ୍ଟର ଜାରି କରିଛି ଆପ୍। ଏଥିରେ ଶାହଙ୍କୁ 'ଚୁନାବୀ ମୁସଲମାନ' (ନିର୍ବାଚନୀ ମୁସଲମାନ) ଭାବେ ଦର୍ଶାଯାଇଛି। ଆଗାମୀ ନିର୍ବାଚନରେ କ୍ଷମତା ବଜାୟ ରଖିଲେ ଆପ୍ ପକ୍ଷରୁ ମନ୍ଦିର ପୂଜକ ଓ ଶିଖ୍ ପୂଜକଙ୍କ ପାଇଁ ମାସିକ ଦରମା



ଯୋଜନା ଘୋଷଣା କରାଯାଇଥିଲା। ଏହାକୁ ନେଇ କେଜ୍ରିୱାଲଙ୍କୁ 'ଚୁନାବୀ ହିନ୍ଦୁ' (ନିର୍ବାଚନୀ ହିନ୍ଦୁ) ବୋଲି କଟାକ୍ଷ କରି ବିରୋଧୀ ବିଜେପି ଏକ ପୋଷ୍ଟର ଜାରି କରିଥିଲା। ଏହାପରେ ଅନ୍ୟ ଏକ ପୋଷ୍ଟରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶୀ, ସାଂସଦ ରାଘବ ଚଡ୍ଢା ଓ ସଂଜୟ ସିଂହଙ୍କ ଫଟୋ ଲଗାଇ ସେମାନଙ୍କୁ ଗୁଣ୍ଡା ବୋଲି ଅଭିହିତ କରିଥିଲା ବିଜେପି। ଏହାର ଜବାବରେ ଆଜି ଆପ୍ ଗୃହମନ୍ତ୍ରୀ ଶାହଙ୍କ ଫଟୋ ସହ ଉପରୋକ୍ତ ପୋଷ୍ଟର ଜାରି କରିଛି। ଉକ୍ତ ବ୍ୟଙ୍ଗାତ୍ମକ

**ଆପ୍-ବିଜେପି ପୋଷ୍ଟର୍ ୱାର୍ ଜାରି**

ପୋଷ୍ଟରରେ ଶାହ କାଶ୍ମୀରୀ ଟୋପି ପିନ୍ଧିଥିବା ବେଳେ ତାଙ୍କ ପଛପଟରେ ଜାମା ମସଜିଦ ରହିଛି। ଏହି ପୋଷ୍ଟରରେ ଶାହଙ୍କୁ ଫିଲ୍ମର ନିର୍ଦ୍ଦେଶକ ବୋଲି ଦର୍ଶାଯାଇଛି। ଫିଲ୍ମରେ ରୋହିଙ୍ଗ୍ୟା, ବାଂଲାଦେଶୀ, ମୌଲବୀ, ମୌଲାନା, ଇମାମ, ୱାକଫ ବୋର୍ଡ ଚିତ୍ର ସ୍ଥାନ ପାଇଥିବା ବେଳେ ଏହାର ନିର୍ମାତା 'ଲୋଟସ୍

# ବିରୋଧୀଙ୍କୁ ସମ୍ମାନ ଦେବା ନେତାଏ ଭୁଲିଯାଇଛନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୧:** ବିଧାନସଭା ଏବଂ ସଂସଦରେ ଚାଲିଥିବା ତିକ୍ତ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଦୃଢ଼ ବିରୋଧ ପ୍ରଦର୍ଶନ କରିବା କିମ୍ବା ବିରୋଧୀଙ୍କୁ ସମାଲୋଚନା କରିବା ସମୟରେ କିପରି ସମ୍ମାନର ସହ ଆଚରଣ କରିବାକୁ ହେବ ତାହା ବିଧାୟକମାନେ ଭୁଲିଯାଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ସୁନୀଲ କୁମାର ସିଂଙ୍କ ଲିଖିତ ଆବେଦନ ଉପରେ ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏନ.କେ ସିଂଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ବିହାର ବିଧାନ ପରିଷଦର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିବା ଏକ ମାମଲାର ବିଚାର ସମୟରେ କୋର୍ଟ ଏହା କହିଛନ୍ତି। ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନକଲ ଅଭିଯୋଗରେ ତାଙ୍କୁ ଗୃହରୁ ବହିଷ୍କାର କରାଯାଇଥିଲା। ସୁପ୍ରିମକୋର୍ଟର ପ୍ରିମା ଫେସୀ ସୁନୀଲଙ୍କ ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ସମ୍ମାନଜନକ ଗୃହର ସଦସ୍ୟମାନେ ବିରୋଧୀ ଦଳର ହୋଇଥିଲେ ମଧ୍ୟ ଅନ୍ୟମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଉଚିତ। ଏହି ପ୍ରସଙ୍ଗରେ ସୁନୀଲ କୁମାର ସିଂଙ୍କ ଓକିଲ ଏମ. ସିଂଘଭି କହିଛନ୍ତି ଯେ ଯଦିଓ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି, ତଥାପି ନିର୍ବାଚନ କମିଶନ ସୁନୀଲଙ୍କ ଖାଲି ଆସନ ପାଇଁ ଉପନିର୍ବାଚନ ସକାଶେ ଘୋଷଣା କରିଛନ୍ତି। କିନ୍ତୁ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରିବାର ଆଶଙ୍କା ରହିଛି।



ସିଂଘଭି କହିଛନ୍ତି ଯେ ଯଦି ନିର୍ବାଚନ ଅନୁଷ୍ଠିତ ହୁଏ ଓ ଅନ୍ୟ କେହି ନିର୍ବାଚିତ ହୁଅନ୍ତି, ଏବଂ ଉକ୍ତ ସମୟରେ ସୁପ୍ରିମକୋର୍ଟ ସୁନୀଲଙ୍କ ବହିଷ୍କାରକୁ ରଦ୍ଦ କରନ୍ତି, ତେବେ ଗୋଟିଏ ଆସନ ପାଇଁ ୨ ଜଣ ନିର୍ବାଚିତ ପ୍ରାର୍ଥୀ ରହିବା ଏକ ଅସଙ୍ଗତ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଚଳିତ ମାସ ଶେଷରେ ହେବାକୁ ଥିବା ନିର୍ବାଚନରେ ସୁପ୍ରିମକୋର୍ଟ ରୋକ ଲଗାଇବା ଉଚିତ ବୋଲି ସେ ଅନୁରୋଧ କରିଛନ୍ତି। ନିର୍ବାଚନ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିଲେ ମଧ୍ୟ ଆସନ୍ତା ୯ରେ ସୁନୀଲଙ୍କ ଲିଖିତ ଆବେଦନ ଉପରେ ଏହାର ଶେଷ ଶୁଣାଣି ହେବ ବୋଲି କହିଛନ୍ତି। ସିଂଘଭି କହିଛନ୍ତି ଯେ ଗୃହ ଭିତରେ ଅଭିବ୍ୟକ୍ତିର ସ୍ୱାଧୀନତା ଦିଆଯାଇଛି। ଖଣ୍ଡପୀଠ ଏନେଇ ପ୍ରଶ୍ନ କହିଛନ୍ତି ଯେ ଗୃହ ଭିତରେ ଅଭିବ୍ୟକ୍ତିର ସ୍ୱାଧୀନତା କିପରି ବ୍ୟବହାର କରାଯାଏ? ସିଂଘଭି ମଧ୍ୟ ସଂସଦର ସଦସ୍ୟ ଅଛନ୍ତି। ଆପଣ ଗୃହ ଭିତରେ ବିରୋଧୀମାନଙ୍କ ବିରୁଦ୍ଧରେ ଏପରି ଭାଷାର ବ୍ୟବହାରକୁ ସମର୍ଥନ କରନ୍ତି କି? ସିଂଘଭି କହିଛନ୍ତି ଯେ, ସେ ଏଭଳି ଭାଷାକୁ ସମର୍ଥନ କରନ୍ତି ନାହିଁ, କିନ୍ତୁ ଏପରି ଭାଷା ବ୍ୟବହାର ପାଇଁ ବହିଷ୍କାର ବିରୋଧୀ ବେଞ୍ଚକୁ ଖାଲି କରିବ। ଅନ୍ୟ ଜଣେ ଏମଏଲଏସି ସମାନ ଭାଷା ବ୍ୟବହାର କରିବା ପାଇଁ, ତାଙ୍କୁ କେବଳ ନିଲମ୍ବିତ କରାଯାଇଥିଲା । କିନ୍ତୁ ସୁନୀଲଙ୍କ କ୍ଷେତ୍ରରେ ବହିଷ୍କାର କରାଯାଇଥିଲା। ବିଧାନ ପରିଷଦର ନୈତିକ କମିଟି ଏହାର ରିପୋର୍ଟରେ ସୁନୀଲଙ୍କୁ ହଟାଇବାକୁ ସୁପାରିଶ କରି କହିଛି ଯେ, ବିରୋଧୀ ଦଳର ମୁଖ୍ୟ ସଚେତକ ହୋଇଥିବାରୁ ତାଙ୍କର ଆଇନଗତ ଦାୟିତ୍ୱ ଓ ନିୟମାବଳୀ ପାଳନ କରିବା ଅନ୍ୟମାନଙ୍କ ତୁଳନାରେ ଅଧିକ ହେବା ଉଚିତ୍। କିନ୍ତୁ ତାଙ୍କର ଆଚରଣ ବିପରୀତ ଥିଲା। ୱେଲକୁ ଆସି ସେମାନେ ସ୍ଲୋଗାନ ଦେଇଥିଲେ ଏବଂ ଗୃହର ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲେ। ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକୁ ଅସମ୍ମାନ କରିଥିଲେ। ଗୃହର ନେତାଙ୍କ ପାଇଁ ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ। ଅଧ୍ୟକ୍ଷଙ୍କୁ ଅପମାନିତ କରିବାକୁ ଚେଷ୍ଟା କଲେ ଏବଂ ଏକ ଉପାୟରେ ବିଧାନ ପରିଷଦର ସମ୍ମାନକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିଥିଲେ। ରିପୋର୍ଟକୁ ଆଧାର କରି ଗତ ବର୍ଷ ୨୬ ଜୁଲାଇରେ ତାଙ୍କୁ ବହିଷ୍କାର କରାଯାଇଥିଲା।

## ୨୦୨୫-୨୭ ଡବ୍ଲ୍ୟୁଟିସି କ୍ୟାଲେଣ୍ଡର୍

# ଇଂଲଣ୍ଡ ବିପକ୍ଷରୁ ଭାରତର ଅଭିଯାନ



### ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ

| |
|---|
| ଭାରତ ବନାମ ଇଂଲଣ୍ଡ- ୫ଟି ଟେଷ୍ଟ (ଇଂଲଣ୍ଡ)- ଜୁନ-ଅଗଷ୍ଟ ୨୦୨୫ |
| ଭାରତ ବନାମ ୱେଷ୍ଟଇଣ୍ଡିଜ- ୨ଟି ଟେଷ୍ଟ (ଭାରତ)- ଅକ୍ଟୋବର ୨୦୨୫ |
| ଭାରତ ବନାମ ଦକ୍ଷିଣ ଆଫ୍ରିକା – ୨ଟି ଟେଷ୍ଟ(ଭାରତ)- ଡିସେମ୍ବର ୨୦୨୫ |
| ଭାରତ ବନାମ ଶ୍ରୀଲଙ୍କା – ୨ଟି ଟେଷ୍ଟ(ଶ୍ରୀଲଙ୍କା) – ଅଗଷ୍ଟ ୨୦୨୬ |
| ଭାରତ ବନାମ ନ୍ୟୁଜିଲ୍ୟାଣ୍ଡ- ୨ଟି ଟେଷ୍ଟ(ନ୍ୟୁଜିଲାଣ୍ଡ) – ଅକ୍ଟୋବର-ଡିସେମ୍ବର ୨୦୨୬ |
| ଭାରତ ବନାମ ଅଷ୍ଟ୍ରେଲିଆ – ୫ଟି ଟେଷ୍ଟ(ଭାରତ)- ଜାନୁଆରୀ-ଫେବୃଆରୀ ୨୦୨୭ |

**ନୂଆଦିଲ୍ଲୀ, ୭।୧:** ଚଳିତ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ (ଡବ୍ଲ୍ୟୁଟିସି) ଫାଇନାଲ ଖେଳିବା ସ୍ୱପ୍ନ ଭାରତୀୟ ଟିମର ଅଧାରେ ରହିଯାଇଛି। ଦଳ ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ଠାରୁ ୧-୩ରେ ହାରିବା ପରେ ଫାଇନାଲ ଖେଳିବା ରେସ୍‌ରୁ ବାଦ ପଡ଼ିଛି। ୨୦୨୩-୨୫ କ୍ୟାଲେଣ୍ଡର୍‌ରେ ଭାରତ ଫାଇନାଲରୁ ବାଦ ପଡ଼ିଥିବାରୁ ଏବେ ସମସ୍ତଙ୍କ ଫୋକସ ୨୦୨୫-୨୭ ଡବ୍ଲ୍ୟୁଟିସି କ୍ୟାଲେଣ୍ଡର୍ ଉପରେ ରହିଛି। ଏହି ସମୟସୀମା ମଧ୍ୟରେ ଭାରତୀୟ ଟିମ ୬ଟି ପୃଥକ୍ ଦଳ ସହ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ତେବେ ଏହି କ୍ୟାଲେଣ୍ଡର୍ ପ୍ରାରମ୍ଭରୁ ହିଁ ଦଳକୁ କଠିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ଆସନ୍ତା ଜୁନରେ ଭାରତ ୫ଟିକିଆ ଟେଷ୍ଟ ସିରିଜ ଖେଳିବା ସକାଶେ ଇଂଲଣ୍ଡ ଗସ୍ତ କରିବ। ଇଂଲଣ୍ଡ ବିପକ୍ଷ ସିରିଜ ପରେ ଭାରତୀୟ ଟିମ ନିଜ ମାଟିରେ ୨ଟି ଟେଷ୍ଟ ସିରିଜ ଖେଳିବ। ଆସନ୍ତା ଅକ୍ଟୋବରରେ ୱେଷ୍ଟଇଣ୍ଡିଜ ୨ଟିକିଆ ଟେଷ୍ଟ ସିରିଜ ଖେଳିବାକୁ ଭାରତ ଆସିବ। ତା'ଛଡ଼ା ଦକ୍ଷିଣ ଆଫ୍ରିକା ମଧ୍ୟ ସମାନ ସଂଖ୍ୟକ ମ୍ୟାଚ୍ ଖେଳିବା ସକାଶେ ଆସନ୍ତା ଡିସେମ୍ବରରେ ଭାରତ ଆଗମନ କରିବ।

ସେହିପରି ଆସନ୍ତା ବର୍ଷ ଭାରତ କେବଳ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଧାର୍ଯ୍ୟ ହୋଇଛି। ୨୦୨୬ ଅଗଷ୍ଟରେ ଭାରତ ୨ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା ଗସ୍ତ କରିବ। ଏହାପରେ ଦଳ ଆସନ୍ତା ବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଦଳ ୨ଟି ମ୍ୟାଚ୍ ଖେଳିବାକୁ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ତେବେ ଭାରତର ଡବ୍ଲ୍ୟୁଟିସି ୨୦୨୫-୨୭ କ୍ୟାଲେଣ୍ଡର୍ ମଧ୍ୟ ଚଳିତ ୨୦୨୩-୨୫ କ୍ୟାଲେଣ୍ଡର୍ ଭଳି ରହିବ। ଦଳ ପୁଣିଥରେ ୨୦୨୭ରେ ଅଷ୍ଟ୍ରେଲିଆ ସହ ୫ଟିକିଆ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏଥର ଦଳ ଅଷ୍ଟ୍ରେଲିଆକୁ ଘରୋଇ ମାଟିରେ ଭେଟିବ। ଭାରତୀୟ କ୍ରିକେଟ୍ ଦଳ ଲଗାତାର ୨ ଥର ଡବ୍ଲ୍ୟୁଟିସି ଫାଇନାଲ ଖେଳିଥିଲେ ହେଁ ଚଳିତ ଥର ଫାଇନାଲରୁ ବଞ୍ଚିତ ହୋଇଛି। ତେଣୁ ମୁଖ୍ୟ କୋଚ୍ ଗୌତମ ଗାମ୍ଭୀର ମଧ୍ୟ ଦଳ କିପରି ଫାଇନାଲରେ ପହଞ୍ଚିବ, ସେନେଇ ଆଶାବାଦୀ ଅଛନ୍ତି। ଗାମ୍ଭୀରଙ୍କ ଚୁକ୍ତି ଅବଧି ଆସନ୍ତା ୨୦୨୭ ଯାଏ ରହିଥିବା ବେଳେ ୨୦୨୭ ଡବ୍ଲ୍ୟୁଟିସି ଫାଇନାଲ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ କି ନାହିଁ, ତା' ଦେଖିବାର କଥା।

## ଟେଷ୍ଟରେ ରୋହିତ ଭଲ ଖେଳିବା ଉଚିତ: ବାଙ୍ଗର



**ନୂଆଦିଲ୍ଲୀ, ୭।୧:** ସିଡନୀ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ସ୍ଥିର ହୋଇଥିଲା ଯେ ଭାରତୀୟ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍ ଖେଳିବେ ନାହିଁ। ଜାନୁଆରି ୩ରେ ସିଡନୀ ଟେଷ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ରୋହିତ ଶର୍ମାଙ୍କୁ ହଟାଯାଇ କ୍ରିକେଟର ଜସପ୍ରୀତ୍ ବୁମରାଙ୍କୁ ଦଳର ଅଧିନାୟକ କରାଯାଇଥିଲା। ଏହି ଘୋଷଣା ପରେ ରୋହିତ ଟେଷ୍ଟ ମ୍ୟାଚରୁ ଅବସର ନେଉଥିବା ନେଇ ଚର୍ଚ୍ଚା ହୋଇଥିଲା। ହେଲେ ରୋହିତ ଷ୍ଟାର ସ୍ପୋର୍ଟସକୁ ସାକ୍ଷାତକାର ଦେଇ କହିଥିଲେ ଯେ, "ମୁଁ ଅବସର ନେଉ ନାହିଁ। ଏବେ ମୁଁ କ୍ରିକେଟ୍ ଖେଳରୁ ଦୂରେଇ ଯାଇନାହିଁ। ମୁଁ ଖେଳିବି।" ତାଙ୍କର ଏଭଳି ପ୍ରତିକ୍ରିୟା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ, ରୋହିତ ଅବସର ନେଉନାହାନ୍ତି। ତାଙ୍କର ଏହି ଘୋଷଣା ଉପରେ ଏବେ ପୂର୍ବତନ ଭାରତୀୟ ବ୍ୟାଟିଂ କୋଚ୍ ତଥା କ୍ରିକେଟର ସଞ୍ଜୟ ବାଙ୍ଗର ପ୍ରତିକ୍ରିୟା ରଖିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, "ରୋହିତ ଏବେ ଅବସର ନେଉ ନଥିବା ସ୍ପଷ୍ଟ କରିଛନ୍ତି। ତେଣୁ ତାଙ୍କୁ ଘରୋଇ କ୍ରିକେଟରେ ରନ୍ ସ୍କୋର କରି ଟେଷ୍ଟ ଦଳରେ ନିଜର ସ୍ଥାନ ଅର୍ଜନ କରିବା ଉଚିତ୍। ତାଙ୍କୁ ଜାଣିବାକୁ ହେବ ଯେ ସେ ଏବେ ବି ଟେଷ୍ଟ କ୍ରିକେଟ ପାଇଁ ପୂର୍ବ ଭଳି ଆଗ୍ରହୀ କି ନାହିଁ ଏବଂ ଯଦି ସେ ଆଗ୍ରହୀ, ତେବେ ଏହା ତାଙ୍କ ପ୍ରଦର୍ଶନରେ ଦେଖାଯିବା ଉଚିତ। ଯଦି ସେ ଭଲ ପ୍ରଦର୍ଶନ କରିବେ ତେବେ ତାଙ୍କୁ ଟେଷ୍ଟ କ୍ରିକେଟରେ ଖେଳିବାକୁ କେହି ରୋକିବେ ନାହିଁ।"

## ବାହାଦୁର ସିଂହ ସାଗୋ ଭାରତୀୟ ଆଥଲେଟିକ୍ସ ସଂଘ ନୂଆ ଅଧ୍ୟକ୍ଷ




**ନୂଆଦିଲ୍ଲୀ,୭।୧:** ବାହାଦୂର ସିଂହ ସାଗୋଙ୍କୁ ଗୁରୁ ଦାୟିତ୍ୱ। ପୂର୍ବତନ ସଟ ପୁଟ୍ ଖେଳାଳି ତଥା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ବାହାଦୂର ସିଂହ ସାଗୋ ଇଣ୍ଡିଆନ ଆଥଲେଟିକ୍ସ ସଂଘର (ଏଏଫଆଇ)ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୪ ବର୍ଷ ରହିବ। ୫୧ ବର୍ଷୀୟ ବାହାଦୂର ସିଂହ ସାଗୋ ୨୦୦୨ ବୁସାନ ଏସିଆନ ଗେମ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ଆଦିଲ ସୁମିରୱାଲାଙ୍କ ସ୍ଥାନରେ ଏଏଫଆଇ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସୁମିରୱାଲା ୨୦୧୨ରୁ ଏହି ଦାୟିତ୍ୱରେ ଥିଲେ। ନୂଆ ଅଧ୍ୟକ୍ଷ ନିଯୁକ୍ତ ନିଷ୍ପତ୍ତି ଚଣ୍ଡିଗଡରେ ବସିଥିବା ଏଏଫଆଇ ବାର୍ଷିକ ବୈଠକରେ ସ୍ଥିର ହୋଇଛି। ସଭାପତି ରେସରୁ ଅଞ୍ଜୁ ବବି ଜର୍ଜ ଓହରି ଯିବାକୁ ବାହାଦୂର ସିଂହ ସାଗୋ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ୨୦୦୨ ବୁସାନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ବାହାଦୂର ସିଂହ ସାଗୋ। ୨୦୦୦ ଓ ୨୦୦୪ ଅଲିମ୍ପିକ୍ସ ମଧ୍ୟ ଖେଳିଥିଲେ। ଏଏଫଆଇରେ ଅଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟକାଳ ୪ ବର୍ଷ ରହିବ। ବର୍ତ୍ତମାନ ସେ ଏଏଫଆଇ ଆଥଲେଟିକ୍ସ କମିଶନର ଭାବେ କାର୍ଯ୍ୟ କରୁଛନ୍ତି।

## ଚାମ୍ପିଅନ୍ସ ଟ୍ରଫି ପାଇଁ ଖୁବ୍‌ଶୀଘ୍ର ଭାରତୀୟ ଦଳ ଘୋଷଣା

# ନେତୃତ୍ୱ ବଜାୟ ରଖିବେ ରୋହିତ !



**ମୁମ୍ବାଇ,୭।୧:** ଆସନ୍ତା ମାସରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ଖୁବ୍ ଶୀଘ୍ର ଭାରତୀୟ ଦଳ ଘୋଷଣା କରାଯିବ। ଆସନ୍ତା ୧୨ତାରିଖ ସୁଦ୍ଧା ସମସ୍ତ ବୋର୍ଡ ନିଜ ନିଜର ଦଳ ଘୋଷଣା କରିବାକୁ ଆଇସିସି ନିର୍ଦ୍ଦେଶ ଦେଇଛି। ବର୍ଡର-ଗାଭାସ୍କର ଟ୍ରଫିରେ ବିଫଳତା ସତ୍ତ୍ୱେ ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେବା ନିଶ୍ଚିତ। ତାଙ୍କ ସହ ଯଶପ୍ରୀତ ବୁମରାଙ୍କୁ ଉପଅଧିନାୟକ ନିଯୁକ୍ତ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଥିବା ଶୁଣା ଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ବିଧିବଦ୍ଧ ଭାବରେ କିଛି ଘୋଷଣା କରାଯାଇନାହିଁ। ବୁମରା ସମ୍ପ୍ରତି ଆହତ ଅଛନ୍ତି। ଗତ ସିଡନୀ ଟେଷ୍ଟରେ ବୋଲିଂ ବେଳେ ସେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଅବଶ୍ୟ ପରେ ବୁମରା ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ ହେଁ ଦ୍ୱିତୀୟ ଇନିଂସରେ ବୋଲିଂ କରି ନଥିଲେ। ଯନ୍ତ୍ରଣା ସ୍ଥାନର ସ୍କାନ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ରିପୋର୍ଟକୁ ଗୁପ୍ତ ରଖାଯାଇଛି। ତେଣୁ ସେ ଫିଟ୍ ହେବା ପାଇଁ କେତେ ଦିନ ସମୟ ଲାଗିବ, ଏବେଠୁ କହିବା ମୁସ୍କିଲ।

## ଆୟର୍ଲାଣ୍ଡ ଦିନିକିଆ: ହର୍ମନ୍‌ପ୍ରୀତଙ୍କୁ ବିଶ୍ରାମ, ସ୍ମୃତି ଅଧିନାୟିକା



**ନୂଆଦିଲ୍ଲୀ, ୭।୧:** ଭାରତୀୟ ମହିଳା ଦଳର ନିୟମିତ ଅଧିନାୟିକା ହର୍ମନ୍‌ପ୍ରୀତ କୌରଙ୍କୁ ଆୟର୍ଲାଣ୍ଡ ବିପକ୍ଷ ଘରୋଇ ଦିନିକିଆ ଶୃଙ୍ଖଳାରେ ବିଶ୍ରାମ ଦିଆଯାଇଛି। ତାଙ୍କ ସହ ଦ୍ରୁତ ବୋଲର ରେଣୁକା ସିଂହଙ୍କୁ ମଧ୍ୟ ବିଶ୍ରାମ ମିଳିଛି। ତେବେ ଚଳିତ ମାସରେ ଖେଳାଯିବାକୁ ଥିବା ଏହି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଲାଗି ସ୍ମୃତି ମନ୍ଧାନାଙ୍କୁ ନେତୃତ୍ୱ ଭାର ମିଳିଛି। ଏହି ଶୃଙ୍ଖଳା ୧୦, ୧୨ ଓ ୧୫ ତାରିଖରେ ରାଜକୋଟରେ ଖେଳାଯିବ। ୩୫ ବର୍ଷୀୟା ହର୍ମନ୍‌ପ୍ରୀତ ଓ ରେଣୁକା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳା ବେଳେ ସାମାନ୍ୟ ଆହତ ହୋଇଥିଲେ। ତେଣୁ ଉଭୟଙ୍କୁ ଅଧିକ ଚାପ ନଦେବା ପାଇଁ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଭାରତୀୟ ଦଳ: ସ୍ମୃତି ମନ୍ଧାନା (ଅଧିନାୟିକା), ଦୀପ୍ତି ଶର୍ମା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରଡ୍ରିଗ୍, ଉମା ଛେତ୍ରୀ (ୱିକେଟ୍‌କିପର), ରିଚା ଘୋଷ (ୱିକେଟ୍‌କିପର), ତେଜାଲ ହସାବ୍‌ନିସ, ରାଘବୀ ବିଷ୍ଟ, ମିନୁ ମଣି, ପ୍ରିୟା ମିଶ୍ରା, ତନୁଜା କନୱାର, ଟିଟାସ ସାଧୁ, ସାଇମା ଠକର, ସାୟାଲୀ ସାତ୍‌ଘରେ।

## ଓଡ଼ିଶା ମହିଳାଙ୍କ ଡବଲ୍ ବିଜୟ

**ଭୁବନେଶ୍ୱର, ୭।୧:** ଓଡ଼ିଶା ମହିଳା କ୍ରିକେଟ୍‌କୁ ସୋମବାର ଡବଲ୍ ଖୁସି ମିଳିଛି। ଏହାର ୨୩ ଓ ୧୯ ବର୍ଷରୁ କମ୍ ମହିଳା ଦଳ ନିଜ ନିଜ ମ୍ୟାଚ୍ ଜିତିଛନ୍ତି। ୨୩ ବର୍ଷରୁ କମ୍ ଟ୍ୱେଣ୍ଟି-୨୦ ଦଳ ୮ ୱିକେଟ୍‌ରେ ବିହାରକୁ ଏବଂ ୧୯ ବର୍ଷରୁ କମ୍ ଦିନିକିଆ ଦଳ ୨୨୯ ରନ୍‌ରେ ମେଘାଳୟକୁ ପରାସ୍ତ କରିଛି। ଗୋଆରେ ଚାଲିଥିବା ୨୩ ବର୍ଷରୁ କମ୍‌ରେ ଓଡ଼ିଶା ଟସ୍ ଜିତି ବିହାରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ବୋଲରଙ୍କୁ ସାମ୍ନା କରି ନପାରି ବିହାର ୭ ୱିକେଟ୍ ହରାଇ ମାତ୍ର ୮୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରୀତି ୨୭ ଓ ଅଧିନାୟିକା ଯାଶିତା ସିଂହ ୧୭ ଓ ବିଶାଲାକ୍ଷି ୧୩ ରନ୍ କରିଥିଲେ। ଓଡ଼ିଶାର ସୋନାଲି ହେମ୍ବ୍ରମ୍ ୩, ଜ୍ୟୋତି କେ ପ୍ରସାଦ ୨ ଓ ତନ୍ମୟୀ ବେହେରା ୧ ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୧୩.୧ ଓଭରରେ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ଅଲିସ୍ପା ବିଶ୍ୱାଳ ୩୩ ଓ ତନ୍ମୟୀ ବେହେରା ୨୬* ରନ୍ କରିଥିଲେ। ବେଙ୍ଗାଲୁରୁରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆରେ ଟସ୍ ହାରି ବ୍ୟାଟିଂ କରିଥିବା ଓଡ଼ିଶା ୨ରନ୍‌ରେ ୨ ୱିକେଟ୍ ଏବଂ ୧୨.୪ ଓଭରରେ ୪୪/୪ରେ ସଂଘର୍ଷ କରିଥିଲା। ହେଲେ ବିଜୟା ଏନ୍ ବେହେରା ଓ ଅନନ୍ୟା ମିଶ୍ର ଦଳକୁ ଆଉ କୌଣସି କ୍ଷତି ନ ପହଞ୍ଚାଇ ପଞ୍ଚମ ୱିକେଟ୍‌ରେ ୨୦୬ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ୨୫୦ ରନ୍‌ରେ ପହଞ୍ଚାଇଥିଲେ। ବିଜୟା (୧୩୦*, ୧୪୩ ବଲ୍, ୧୫ ଚୌକା, ୨ ଛକା) ଶତକ ଓ ଅନନ୍ୟା (୬୮*, ୧୦୫ ବଲ୍, ୪ ଚୌକା) ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଜବାବରେ ମେଘାଳୟ ୨୨.୩ ଓଭରରେ ୨୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। କୌଣସି ବ୍ୟାଟର୍ ୨ ଅଙ୍କ ଛୁଇଁ ପାରି ନଥିଲା ବେଳେ ୭ ଜଣ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏସ୍‌ବି ଲରେନ୍ସ (୬-୪-୫-୩), ଏମ୍‌ଏସ୍ ପ୍ରିୟଦର୍ଶିନୀ ପରମାଣିକ (୨.୩-୨-୦-୩), ପୂଜା ଯାଦବ (୨-୨-୦-୨) ଓ ମିତାଲି ଶର୍ମା (୫-୩-୯-୧) ବୋଲିଂ ସଫଳତା ପାଇଥିଲେ।

## ହକି ଖେଳାଳିଙ୍କୁ କୋଚଙ୍କ ଦୁଷ୍କର୍ମ ଅଭିଯୋଗ

**ନୂଆଦିଲ୍ଲୀ, ୭।୧:** ଉତ୍ତରାଖଣ୍ଡର ହରିଦ୍ୱାରରେ ଜଣେ ନାବାଳିକା ହକି ଖେଳାଳିଙ୍କ ସହିତ ଦୁଷ୍କର୍ମର ଏକ ଘଟଣା ସାମ୍ନାକୁ ଆସିଛି। ପୀଡ଼ିତା ନିଜ କୋଚଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଚାଞ୍ଚଲ୍ୟ ଖେଳି ଯାଇଛି। ଦୁଷ୍କର୍ମକାରୀ କୋଚଙ୍କ ନାମ ଭାନୁ ଅଗ୍ରୱାଲ ବୋଲି ଜଣାପଡ଼ିଛି। ହରିଦ୍ୱାରର ସିଡକୁଲ ଥାନା ଅଞ୍ଚଳରୁ ଏହି ଘଟଣା ସାମ୍ନାକୁ ଆସିଛି। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଛି। ଦୁଷ୍କର୍ମକାରୀ ବିରୋଧରେ ଭାରତୀୟ ଦଣ୍ଡବିଧାନ ଆଇନ ଅନୁଯାୟୀ ଧାରା ୩୭୬ ଓ ପୋକ୍ସୋ ଆକ୍ଟ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରି ତାଙ୍କୁ ପଦରୁ ନିଲମ୍ବନ କରିଛି। ପୁଲିସ ପୀଡ଼ିତା ଖେଳାଳିଙ୍କୁ ଡାକ୍ତରିମାଇନା ପାଇଁ ପଠାଇବା ସହିତ ଫରେନ୍ସିକ ଟିମ ଘଟଣାସ୍ଥଳରୁ କିଛି ପ୍ରମାଣ ସଂଗ୍ରହ କରି ଯାଞ୍ଚ ଆରମ୍ଭ କରିଛନ୍ତି। କିଛିଦିନ ପରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ଖେଳ ହକିର ଆୟୋଜନର ଉଦଘାଟନ ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ନିମନ୍ତ୍ରଣ କରି ଫେରିଛନ୍ତି। ହରିଦ୍ୱାରରେ ଥିବା ହକି ଷ୍ଟାଡିୟମ ପ୍ରସିଦ୍ଧ ହକି ମହିଳା ହକି ଖେଳାଳି ବନ୍ଦନା କଟାରିୟାଙ୍କ ନାମରେ ନାମିତ। ଏଭଳି ସମୟରେ ହକି ଖେଳାଳିଙ୍କୁ ଦୁଷ୍କର୍ମ କରାଯିବା ଘଟଣା ସମସ୍ତଙ୍କୁ ନିରାଶ କରି ଦେଇଛି। ଏହି ଘଟଣା ମହିଳା ଖେଳାଳିଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଚ୍‌ଏମ୍‌ପିଭିର...

ଭାଇରସ୍ ଚିହ୍ନଟ ହେବା ପରେ ଭୟ ବଢ଼ୁଛି। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଭଳି କୌଣସି ନିର୍ଦ୍ଦେଶାବଳୀ ଜାରି କରାଯାଇ ନାହିଁ। କାରଣ ଏହା କୋଭିଡ ଭଳି ମାରାତ୍ମକ ନୁହେଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। କାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ହଜାର ହଜାର ପ୍ରବାସୀ, ଓଡ଼ିଶା ଆସୁଛନ୍ତି। ତେଣୁ ସଜାଗ ହୋଇ ରହିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଆଜି ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକରେ ସତର୍କତା ନେଇ ଆଲୋଚନା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ନୂଆ ଭାଇରସର ମୁକାବିଲା ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବାବେଳେ, ଲୋକଙ୍କୁ ଭୟଭିତ ନହେବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ତଥାପି ରାଜ୍ୟ ସରକାର ପ୍ରସ୍ତୁତ ଥିବା ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଥଣ୍ଡା, କାଶ ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ନମୁନା ପରୀକ୍ଷା ପାଇଁ ଆଇସିଏମଆର, ଆଇଏଲଏସ ଓ ଏମ୍ସକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଅନ୍ୟ ରାଜ୍ୟରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ ହେବା ପରେ, ସେମାନେ ଗାଇଡଲାଇନ ଜାରି କରିଛନ୍ତି। କିନ୍ତୁ ଭାରତ ସରକାର ଯେଉଁ ନିର୍ଦ୍ଦେଶନାମା ଜାରି କରିବେ ତାକୁ ରାଜ୍ୟ ମାନିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଏଚ୍‌ଏମ୍‌ପି ଭୂତାଣୁକୁ ନେଇ ସତର୍କ ରହିବାକୁ କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି। ସଂକ୍ରମିତଙ୍କ ପାଖରେ ଜ୍ୱର, ଥଣ୍ଡା, କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଲକ୍ଷଣ ଦେଖାଦେଉଛି।

### ଅଡୁଆରେ...

ଅଫିସରେ ଚଢ଼ାଉ କରିଛି ଆୟକର ଟିମ୍। ଭୁବନେଶ୍ୱର, ଦିଲ୍ଲୀ, ଝାଡ଼ଖଣ୍ଡର ୧୨ଟି ସ୍ଥାନରେ ଏକକାଳୀନ ଚାଲିଛି ରେଡ୍। ଆକାଉଣ୍ଟ ଟ୍ରାଞ୍ଜାକ୍ସନ୍‌ର ଖୋଳତାଡ଼ କରୁଛି ଆୟକର ଟିମ୍। ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତି ପତିପତ୍ନୀ ହୋଇ ନ ଥିବା ବେଳେ ଉଭୟ କିନ୍ତୁ ଦୀର୍ଘ ଦିନ ହେଲା ନିଜକୁ ପତିପତ୍ନୀର ପରିଚୟ ଦେଇ ରଘୁନାଥପୁରର ଏକ ହାଇପ୍ରୋଫାଇଲ୍ ଆପାର୍ଟମେଣ୍ଟରେ ରହୁଥିଲେ। ପିଏମଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ବୋଲି ମିଛ ପରିଚୟ ଦେଇ ଚଳାଇଥିଲେ ମିଶନ ମହାଲୁଟ୍। ଏମାନେ ମୁଖ୍ୟ ଶାସନ ସଚିବଙ୍କ ସହ ତ ଆଉ କେଉଁ ପୂର୍ବତନ ସିଏଜି ଗିରୀଷ ମୁର୍ମୁଙ୍କ ସହିତ ଫଟୋ ଏଡିଟ୍ କରି ରଖିଛନ୍ତି। ସେହି ସବୁ ଫଟୋକୁ ଅସ୍ତ୍ର କରି ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚା ମାଲ ଯୋଗାଣ ପାଇଁ ଖଣି ମାଲିକଙ୍କୁ ଟେଣ୍ଡର ଦେବା, ବିଲଡରଙ୍କୁ ଜମି, ପ୍ଲଟ ସହ ବିଲଡିଂ ଆପ୍ରୁଭାଲ୍ କରାଇବା ଆଦିର ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଚୁନା ଲଗାଇ କୋଟି କୋଟି ଟଙ୍କା ଠୁଳ କରିଥିଲେ। ଗତ ଜାନୁୟାରୀ ମାସରେ ଅନୀଲଙ୍କ ଜନ୍ମ ଦିନରେ ତାଙ୍କୁ ୪ କୋଟି ୩୦ ଲକ୍ଷ ଟଙ୍କାର କାର୍ ଗିଫ୍ଟ ଦେଇଥିଲେ ହଂସିତା। ଉକ୍ତ ଟଙ୍କାକୁ ସେ କ୍ୟାସ୍ ଆକାରରେ ଦେଇଥିଲେ। ଏହାକୁ ନେଇ ସେ ଆୟକର ବିଭାଗ ଓ କମିଶନରେଟ ପୋଲିସ୍ ନଜରକୁ ଚାଲି ଆସିଥିଲେ। ତେବେ କେବଳ ଆୟକର ନୁହେଁ, ଖୁବଶୀଘ୍ର ଘାଣ୍ଟିବା ଆରମ୍ଭ କରିବ ଇଡି। କମିଶନରେଟ ପୋଲିସ ଠାରୁ କେସ ସମ୍ପର୍କିତ ସମସ୍ତ ତଥ୍ୟ ମାଗିଛି ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଇଡି ଏହି ଘଟଣାର ତଦନ୍ତ କରିବା ପରେ ପ୍ରଚ୍ଛଦପଟରେ ଥିବା ଜଣେ ପୂର୍ବତନ ସାଂସଦ ଓ ଜଣେ ବିଧାୟକଙ୍କ ମୁଖା ଖୋଲିବ ବୋଲି ଚର୍ଚ୍ଚା ଜୋର ଧରିଛି।

### ଖୁବଶୀଘ୍ର...

ଏମାନଙ୍କ ମଧ୍ୟରୁ ଦୁଇଜଣ ଦୀର୍ଘଦିନ ଧରି କେନ୍ଦ୍ରକୁ ଯିବାପାଇଁ ଅପେକ୍ଷାରେ ରହିଛନ୍ତି। ସେହିଭଳି କିଛି ଶାସନ ସଚିବଙ୍କ ହାତରେ ଏକାଧିକ ଓଜନିଆ ବିଭାଗ ରହିଥିବାରୁ ସେମାନଙ୍କ କାର୍ଯ୍ୟ ହାଲୁକା କରିବାକୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ଭଳି କିଛି ସଚିବଙ୍କ କାର୍ଯ୍ୟର ମଧ୍ୟ ତର୍ଜମା ଚାଲିଛି। ଯେଉଁମାନଙ୍କ କାର୍ଯ୍ୟ ସେଭଳି ଆଶାନୁରୂପ ନହେବ ସେମାନଙ୍କୁ ହାଲୁକା ବିଭାଗ ଦେବାପାଇଁ କର୍ତ୍ତୃପକ୍ଷ ବିଚାରୁଛନ୍ତି। ଏହାବାଦ୍ ଧିରେ ଧିରେ କେତେକ ବିଭାଗ ଓ ସରକାରୀ ସଂସ୍ଥାରୁ ବିଜେଡି ମାର୍କା ଅଫିସରଙ୍କ ତାଲିକା ଆସିବାରେ ଲାଗିଛି। ପ୍ରଶାସନ ଏବେ ସେଭଳି ଅଫିସରଙ୍କ ତାଲିକା ପ୍ରସ୍ତୁତ ସହିତ ସେମାନଙ୍କ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛି। ପ୍ରଶାସନରେ ଅଦଳ ବଦଳ ସମୟରେ ଏମାନଙ୍କ କଥା ବି ବିଚାରକୁ ନିଆଯିବ ବୋଲି ସୂଚନା ମିଳିଛି। ମୋଟାମୋଟି ଭାବେ ପ୍ରବାସୀ ଭାରତୀୟ ଦିବସ ଓ ଉତ୍କର୍ଷ ଓଡ଼ିଶାର ସଫଳ ଆୟୋଜନ ପରେ ରାଜ୍ୟ ସରକାର ପ୍ରଶାସନକୁ ଗତି ଦେବାପାଇଁ ମନ୍ତ୍ରୀମଣ୍ଡଳ ଓ ପ୍ରଶାସନରେ ବଡ ଧରଣର ପରିବର୍ତ୍ତନ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ଏଥି ସହିତ ଦୀର୍ଘଦିନ ନିଗମ ଓ ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଁ ଅପେକ୍ଷାରେ ଥିବା ଦଳୀୟ କର୍ମୀଙ୍କୁ ମଧ୍ୟ ଖୁସିଖବର ମିଳିବାର ସମ୍ଭାବନା ଅଛି।

### ବସୁଧୈବ କୁଟୁମ୍ବକମ୍...

ଦରବାରରେ ପରିଚିତ କରିବାକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଏବେ ସୁଯୋଗସୃଷ୍ଟି କରିଛି। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ପ୍ରବାସୀଙ୍କୁ ବିମାନବନ୍ଦରରୁ ଭବ୍ୟ ସ୍ୱାଗତ କରାଯାଉଛି। ଓଡ଼ିଶାର ଲୋକବାଦ୍ୟର ତାଳେତାଳେ ଝୁମିଛନ୍ତି ପ୍ରବାସୀ। ଆଗାମୀ ୩ ଦିନ ଓଡ଼ିଶାରେ ରହି ପ୍ରବାସୀ ମାନେ ଓଡ଼ିଶାର କଳା, ସଂସ୍କୃତି ସହ ପରିଚିତ ହେବେ। ଆଉ ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି। ପ୍ରବାସୀ ଭାରତୀୟଙ୍କ ମହାମେଳିରେ ସାମିଲ ହେବେ ୭୦ ରାଷ୍ଟ୍ରରୁ ଆସିଥିବା ୪ ହଜାରରୁ ଅଧିକ ପ୍ରବାସୀ। ନବବଧୂ ଭଳି ସଜେଇ ହୋଇଛି ମନ୍ଦିର ମାଳିନୀ ଭୁବନେଶ୍ୱର ସହର। କାନ୍ଥବାଡ଼ରେ ଓଡ଼ିଶା ଚିତ୍ରକଳାର ଛାପ। ଆଲୋକମାଳାରେ ଝଲସୁଛି ପୁରା ସହର। ରାଜ୍ୟର ୨୧ ପର୍ଯ୍ୟଟନସ୍ଥଳୀକୁ ଅତିଥିଙ୍କୁ ନିଆଯିବ। ଆଦିବାସୀ ମେଳା, ଚିଲିକା ଉତ୍ସବ ବୁଲି ଦେଖିବେ ପ୍ରବାସୀ। ଉତ୍ସବକୁ ଆକର୍ଷଣୀୟ କରିବାକୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅତିଥି ଦେବୋ ଭବଃ। ଏହି ମୂଳମନ୍ତ୍ରକୁ ଆଧାର କରି ରାଜ୍ୟ ସରକାର ଆତିଥେୟତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସଂଗ୍ରହାଳୟରେ ନୂତନ ଗ୍ୟାଲେରୀର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ନୂଆ ଗ୍ୟାଲେରୀରେ ତାଳପତ୍ର ପୋଥିରେ ଲିଖିତ ରାମାୟଣ ଦେଖିବେ ପ୍ରବାସୀ। ମ୍ୟୁଜିୟମରେ ନେଇପାରିବେ ଓଡ଼ିଶାର ପାରମ୍ପରିକ ପିଠା ଓ ମିଠାର ମଜା। ଯୁବ ସମାବେଶରୁ ଆରମ୍ଭ ହେବ ତିନି ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ। ପ୍ରଧାନମନ୍ତ୍ରୀ ମୋଦୀ ୯ ତାରିଖରେ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ଅନ୍ତିମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶା ବାବଦରେ ନିଜ ଅନୁଭୂତି ପ୍ରବାସୀଙ୍କ ସହ ବାଣ୍ଟିବେ। କେନ୍ଦ୍ର ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରାଳୟ ସହଭାଗିତାରେ ଜାନୁଆରୀ ୮ରେ ଜନତା ମଇଦାନରେ ପାଳନ ହେବ ଯୁବ ପ୍ରବାସୀ ଭାରତୀୟ ଦିବସ। ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସର ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିସହ ଥିମ୍ ପାଭିଲିୟନ ବି ଉଦଘାଟନ କରିବେ ମୋଦି। ଏଠାରୁ ଭର୍ଚୁଆଲ ମୋଡ୍ ରେ ଦିଲ୍ଲୀର ନିଜାମୁଦ୍ଦିନ ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟୁରିଷ୍ଟ ଟ୍ରେନ୍ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ମଧ୍ୟ ଲୋକାର୍ପଣ କରିବେ। ବିକଶିତ ଭାରତ ୨୦୪୭ ସଂପର୍କରେ ପ୍ରବାସୀଙ୍କ ସହ ଆଲୋଚନା କରିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହା ସହ ବିଭିନ୍ନ ପ୍ଲେନାରୀ ସେସନରେ ଦେଶର ବିଶେଷ ବ୍ୟକ୍ତି ବିଶେଷମାନେ ପ୍ରବାସୀଙ୍କ ସହ ଆଲୋଚନା କରିବେ। ଶେଷ ଦିନରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କର ମଧ୍ୟ ଏକ ସେସନ ରହିବ। ସେହିପରି ପ୍ରତି ସନ୍ଧ୍ୟାରେ ଆୟୋଜିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରବାସୀଙ୍କ ଆତିଥ୍ୟ ପାଇଁ ପୂରା ପ୍ରସ୍ତୁତ ରାଜ୍ୟ ସରକାର। ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର କରୁଛନ୍ତି ଆୟୋଜନ। ଏ ସବୁ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି ଆଉ ପରମ୍ପରାର ପ୍ରସାର ଉଦ୍ଦେଶ୍ୟ ରହିଛି। ଏକାମ୍ର ପାର୍କରେ ଆୟୋଜନ ହୋଇଛି ୫ ଦିନିଆ ପୁଷ୍ପ ପ୍ରଦର୍ଶନୀ। ଗତକାଲିଠୁ ରାଜଧାନୀରେ ଆରମ୍ଭ ହୋଇଛି ପାର୍କ ଫେଷ୍ଟିଭାଲ। ବିଭିନ୍ନ ପାର୍କରେ ମ୍ୟୁଜିକ ଫାଉଣ୍ଟେନ୍ ଏବଂ ଲେଜର ଶୋ ଜରିଆରେ ରାଜ୍ୟର କଳା ସାହିତ୍ୟ ସଂସ୍କୃତି ଓ ପରମ୍ପରା ଆଦି ପ୍ରଦର୍ଶିତ ହେଉଛି। ସେହିପରି ରାଜ୍ୟ ସଂଗ୍ରହାଳୟ ମଧ୍ୟ ରାତି ୯ଟା ଯାଏଁ ଖୋଲିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଆଜିଠୁ ୧୧ ତାରିଖ ଯାଏଁ ରାଜାରାଣୀ ମନ୍ଦିର ଠାରେ ରାଜାରାଣୀ ସଙ୍ଗୀତ ଉତ୍ସବ, ମୁକ୍ତେଶ୍ୱର ମନ୍ଦିରରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଏବଂ ରାଜ୍ୟ ସଂଗ୍ରହାଳୟ ଠାରେ ଲୋକ ନୃତ୍ୟ ଉତ୍ସବର ଆୟୋଜନ କରାଯାଇଛି। ଅନ୍ୟପଟେ ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ଦେବ ପ୍ରବାସୀଙ୍କୁ ରାଜ୍ୟ ଏବଂ ଦେଶର ଜନଜାତି କଳା ସଂସ୍କୃତିର ଜ୍ଞାନ। ପ୍ରବାସୀଙ୍କ ପାଇଁ ଇ-ବସ୍ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେଥିରେ ୫ଟି ଡବଲ ଡେକର ବସ୍, ୧୦ଟି ହଫ୍ ଅନ୍ ହଫ ଅଫ୍ ବସ୍ ଓ ୨୫ଟି ଶ୍ରୀମନ୍ଦିର ପ୍ରଶାସନର ବସ୍ ଚାଲିବ।

### ପ୍ରଶାସନିକ...

ଅତିରିକ୍ତ ଜିଲ୍ଲାପାଳ, ସୁଶାନ୍ତ କୁମାର ପତିଙ୍କୁ ଗଜପତି ଅତିରିକ୍ତ ଜିଲ୍ଲାପାଳ, ଦିପ୍ତିରଞ୍ଜନ ସେଠୀଙ୍କୁ ଢେଙ୍କାନାଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବରଣ୍ୟେନ୍ଦୁ ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଶ୍ୱଜିତ୍ ବର୍ମନଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ, ସଂଯୁକ୍ତା ମାଝୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ, ଈଶ୍ୱରଚନ୍ଦ୍ର ନାଏକଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ, ବେଣୁଧର ଶବରଙ୍କୁ କୋରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବଦତ୍ତ ମହାନ୍ତଙ୍କୁ ଅନୁଗୁଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଭାସ କୁମାର ବେହୁରାଙ୍କୁ ହିନ୍ଦୋଳ ଉପଜିଲ୍ଲାପାଳ,ରବୀନ୍ଦ୍ର କୁମାର ପଟେଲଙ୍କୁ ପାଲଲହଡ଼ା ଉପଜିଲ୍ଲାପାଳ, ଦୟାସିନ୍ଧୁ ପରିଡ଼ାଙ୍କୁ ବାରିପଦା ଉପଜିଲ୍ଲାପାଳ, ପଦ୍ମଚରଣ ସାହୁଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳ,ଶିବାଶୀଷ ବରାଳଙ୍କୁ ଛତ୍ରପୁର ଉପଜିଲ୍ଲାପାଳ, ପ୍ରେମଲାଲ ହିଆଲଙ୍କୁ କୋରାପୁଟ ଉପଜିଲ୍ଲାପାଳ ଓ ସ୍ନେହପ୍ରଭା ମାଝୀଙ୍କୁ କୋରାପୁଟ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ବରିଷ୍ଠ ଓଏଏସ୍ ଅନିରୁଦ୍ଧ ପ୍ରଧାନଙ୍କୁ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ, ପ୍ରମୋଦ କୁମାର ପୃଷ୍ଟିଙ୍କୁ କଟକ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ନିହାର ରଞ୍ଜନ କହଁରଙ୍କୁ ରାୟଗଡା ଅତିରିକ୍ତ ଜିଲ୍ଲାପାଳ, ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରବୀନ୍ଦ୍ର କୁମାର ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ପ୍ରବୀଣ କୁମାର ବଣୁଆଙ୍କୁ ବୌଦ୍ଧ ଉପଜିଲ୍ଲାପାଳ, ଅରୁଣ କୁମାର ନାୟକଙ୍କୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଯୋଗରଞ୍ଜନ ନାୟକଙ୍କୁ ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଓ ଜଗଦୀଶ ଷଡ଼ଙ୍ଗୀଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ ଭାବେ ବଦଳି ହୋଇଛି। ବରିଷ୍ଠ ଓଏଏସ୍ ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ଅଂଶୁମାନ ଶତପଥୀଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ କାର୍ଯ୍ୟାଳୟରେ ଓଏସଡି ଭାବେ ବଦଳି ହୋଇଛି। ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର, କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଓ ମନ୍ମଥ କୁମାର ନାୟକଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ସେହିପରି ପଂଚାୟତିରାଜ ବିଭାଗ ପକ୍ଷରୁ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ଜାରି ହୋଇଛି। ଗୋଟିଏରେ ୫୦ଟି ବ୍ଲକରେ ଓ ଅନ୍ୟଟିରେ ୧୯ଟି ବ୍ଲକରେ ନୂଆ ବିଡିଓଙ୍କୁ ଅବସ୍ଥାପିତ କରାଯାଇଛି।

### ପ୍ରବାସୀଙ୍କୁ ଶ୍ରେଷ୍ଠ...

ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର। ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟୁଇନସିଟିକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହ ଉତ୍ସବ ମୁଖର କରାଯାଇଛି। ତେଣୁ ଏହି ଅବସରରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରନ୍ତୁ ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ନିବେଦନ କରୁଛି। ଆସନ୍ତୁ ସମସ୍ତେ ମିଶି ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବା ଓ ପ୍ରବାସୀମାନେ ଯେପରି ନିଜ ଜନ୍ମମାଟିରେ ଅଛନ୍ତି, ସେଭଳି ଅନୁଭବ ସେମାନଙ୍କୁ ଦେବା। ଆଉ ତାଙ୍କ ଜୀବନର ସବୁଠାରୁ ଭଲ ଅନୁଭୂତି ସେମାନେ ଯେପରି ପାଇବେ ସେ ଦିଗରେ ପ୍ରଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

### ଆଠଗଡ଼ରେ...

ପଞ୍ଚାୟତର ୩୩ ବର୍ଷିଆ ଖୁଲଣା ସାହୁ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା। ୫୦ ବର୍ଷୀୟ ଚୈତନ୍ୟ ସାହୁ ବି ଏହି ତାଲିକାରେ ଅଛି। ସେହିଭଳି ମାସକୁ ମାସ ଭତ୍ତା ହାତେଇ ନେଉଥିବା ଗାୟତ୍ରୀ ପଣ୍ଡା, ପ୍ରହଲ୍ଲାଦ ସାହୁ, ଲକ୍ଷ୍ମୀ ସାହୁ, ଦବେକୀ ରାଉତ, ଗୋପାଳ ସାହୁ ପ୍ରମୁଖଙ୍କ ବୟସ ନହେଲେ ବି ସେମାନେ ଭତ୍ତା ନିୟମିତ ପାଉଛନ୍ତି। ଭତ୍ତା ପାଇବାର ସର୍ବନିମ୍ନ ବୟସ ୬୦ବର୍ଷ ହୋଇଥିବାବେଳେ ଏମାନଙ୍କୁ କିଏ କେମିତି ଭତ୍ତା ଦେଲା ଓ ଏମାନେ କିଭଳି ହାତେଇଲେ ତାହା ଏବେ ଆଠଗଡରେ ଚର୍ଚ୍ଚାର ବିଷୟ ହୋଇଛି। ବିନା ରାଜନୈତିକ ପୃଷ୍ଠପୋଷକତାରେ ଏଭଳି ଭତ୍ତା ଦେବା ଓ ନେବା ଆଦୌ ସମ୍ଭବ ନୁହେଁ। ମାଳ ମାଳ ଭତ୍ତା କେଳେଙ୍କାରୀ ପଦାକୁ ଆସିବାପରେ ୩୫୮୪ ଖଣ୍ଡ ଭୋଟରେ ବିଜୟ ହୋଇଥିବା ରାଜା ସ୍ୱାଇଁଙ୍କ ପାଇଁ ଏଭଳି ଭେଣ୍ଡିଆ ଭତ୍ତାଧାରୀମାନେ ସହାୟକ ହୋଇଥିବା ଶ୍ରୀ ବାରିକ କହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ୫୮ବର୍ଷ ବୟସ୍କ ଗନ୍ଧର୍ବ ଖିଲାର ଜଣେ ପୁରୁଷ ହୋଇ ମଧ୍ୟ ବିଧବା ଭତ୍ତା ପାଉଛନ୍ତି। ନିର୍ବାଚନ ପୂର୍ବରୁ ଏଭଳି ଆଖିବୁଜା ଭତ୍ତା ବଣ୍ଟନ ଓ ବ୍ୟାଙ୍କ ବଦଳରେ ଭତ୍ତାଧାରୀଙ୍କ ଘରେ ଅର୍ଥ ପହଞ୍ଚାଯିବା ଯୋଗୁଁ ଏଭଳି କେଳେଙ୍କାରୀ ହୋଇଛି। କେବଳ ଆଠଗଡର ବିଧାୟକ ନୁହଁନ୍ତି ରାଜ୍ୟର ଅନେକ ବିଜେଡି ବିଧାୟକଙ୍କ ପାଇଁ ଭତ୍ତାଧାରୀମାନେ ଭଗବାନ ପାଲଟିଥିବା କୁହାଯାଉଛି। ତେବେ ମୋହନ ସରକାର ଏଥିପ୍ରତି କିଭଳି ଆଭିମୁଖ୍ୟ ପୋଷଣ କରୁଛନ୍ତି ଓ ଭତ୍ତା ଗଡବଡର ନିର୍ଦ୍ଦେଶକମାନଙ୍କୁ କେବେ ବାନ୍ଧୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

### ୧୦୦ ମୃତ...

ସକାଳ ପ୍ରାୟ ୬ଟା ୪୦ ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ଝଟ୍‌କା ଅନୁଭୂତ ହେବାରୁ ପ୍ରଭାବିତ ଅଞ୍ଚଳର ଲୋକେ ଘରୁ ତୁରନ୍ତ ବାହାରକୁ ପଳାଇଆସିଥିଲେ। ଭାରତରେ ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୦ ରହିଛି। ତେବେ ଭାରତରେ ବିଶେଷ କୌଣସି କ୍ଷୟକ୍ଷତି ଘଟି ନ ଥିବା ଜଣାପଡ଼ିଛି। ମାଲଦା ଏବଂ ସିକ୍କିମ୍ ସମେତ ଉତ୍ତର ବେଙ୍ଗଲର କିଛି ଅଞ୍ଚଳରେ କମ୍ପନ ଜାରି ରହିଥିଲା। ଅବଶ୍ୟ ମାତ୍ର ପ୍ରାୟ ପାଞ୍ଚ ସେକେଣ୍ଡ ପର୍ଯ୍ୟନ୍ତ ଏହି କମ୍ପନ ସୃଷ୍ଟି ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ନେପାଳ ଓ ଭାରତର ଏମର୍ଜେନ୍ସି ଟିମ୍ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସୂଚନାଯୋଗ୍ୟ ଯେ ଲାବୁଚେ ଏଭରେଷ୍ଟ୍ ବେସ କ୍ୟାମ୍ପ୍‌ଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ସାଢ଼େ ୮ କିମି ଦୂରରେ ଓ ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ଦେଢ଼ ଶହ କିମି ଦୂରରେ ଅବସ୍ଥିତ।

# ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ ପିଆଇଓ ଏକ୍ସଲେନ୍ସ ସମ୍ମାନ




**ଭୁବନେଶ୍ୱର, ୭।୧ (ସଂଚାର ବ୍ୟୁରୋ) :** ଭୁବନେଶ୍ୱରରେ ୮ତାରିଖରୁ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ଗ୍ଲୋବାଲ୍ ଅର୍ଗାନାଇଜେସନ୍ ଅଫ୍ ପିପୁଲ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଗୋପିଓ)ର ସଦସ୍ୟମାନେ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ କିସ୍ ପରିଦର୍ଶନ କରି କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସେମାନେ ସମ୍ବୋଧିତ କରିବା ପରେ କିଟ୍ ପରିସରରେ ଆୟୋଜିତ 'ଭାରତ ୨୦୨୫ ଏବଂ ଭାରତୀୟ ବଂଶୋଦ୍ଭବ- ଏକ ଭାବ ବିନିମୟ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱର ୩୦ଟି ଦେଶର ୧୪୦ଜଣ ପ୍ରତିନିଧି ଯୋଗ ଦେଇଥିଲେ ।

ଏହି ଅବସରରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ ପିଆଇଓ ଏକ୍ସଲେନ୍ସ ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ଓଏସ୍‌ଡି ସନ୍‌ମୁଗନ୍ ମୁକ୍କାନ ଓ ଜେଏନ୍‌ୟୁର ଇଣ୍ଟରନ୍ୟାସ୍‌ନାଲ୍ ଷ୍ଟଡିଜ୍ ବିଭାଗ ମୁଖ୍ୟ ପ୍ରଫେସର ଅଜୟ କୁମାର ଦୁବେଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କିଟ୍ ଓ କିସ୍‌ରେ ଆୟୋଜିତ ସମ୍ମିଳନୀରେ ଗୋପିଓର ସଦସ୍ୟ ଓ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି ବିଶ୍ୱସ୍ତରରେ କିଭଳି ଓଡ଼ିଶା ତଥା ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଆଦିର ପ୍ରଚାର ପ୍ରସାର କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍‌ର ସଭାପତି ଡ. ପୋନ୍ନୁସାମି ମୁଥେୟା, ଉପସଭାପତି ବିନୟ ଦୁସୋୟେ ଓ ମହାସଚିବ ଏ ରବୀନ୍ଦ୍ରନ୍ ଅର୍ଜୁନନ୍ ପ୍ରମୁଖ ଯୋଗଦେଇ ଏହି ସମ୍ମିଳନୀ ଭାରତୀୟ ବଂଶୋଦ୍ଭବ ଓ ଭାରତୀୟଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ମତ ପୋଷଣ କରିଥିଲେ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ଚେୟାର ପ୍ରତିଷ୍ଠା ନେଇ ଗୋପିଓ ଇଣ୍ଟରନ୍ୟାସ୍‌ନାଲ୍ ଓ କିଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

# ଓଡ଼ିଶା କରିବ ଅତିଥି ଚର୍ଚ୍ଚା



## ପର୍ଯ୍ୟଟନ ଭିତ୍ତିଭୂମିର ହେବ ବିକାଶ
## ମା' ମଙ୍ଗଳାଙ୍କୁ ଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**କାକଟପୁର/ଅସ୍ତରଙ୍ଗ, ୭।୧ (ସଂଚାର ବ୍ୟୁରୋ) :** ଅତିଥି ଦେଖିବ ସାରା ବିଶ୍ୱ। ଚାଲିଛି ବଡ଼ ଆୟୋଜନ। କିନ୍ତୁ ସମୟ କମ୍ ଥିଲେ ବି ହେବନି କୌଣସି ଥିରେ ଊଣା। ଅତିଥି ସତ୍କାରରେ ଉଦାହରଣ ସାଜିବ ଓଡିଶା। ଓଡିଶାର କଳା, ସଂସ୍କୃତି କରିବ ସମସ୍ତଙ୍କୁ ବିମୋହିତ। ସେଥିପାଇଁ ଚାଲିଛି ସବୁ ପର୍ଯ୍ୟଟନ ସ୍ଥଳୀରେ ବିରାଟ ଆୟୋଜନ। ସୌନ୍ଦର୍ଯ୍ୟକରଣ ଠାରୁ ଆରମ୍ଭ କରି ସ୍ୱଚ୍ଛତା କେଉଁଥିରେ ହେବା ନାହିଁ କମ୍ପରମାଇଜି। ସାଜସଜ୍ଜା ଚାଲିଛି ପ୍ରବାସୀ ଭାରତୀୟ ମାନଙ୍କ ପାଇଁ। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କୁ ଦର୍ଶନ କରି ପ୍ରବାସୀ ଭାରତୀୟ ମାନଙ୍କ ଶୁଭ ମନାସିବା ସହ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ପୂଜାର୍ଚ୍ଚନା କରିଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ପ୍ରବାସୀ ଭାରତୀୟ ମାନଙ୍କ ୩ଦିନିଆଁ ସମ୍ମିଳନୀ ବିଶ୍ୱଦରବାରରେ ଓଡିଶାକୁ ପ୍ରତିପାଦିତ କରିବ। ୩୧ଟି ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବେ ପ୍ରବାସୀ ଭାରତୀୟ। ୭ହଜାର ପାଖାପାଖି ପ୍ରବାସୀ ଭାରତୀୟ ଆସିବେ।

ଜଗତଜନନୀ ମା ମଙ୍ଗଳା ମନ୍ଦିର ପରିଦର୍ଶନ ସରିବା ପରେ ପର୍ଯ୍ୟଟନମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଏଥର ରାଜ୍ୟରେ ଅଦ୍ଭୁତ ସଂଯୋଗ ହୋଇଛି। ବିହଙ୍ଗ ଅତିଥି ହୋଇ ଆସିବେ ତାକୁ ଦେଖିବା ପାଇଁ ପ୍ରବାସୀ ଭାରତୀୟ ମଧ୍ୟ ଓଡିଶା ଆସିବେ ବୋଲି କହିଛନ୍ତି। ଏହା ଶହ କହିଛନ୍ତି ଦକ୍ଷିଣ ଆଫ୍ରିକାର ଭିକ୍ଟୋରିଆ ହ୍ରଦ ପରେ ବିଶ୍ୱର ଅନ୍ୟ ତମ ବୃହତ୍ତମ ପକ୍ଷୀ ହ୍ରଦ ହେଉଛି ଚିଲିକା। ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀଙ୍କ ଆଗମନରେ ଶୀତ ଦିନେ ଚିଲିକା ସୌନ୍ଦର୍ଯ୍ୟ ଦୁଇଗୁଣା ହେଉଛି। ଏହି ବିଦେଶାଗତ ପକ୍ଷୀଙ୍କ ପାଇଁ ଚିଲିକାରେ ପକ୍ଷୀ ସଂଗ୍ରହାଳୟ ନିର୍ମାଣ ହେବ।

ଉପମୁଖ୍ୟମନ୍ତ୍ରୀ ଗ୍ରସ୍ତ ସମୟରେ ନଗର ପଂଚାୟତର ଦୃଷ୍ଟିହୀନ ବୈକୁଣ୍ଠ ବେହେରା ନିଜ ଜମିଜମା ସମସ୍ୟା ଉପରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି ନିବେଦନ କରିଥିଲେ ସମସ୍ୟା ଦୂର କରିବାକୁ। ଏହାସହ ମଙ୍ଗଳା ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀମାନେ ଲିଖିତ ଦାବୀ ପତ୍ର ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଗ୍ରସ୍ତ ସମୟରେ ମା ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟ ବରିଷ୍ଠ ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ।

## ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ସୋନପୁର, ୭।୧ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଲୋକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଓଡିଶାର ଉପ ମୁଖ୍ୟମନ୍ତ୍ରୀ କେବି ସିଂଦେଓ ଘୋଷଣା କରିଛନ୍ତି ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ଏବଂ ବନ୍ଦ ଥିବା ସୂତାକଳ ପୁଣି ଚାଲିବ। କେବିଙ୍କ ଘୋଷଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ ୨୦୨୪ ବିଧାନସଭା ନିର୍ବାଚନ ପାଇଁ ଅମିତ ଶାହା ସୋନପୁର ଗସ୍ତରେ ଆସିଥିବା ସମୟରେ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ କେବି ସିଂଦେଓ ସୋନପୁର ଗସ୍ତ ସମୟରେ ପୁଣି ଦୋହରେଇଛନ୍ତି। ଯଦି କେବିଙ୍କ ଘୋଷଣା ସତ ହୁଏ ସୋନପୁର ଜିଲ୍ଲାର ଉନ୍ନତି ନିଶ୍ଚିତ ଭାବରେ ହେବ ହେବ ବୋଲି ବୁଦ୍ଧି ଜିବି ମତ ପ୍ରକାଶ କରିଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ
# ଅମାନିଆଙ୍କୁ ହେଲମେଟ ବାଣ୍ଟିଲା ପୁଲିସ

**ନୟାଗଡ଼, ୭।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ପୁରୁଣା ବସ ଷ୍ଟାଣ୍ଡଠାରେ ଆଜି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ନୟାଗଡ଼ ପୁଲିସ, ପରିବହନ ବିଭାଗ, ସିଭିଲ ସୋସାଇଟ ଓ ବସ ଆସୋସିଏସନ ପକ୍ଷରୁ ମିଳିତ ଭାବେ ପାଳନ କରାଯାଇଛି । ଆଜିର ଏହି ଦିବସରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ ଯୋଗ ଦେଇ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବିଭିନ୍ନ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା। ଏଥି ସହିତ ଯେଉଁମାନେ ହେଲମେଟ ପିନ୍ଧି ନଥିଲେ ସତର୍କତା କରାଯିବା ସହ ହେଲମେଟ ପ୍ରଦାନ କରାଯାଇଥିଲା ।



ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା । ଗାଡି ଚଳାଇବାବେଳେ ମୋବାଇଲରେ କଥାବାର୍ତ୍ତା ହେବା, ମଦ୍ୟପାନ କରି ଗାଡି ଚଳାଇବା, ହେଲମେଟ ନ ପିନ୍ଧିବା, ବାଇକରେ ତିନି ଜଣ ବସି ଯିବା ବ୍ୟକ୍ତିମାନଙ୍କୁ ସଚେତନତା କରାଯିବା ସହ ସେମାନଙ୍କୁ ହେଲମେଟ ବଣ୍ଟନ କରାଯାଇଥିଲା । ଟ୍ରାଫିକ ନିୟମ ନମାନୁଥିବା ଲୋକମାନଙ୍କୁ ଯମରାଜ ବେଶରେ ସଚେତନତା କରାଯାଇଥିଲା। ନିୟମ ନମାନିଲେ ଯମରାଜଙ୍କ ପ୍ରହାର ସହ ଚିତ୍ରଗୁପ୍ତଙ୍କ ମାଧ୍ୟମରେ ଖୁବ ଶୀଘ୍ର ଯମ ପୁରକୁ ଯିବ ବୋଲି ସଚେତନତା କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା ନିହାତି ଜରୁରୀ ବୋଲି ସଚେତନତା କରାଯାଇଥିଲା।

ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡା ୯ ହଜାର ଚାଲାଣ କଟାଯିବା ସହ ୬୩ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲୁ ରହିବ ବୋଲି ସେ ପ୍ରକାଶ କରିଥିଲେ । ନିୟମକୁ ନମାନିଲେ ନିଜ ପରିବାରର କ୍ଷତି ହେବ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସଡିପିଓ ସୁଦର୍ଶନ ଗାଙ୍ଗୋଇ, ବସ ଆଶୋସିଏସନର ସଭାପତି ମନୋଜ ନାୟକ, ସମ୍ପାଦକ ସେକ ଇସୁବ, ସିଭିଲ ସୋସାଇଟ ପକ୍ଷରୁ ଗୋଦାବରୀଶ ମିଶ୍ର, ଭଗବତୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏଥି ସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ ।

# ଆଇଟିବିପିର ପ୍ରତିଷ୍ଠା ଦିବସରେ ଯୋଗଦେଲେ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ



**ଖୋର୍ଦ୍ଧା, ୭।୧ (ସଂଚାର ବ୍ୟୁରୋ) :** ଇଣ୍ଡୋ-ତିବ୍ବତୀୟ ସୀମା ସୁରକ୍ଷା ବଳ (ଆଇଟିବିପି)ର ୬୩ତମ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ତରତୁଆ ସ୍ଥିତ ୪୧ଟି ବାଟାଲିୟନ କ୍ୟାମ୍ପସରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କ୍ୟାମ୍ପସରେ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆଇଟିବିପି ମହାନିର୍ଦ୍ଦେଶକ ଶ୍ରୀ ରାହୁଲ ରସଗୋତ୍ରା ମୁଖ୍ୟ ଅତିଥି ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିବା ସହ ଗତ ଏକ ବର୍ଷ ମଧ୍ୟରେ ଫୋର୍ସର ମହତ୍ୱପୂର୍ଣ୍ଣ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ମାନ୍ୟବର କେନ୍ଦ୍ରମନ୍ତ୍ରୀ ଆଇଟିବିପି କର୍ମୀଙ୍କୁ ୬୨ ବର୍ଷର ଉତ୍ସର୍ଗୀକୃତ ସେବା ସମାପ୍ତ କରି ଅଭିନନ୍ଦନ ଜଣାଇବା ସହ ହିମାଳୟ ସୀମାରେ ଆହ୍ୱାନପୂର୍ଣ୍ଣ ଅବସ୍ଥାରେ ଦେଶର ସୀମା ରକ୍ଷା କରିବାରେ ସେମାନଙ୍କର ଅଦମ୍ୟ ଉତ୍ସାହ, ପ୍ରତିବଦ୍ଧତା ଏବଂ ସଚେତନତାକୁ ପ୍ରଶଂସା କରିଛନ୍ତି।

ପ୍ରତିକୂଳ ପରିସ୍ଥିତିରେ ହିମଭର୍ସଙ୍କ ଦ୍ୱାରା ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ସେବାଗୁଡିକ ବିଷୟରେ ସରକାରଙ୍କ ସଚେତନତାକୁ ସେ ସ୍ୱୀକାର କରିଛନ୍ତି। ଏହି ଅବସରରେ ସର୍ବଭାରତୀୟ ସ୍ତରରେ ଆଇଟିବିପି ବିଭିନ୍ନ ପ୍ରକଳ୍ପ ଇ -ଡିଜିଟାଲ ମାଧ୍ୟମରେ ଉଦଘାଟନ କରିଥିଲେ। ଭାରତ ସରକାର ଆଇଟିବିପିର ଆଧୁନିକରଣ ସହ ସମସ୍ତ ସୁବିଧା ଉପଲବ୍ଧ ପାଇଁ ପ୍ରତିବଦ୍ଧ। ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ନିର୍ମାଣ ସହ ପରିବାରକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନିଜର ବକ୍ତବ୍ୟ ପ୍ରଦାନରେ ମନ୍ତ୍ରୀ କହିଥିଲେ। ସମସ୍ତ ଆଇଟିବିପି ଏକ କଣ୍ଟିଜେଣ୍ଟ , ମହିଳା କଣ୍ଟିଜେଣ୍ଟ, ପର୍ବତାରୋହି ଏବଂ ପାରାଟ୍ରପର,କୁକୁର ଚିତାକର୍ଷକ ପରେଡ଼ ପଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ଏଥିସହିତ ସମରକଳା, ଷ୍ଟିଙ୍ଗ ଅପରେସନ, ପର୍ବତାରୋହଣ ବିଭିନ୍ନ କୌଶଳ ପଦର୍ଶନ ଅପରେସନ ଦେଖାଇଥିଲେ।

## ବୋରିଗୁମ୍ମା ନୂତନ କୋର୍ଟ କୋଠାର ଶିଳାନ୍ୟାସ



**ବୋରିଗୁମ୍ମା, ୭।୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକସ୍ଥିତ ଦୁଲ୍‌ହା ନିକଟରେ ନିର୍ମାଣ ହେବାକୁ ଥିବା ଜେଏମଏଫସି କୋର୍ଟର ନୂତନ କୋଠା ନିର୍ମାଣ ନିମନ୍ତେ ସମବାର ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ, ଜଷ୍ଟିସ ଏସକେ ସାହୁ, ଜଷ୍ଟିସ କେ. ଆର. ମହାପାତ୍ର ଆଭାସି ମାଧ୍ୟମରେ ନୂତନ କୋଠା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସରେ ଯୋଗ ଦେଇଥିବା ବେଳେ ବୋରିଗୁମ୍ମା ପ୍ରଥମ ଶ୍ରେଣୀ ବିଚାରପତି ସ୍ୱସ୍ତିକା ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରକାଶ ଥାଉକି, ୨୦୧୯ ମସିହା ଜାନୁୟାରୀ ୫ ତାରିଖରେ ବୋରିଗୁମ୍ମା ଠାରେ ଜେଏମଏଫସି କୋର୍ଟର ଶୁଭାରମ୍ଭ ବୋରିଗୁମ୍ମା ବ୍ଲକ ମହକୁମାସ୍ଥିତ ଶିକ୍ଷକ ଭବନ ଠାରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ କୋର୍ଟ କାର୍ଯ୍ୟ ଚାଲୁରହିଛି। ନୂତନ କୋର୍ଟ କୋଠା ନିର୍ମାଣ ହେଲେ ଓକିଲ ଓ ମହକିଲ ସମସ୍ତଙ୍କ ନିମନ୍ତେ ସୁବିଧା ହେବ ବୋଲି ଅତିଥିମାନେ କହିଥିଲେ। ଏହି କୋଠା ନିର୍ମାଣ କାର୍ଯ୍ୟ ୩ କୋଟି ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେଉଛି।

## ମଣ୍ଡି ପରିଦର୍ଶନ କରିବା ସହ ଧାନ ବିକିଲେ ସାଂସଦ ବଳଭଦ୍ର ମାଝୀ



**ନବରଙ୍ଗପୁର, ୭।୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମଣ୍ଡି ପରିଦର୍ଶନ କରିବା ସହ ଚାଷୀ ଭାବେ ନିଜ ଜମିର ଧାନ ବିକ୍ରି କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକର କୋଇଲି ମୁଣ୍ଡା ଗ୍ରାମର ଧାନ ମଣ୍ଡିରେ ଆଜି ସକାଳେ ସାଂସଦ ବଳଭଦ୍ର ମାଝୀ ଧାନ ବିକ୍ରି କରିବାକୁ ଆଣିଥିଲେ। ପ୍ରଥମ ପର୍ଯ୍ୟାୟ ରେ ଟୋକେନ ଅନୁଯାୟୀ ସାଂସଦ ୭୫ କ୍ୟୁଣ୍ଟାଲ ଧାନ ବିକ୍ରି କରିଥିଲେ। ଏହା ପରେ ସେ ଧାନ ମଣ୍ଡିରେ ଧାନ ଆଣିଥିବା ଚାଷୀ ମାନଙ୍କ ସହ ଆଲୋଚନା କରି ମଣ୍ଡିରେ କିଛି ସମସ୍ୟା ଅଛି କି ନାହିଁ ସେ ବାବାଦରେ ପଚାରି ବୁଝିବା ସହ ତଥ୍ୟ ସଂଗ୍ରହ କରିଥିଲେ। ରାଜ୍ୟ ସରକାର ମଣ୍ଡିରେ ସୁବ୍ୟବସ୍ଥା କରିବା ସହ ବୋନସ ୮୦୦ ଟଙ୍କା ଦେଉଥିବାରୁ ଚାଷୀ ମାନେ ଖୁସି ଥିବା କହିଥିଲେ। ରାଜ୍ୟ ସରକାର ଚାଷୀଙ୍କ ହିତ ପାଇଁ ସଦା ସର୍ବଦା ଚେଷ୍ଟିତ ଅଛନ୍ତି ଓ ମଣ୍ଡି ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସାଂସଦ ଶ୍ରୀ ମାଝୀ କହିବା ସହ ପ୍ରଥମେ ସେ ଜଣେ ଚାଷୀ, ତେଣୁ ମଣ୍ଡିରେ ନିୟମାନୁଯାୟୀ ସେ ଧାନ ବିକ୍ରି କରିଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ବିଜେପି ପକ୍ଷରୁ ମହାମାୟା ଚଉଷଠି ଯୋଗିନୀ ପୀଠ ସଫେଇ




**ବାଲିଅନ୍ତା, ୭।୧ (ସଂଚାର ବ୍ୟୁରୋ) :** ୮ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୮ମ ପ୍ରବାସୀ ସମ୍ମିଳନୀ ପାଇଁ ମନ୍ଦିର ମାଳିନୀ ସହର ପରିଷ୍କାର ପରିଚ୍ଛନ୍ନତା ସହିତ ବିଭିନ୍ନ ରଙ୍ଗ ବେରଙ୍ଗ ଚିତ୍ରଦ୍ୱାରା ସାଜ ସଜା ହୋଇଥିବାବେଳେ ସୋମବାର ୧୦ ଘଟିକା ସମୟରେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ ମନ୍ଦିର ସମ୍ମୁଖ ଭାଗରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଞ୍ଜୋଜକ ପ୍ରଶାନ୍ତ ଆଦିତ୍ୟ, ସମିତି ସଭ୍ୟ ରଞ୍ଜନ ମହାପାତ୍ର, ସ୍ଥାନୀୟ ସରପଂଚ ରମାଲତା ନାୟକ, ଝିଲି ସାମନ୍ତରାୟ, ରାଜ୍ୟ ଅନୁସୂଚିତ ବର୍ଗର ସମ୍ପାଦକ ଜଗନ୍ନାଥ ବେହେରା, ଦୀନବନ୍ଧୁ ଭୋଇ , ପ୍ରିୟବ୍ରତ ପାତ୍ର , କାଳନ୍ଦୀ ସେଠୀ ଓ ପବିତ୍ର ଭୋଇ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।

# ଦକ୍ଷତା ବିକାଶ ତାଲିମ ପାଇଁ ପ୍ରସ୍ତୁତି ବୈଠକ



**ବୋରିଗୁମ୍ମା, ୭।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଆସନ୍ତା ୧୬ ତାରିଖରେ ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ଠାରେ ଆୟୋଜିତ ହେବାକୁ ନିଯୁକ୍ତି ମେଳାରେ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋରିଗୁମ୍ମା ବିଡିଓ ସନ୍ଧ୍ୟା ସମରଥ ଏବଂ କର୍ମ ନିଯୁକ୍ତି ଅଧିକାରୀ ଶୁଭେନ୍ଦୁ ମିଶ୍ରଙ୍କ ଉପସ୍ଥିତିରେ ଏହାର ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା।

ଏଥିରେ ୮ମ ଶ୍ରେଣୀ ପାସ ଠାରୁ ସ୍ନାତକ ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଗ୍ରହଣ କରିଥିବା ଯୁବକ ଓ ଯୁବତୀମାନଙ୍କୁ କର୍ମନିଯୁକ୍ତି ପାଇଁ ତାଲିମ ଏବଂ ନିଯୁକ୍ତି ନେଇ ପଞ୍ଜିକରଣ କାର୍ଯ୍ୟକ୍ରମ କରାଯିବ। ଏଥରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ଯୁବକ ଯୁବତୀ ମାନଙ୍କୁ ଏଠାରେ ଉପସ୍ଥିତ ରହିବା ନେଇ ସମସ୍ତ ସରପଞ୍ଚ, ପିଇଓ ଏବଂ ଜିଆରଏସ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ରଞ୍ଜନ କୁମାର ରାଉତ, ମହେନ୍ଦ୍ର ପଣ୍ଡା ଏବଂ ଅନ୍ୟାନ୍ୟ ପିଇଓ ଉପସ୍ଥିତ ରହିଥିଲେ।

# ବିଜେଡି ଯୁବ ସଭାପତି ପଦରୁ ଅରୁପ୍ରସାଦଙ୍କ ଇସ୍ତଫା



**କୁଜଙ୍ଗ, ୭।୧ (ସଂଚାର ବ୍ୟୁରୋ):** ବିଜୁ ଯୁବ ଜନତା ଦଳ କୁଜଙ୍ଗ ବ୍ଲକ ସଭାପତି ଅରୁ ପ୍ରସାଦ ମହାନ୍ତି ତାଙ୍କ ପଦପିରୁ ଆଜି ଇସ୍ତଫା ଦେଇଥିବା ଜଣାପଡିଛି। ଆକସ୍ମିକ ଭାବେ ଶ୍ରୀ ମହାନ୍ତି ସଭାପତି ପଦରୁ ଅବ୍ୟାହତି ନେଇଥିବା ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ସେ ଦୀର୍ଘ ଦିନ ଧରି ବିଜୁ ଜନତା ଦଳରେ ସକ୍ରିୟ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ଦିବଂଗତ ନେତା ଡାକ୍ତର ଦାମୋଦର ରାଉତ, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ଏକାନ୍ତ ଅନୁଗତ ଭାବେ ସେ କାର୍ଯ୍ୟ କରିଆସୁଥିଲେ। ପରେ ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ଗତ ୨୦୧୯ ମସିହାରେ ସମ୍ବିତ ରାଉତରାୟଙ୍କ ସୁପାରିଶକ୍ରମେ ଦଳ ଶ୍ରୀ ମହାନ୍ତିଙ୍କୁ ସାଂଗଠନିକ ଦାୟିତ୍ୱ ତଥା ବିଜେଡି ବ୍ଲକ ଯୁବ ସଭାପତି ଭାବେ ନିଯୁକ୍ତ କରିଥିଲା।

# ଅଦିନିଆ ବର୍ଷା ଉଜାଡ଼ିଦେଲା ବିଲାତି ଫସଲ



**ନାଉଗାଁ, ୭।୧ (ସଂଚାର ବ୍ୟୁରୋ):** ଗତ ଲଘୁଚାପଜନିତ ଲଗାଣ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। କଥାରେ ଅଛି ଚାଷୀ ହସିଲେ ଦେଶ ହସିବ ଚାଷୀ କାନ୍ଦିଲେ ଦେଶ କାନ୍ଦିବ। ବାସ୍ତବରେ ଏହି ଉକ୍ତି ଟି ଆଜି ସତ ହୋଇଛି। ଚାଷୀ ତାର ଶ୍ରମ ସହିତ ବିଡ଼ା ବିଡ଼ା ଟଙ୍କା ଖଟାଇ ସୁନାର ଫସଲ କ୍ଷେତରେ ଫଳେଇଥିଲା। କିନ୍ତୁ ଦଇବ ଦାଉ ସାଜିଲା ଭଳି ଫସଲ ଅମଳ ସମୟରେ ଆସିଲା ଅଦିନିଆ ବର୍ଷା ସବୁ ନଷ୍ଟ ଭ୍ରଷ୍ଟ କରି ଚାଷୀ କୁଳକୁ ଭିକାରୀ ସଜେଇ ଚାଲିଗଲା । ଧାନ ଫସଲ ସହିତ ପରିବା ଚାଷକୁ ମଧ୍ୟ ନଷ୍ଟ କରିଦେଇଗଲା।

ସୂଚନା ମୁତାବକ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ସୁଦ୍ଧକଣ୍ଠି ଗ୍ରାମର ଅନାଥ ଭୋଇ ଯିଏକି ନିଜ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିରେ ଭାଗ ଚାଷ କରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଏକ ଏକର ଜମିରେ ବିଲାତି ଚାଷ କରିଥିଲେ। ଚଳିତ ବର୍ଷ ଫସଲ ବି ଭଲ ହୋଇଥିଲା ଟମାଟୋ ଗଛରେ ଫଳ ବି ଆସିଯାଇଥିଲା କିନ୍ତୁ ଏ ଅଦିନିଆ ବର୍ଷା ପାଇଁ ବିଲାତି ଫଳରେ ପୋକ ଲାଗିବା ସହିତ ସବୁ ଫଳ ପଚି ଶଢ଼ି ଯାଉଛି ଓ ଗଛ ଗୁଡିକ ବି ମରିବାକୁ ଲାଗିଲାଣି ଯାହାକୁ ନେଇ ଏବେ ସମ୍ପୂର୍ଣ୍ଣ ଚିନ୍ତାରେ ଅଛନ୍ତି ବିଲାତି ଚାଷୀ ଅନାଥ। କଣ କରିବେ କେଉଁଠୁ ଆଣିବେ କିପରି ଶୁଝିବେ ଆଣିଥିବା ଧାର୍ କରଜ ଟଙ୍କା। ଅପରପକ୍ଷେ ବଜାରରେ ପରିବା ଦର ଆକାଶ ଛୁଆଁ ରହିଥିବା ବେଳେ ପ୍ରାୟତଃ ଏହି ସମୟରେ ପରିବା ଦର ଟିକେ ହ୍ରାସ ପାଇଥାଏ କିନ୍ତୁ ଏ ଅଦିନିଆ ବର୍ଷା ରେ କ୍ଷୟକ୍ଷତି ପାଇଁ ଚଳିତ ବର୍ଷ ପରିବା ଦର କମିବାର ନାଁ ଧରୁନି। ତେଣୁ ସରକାରଙ୍କ ତରଫରୁ କ୍ଷୟ କ୍ଷତିର ଆକଳନ କରାଯାଇ ଅନାଥ ଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଅନାଥ ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି।

### ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
## ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ

**ନିମାପଡ଼ା, ୭।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ବାରବାଟି ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ନିମାପଡ଼ା କପ୍ କ୍ରିକେଟ୍ ତଥା ୧ମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧ମ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କଟକର ମାଷ୍ଟର୍ସ କ୍ଲବକୁ ୯ ୱିକେଟରେ ହରାଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ମାଷ୍ଟର୍ସ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୩୦ ଓଭର ମ୍ୟାଚରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହେଇ ୨୫.୪ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୭ ରନ ସଂଗ୍ରହ କରିଥିଲା।ଦଳ ପକ୍ଷରୁ ସୌରଭ ସିଂ ୨୪ ରନ ସଂଗ୍ରହ କରିଥିଲେ। ବୋଲର ଏମ ଜି ଗୋପାଲ ୬ ଓଭର ବୋଲିଂ କରି ୨ ମେଡେନ ୧୨ ରନ ଦେଇ ୩ଟି ଓ ଅଭିଷେକ ନାଥ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ମାତ୍ର ୧୨.୧ ଓଭରରେ ଗୋଟିଏ ୱିକେଟ୍ ହରାଇ ଆବଶ୍ୟକୀୟ ରନ କରିବା ସହ ମ୍ୟାଚକୁ ଏକ ତରଫା ଭାବେ ୯ ୱିକେଟରେ ଜିତି ନେଇଥିଲା। ଦଳ ପକ୍ଷରୁ ଶୁଭାଶିଷ ମଲ୍ଲିକ ଅର୍ଦ୍ଧଶତକ କରିବା ସହ ସାରାଂଶ କୁମାର ୩୦ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ରାମେଶ୍ୱର ସ୍ପୋର୍ଟିଂର ଏମ ଜି ଗୋପାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା। ସମ୍ବିତ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିବାବେଳେ ଓମ୍ ରଞ୍ଜନ ପ୍ରଧାନ ଓ ରୋଶନଜିତ୍ ରାୟ ସ୍କୋରର୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଓ ରେଲୱେ ଟିମ୍ ଖୋର୍ଦ୍ଧା ମଧ୍ୟରେ ଖେଳାଯିବ ବୋଲି ଆସୋସିଏସନର କ୍ରିକେଟ୍ ସମ୍ପାଦକ ଅକ୍ଷୟ କୁମାର ବେହେରା ସୂଚନା ଦେଇଛନ୍ତି।




## କଣାସ ଅଞ୍ଚଳରେ ଦନ୍ତାହାତୀ ଆତଙ୍କ

**କଣାସ, ୭।୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ଗଡ଼ସାନପୁଟ ଗ୍ରାମପଞ୍ଚାୟତ କଣ୍ଠାବଣିଆ ଗ୍ରାମରେ ଏକ ଦନ୍ତାହାତୀ ଗତକାଲି ରାତ୍ରରେ ପ୍ରବେଶ କରି ବଳରାମ ସୁନ୍ଦରାୟଙ୍କ ବାଡି ଭାଙ୍ଗି ଦୁଆରେ ଥୁଆହୋଇଥିବା ଧାନବସ୍ତା ଖାଇବାପରେ ଆଜି ଚୌଦମୌଜା ବିଦ୍ୟୁତ୍ ମହାବିଦ୍ୟାଳ ମଧ୍ୟରେ ପ୍ରବେଶ କରି ୩ଟି ସ୍ଥାନରେ ମହାବିଦ୍ୟାଳୟର ପାଚେରୀ ଭାଙ୍ଗିବା ସହ ଅନେକ ଗଛଲତା ଭାଙ୍ଗିବା ପରେ ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ପାଚେରୀ ଭାଙ୍ଗି ଅନେକ ଗଛଲତା ଭାଙ୍ଗି ଆତଙ୍କ ରାଜ ସୃଷ୍ଟିକରିଛି। ଦନ୍ତାହାତୀର ଉପଦ୍ରବ ଦେଖି ଜନସାଧାରଣ ଆତଙ୍କ ଭିତରେ ଥିବା ବେଳେ ଦନ୍ତାହାତୀକୁ ଫେରାଇ ନେବାପାଇଁ ବନ ବିଭାଗର ଅନେକ କର୍ମଚାରୀ ଏବଂ କଣାସ ଥାନାର ପୋଲିସ୍ କର୍ମଚାରୀମାନେ ଘଟଣାସ୍ଥଳରେ ଜଗିରହିଛନ୍ତି।



# ବାଲି ମାଫିଆଙ୍କ କବଜାରେ ସୋନନଦୀ



**ନୀଳଗିରି, ୭।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି କାଠପାଳ ଅଞ୍ଚଳ ଦେଇ ପ୍ରବାହିତ ହୋଇ ଯାଇଥିବା ସୋନନଦୀ ଏବେ ବାଲି ମାଫିଆଙ୍କ କବଜାରେ। ଖଣିଜ ବିଭାଗ, ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ ସବୁ ଜାଣି ନିରବଦ୍ରଷ୍ଟା ସାଜିଛି। ଏନେଇ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ କରି ଚାଲିଥିବା ବେଳେ ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ମାଫିଆ ମାଲାମାଲ ହେଉଛନ୍ତି। କେତେକ ଅସାଧୁ କର୍ମଚାରୀ ପକେଟ ଗରମ କରି ଏଭଳି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ନୀଳଗିରିର ପୁରୁଣା ଗାଁ ଘାଟ, ଅମ୍ବିକାପୁର ଘାଟ, ବଇଂଚା ଘାଟ, ବାଡ଼ିଆ ଘାଟ, ପୁନ୍ଦାଳ ଘାଟ, ସିଙ୍ଗିରୀ ଘାଟ, ଡୁମଗଣ୍ଡରା ଘାଟ ଅଞ୍ଚଳରେ ଶହ ଶହ ଟ୍ରାକ୍ଟରରେ ମେସିନ ଓ ଅଞ୍ଚଳବାସୀଙ୍କ ସହାୟତାରେ ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ସକାଳ ୯ଟା ପର୍ଯ୍ୟନ୍ତ ଟ୍ରାକ୍ଟର ଯୋଗେ ବାଲି ଉଠାଯାଇ ଆଖପାଖ ଅଞ୍ଚଳରେ ତ କିଏ ଘରବାଡିରେ ରଖୁଛି ତ ଆଉ କିଏ ଗାଁ ଭିତରେ ଗଛିତ କରି ରଖୁଛନ୍ତି। ପ୍ରଶାସନର ଗତିବିଧିକୁ ଜାଣିବା ପାଇଁ ବିଭିନ୍ନ ଛକରେ ଜଗି ରହି ଅଧିକ ଗଚ୍ଛିତ ହେଲେ ବାଲିକୁ ବଡ଼ ବଡ଼ ଟ୍ରକରେ ଲୋଡ କରି ବାହାରକୁ ମଧ୍ୟ ଚାଲାଣ କରି ଦେଉଛନ୍ତି। କିଛିଦିନ ପୂର୍ବରୁ ଦିନରେ ବାଲି ଚୋରି ହେଉଥିବାରୁ ଗ୍ରାମବାସୀମାନେ ବିରୋଧ କରିବାରୁ ଏବେ ବାଲି ମାଫିଆ ରାତରେ ବାଲି ଚୋରି କରୁଛନ୍ତି। ଯେଉଁମାନେ ବିରୋଧ କରୁଛନ୍ତି ତାଙ୍କୁ ଧମକ ମିଳୁଛି। ଗାଁର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଦେଖାଯାଇଛି। ପ୍ରଶାସନ ସେମାନଙ୍କୁ ଆକଟ କରିବାରେ ବିଫଳ ହୋଇଛି। ଜିଲ୍ଲାପାଳ ଘଟଣାର ହସ୍ତକ୍ଷେପ ନକଲେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବାର ଆଶଙ୍କା ରହିଛି।

● ସୂର୍ଯ୍ୟମନ୍ଦିର ଓ ଧଉଳି ବି ବୁଲିଲେ

## ମହାପ୍ରଭୁଙ୍କ ଦର୍ଶନକଲେ କେନ୍ଦ୍ର ମନ୍ତ୍ରୀ



ପୁରୀ,କୋଣାର୍କ,୭।୧(ସଂଚାର ବ୍ୟୁରୋ): ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆଜି ପୁରୀ ଶ୍ରୀମନ୍ଦିର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ପୂର୍ବାହ୍ନରେ ଇଣ୍ଡିଆନ ଅଏଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ଓ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ପତ୍ନୀ କ୍ୟୋକୋ ଜୟଶଙ୍କରଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶ୍ରୀ ଜୟଶଙ୍କର ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଗତ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ କୋଣାର୍କ ଗସ୍ତରେ ଆସି ରାମଚଣ୍ଡୀ ସାହୁଖଣ୍ଡାଠାରେ ଆୟୋଜିତ ହେଉଥିବା ଇକୋ ରିଟ୍ରିଟଠାରେ ରାତ୍ରିଯାପନ କରିଥିଲେ। ସେଠାରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରୀ ଜୟଶଙ୍କର ଆଜି ପୂର୍ବାହ୍ନରେ ବ୍ୟାଖ୍ୟାନ କେନ୍ଦ୍ରରେ ପହଞ୍ଚିବା ପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କିମ୍ବଦନ୍ତୀ ଓ ଇତିହାସ ଉପରେ ପର୍ଯ୍ୟବେସିତ ପ୍ରମାଣିକ ଚିତ୍ର ଦେଖିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ବ୍ୟାଟେରୀଚାଳିତ ଅଟୋ ରିକ୍ସାରେ ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ ଉପଭୋଗ କରିଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କଳାକୃତି, ଭାସ୍କର୍ଯ୍ୟ ଓ ସଂସ୍କୃତି ଅତୀବ ପ୍ରାଚୀନ ଓ ଅଦ୍ୱିତୀୟ ବୋଲି ସେ ମତ ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପୁରୀ ଜିଲ୍ଲା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, କୋଣାର୍କ ଏନଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ।

# ଆଜିଠୁ ଗଡ଼ିବ ଡବଲ୍ ଡେକର୍ ବସ୍

## ସୁଦୃଢ଼ ହେବ ସହରାଞ୍ଚଳ ଜନପରିବହନ: ମୋହନ





ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଗାଡ଼କଣସ୍ଥିତ ମୋ ବସ୍ ଡିପୋରେ ୪୦ଟି ଇ-ବସ୍‌ର ଶୁଭାରମ୍ଭ କରିବା ସହ ଡବଲ୍ ଡେକର୍ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ସହରାଞ୍ଚଳ ଜନପରିବହନକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ବିକଶିତ ଭାରତ ଅଭିଯାନରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରୟାସରତ ଥିବାବେଳେ ଓଡ଼ିଶା ଦର୍ଶନର ରାଜ୍ୟ ଜନ ପରିବହନରେ ସାମିଲ ହୋଇଛି ନୂତନ ଓ ଉନ୍ନତ ଧରଣର ଇ-ବସ ସେବା। ଏହା ବହୁମାତ୍ରାରେ କାର୍ବନ ନିର୍ଗମନ ହ୍ରାସ, ଟ୍ରାଫିକ୍ ସମସ୍ୟାକୁ ଦୂର କରିବାରେ ସହାୟକ ହେବ। ଏହି ବସ୍ ଚଳାଚଳ ଦ୍ୱାରା ପର୍ଯ୍ୟଟକଙ୍କ ଯାତାୟାତ ସୁଗମ ହେବା ସହ ପ୍ରଥମ ଥର ପାଇଁ ରାଜ୍ୟର ସାଧାରଣ ଯାତ୍ରୀମାନେ ଏହି ଧରଣର ବସ୍‌ରେ ଯାତ୍ରା ସୁଯୋଗ ପାଇବେ।୧ ୫ଟି ଡବଲ୍ ଡେକର୍ ଓ ୧୦ଟି ହପ୍ ଅନ୍ ହପ୍ ଅଫ୍ ଇ-ବସ୍ ସେବା କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପ୍ରମୁଖ ଦର୍ଶନୀୟ ସ୍ଥାନ ଏବଂ ସାଂସ୍କୃତିକ ଐତିହ୍ୟସ୍ଥଳୀକୁ ସଂଯୋଗ କରିବ। ସେହିପରି ପୁରୀ ସହରରେ ବିଭିନ୍ନ ତୀର୍ଥସ୍ଥାନ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣ ପାଇଁ ୨୫ଟି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ଙ୍କ ଇ-ବସ୍ ସେବା ଆରମ୍ଭ ହୋଇଛି। ଏଥିରେ ପ୍ରଥମ ଯାତ୍ରୀମାନଙ୍କ ମଧ୍ୟରେ ଦୁଇ ଜଣ ଦିବ୍ୟାଙ୍ଗ ଥିଲେ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପ୍ରଥମ ଦୁଇଟି ବସ୍ ଟିକେଟ୍ ପ୍ରଦାନ କରିଥିଲେ। ଏହି ବସ୍‌ରେ ବିଶେଷତା ହେଉଛି ଦିବ୍ୟାଙ୍ଗ ଯାତ୍ରୀମାନେ ବସ୍‌ରେ ଥିବା ର୍‍ୟାମ୍ପ୍ ସାହାଯ୍ୟରେ ସେମାନଙ୍କ ହ୍ୱିଲ୍ ଚେୟାର ସହ ଯାତ୍ରା କରିପାରିବେ। ଏସ୍‌ଜେଟିଏ ବସ୍ ଭଡ଼ା ସାଧାରଣ ମୋ ବସ୍ ଭଡ଼ା ଭଳି ଥିବାବେଳେ ଡବଲ ଡେକର ବସ୍ ଭଡ଼ା ୩୦ରୁ ୧୭୦ ଟଙ୍କା ମଧ୍ୟରେ ରହିଛି। ସେହିପରି ହପ୍ ଅନ୍ ହପ୍ ଅଫ୍ ଇ-ବସ୍‌ରେ ମାତ୍ର ୨୦୦ ଟଙ୍କା ମୂଲ୍ୟରେ ଦୈନିକ ପାସ୍ କରି ଯାତ୍ରୀମାନେ ଏହାର ନିର୍ଦ୍ଦିଷ୍ଟ ବସ୍ ରୁଟ୍‌ରେ ଅନବରତ ଯାତ୍ରା କରିପାରିବେ। ପରବର୍ତ୍ତୀଗଜ ସମୟରେ ଅନ୍ୟାନ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ଡବଲ ଡେକର ବସ୍‌ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଜନତା ମୈଦାନ ପର୍ଯ୍ୟନ୍ତ ଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମ ବସ୍ ଟିକେଟ୍ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ବାବୁ ସିଂ, ପ୍ରଶାନ୍ତ ଜଗଦେବ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଡ. ଏନ. ଥିରୁମାଲା ନାୟକ ଉପସ୍ଥିତ ଥିଲେ ।



## ପିଉସୀର ଫଟୋ ଭାଇରାଲ୍ କରି ପୁତୁରା ଗିରଫ

କେନ୍ଦ୍ରାପଡା,୭।୧(ସଂଚାର ବ୍ୟୁରୋ): ୧୯ ବର୍ଷୀୟ ବିଟେକ୍ ଛାତ୍ର ଙ୍କ କଳା କାରନାମା । ମୋବାଇଲ ଫୋନରେ ଫଟୋ ଏଡିଟିଙ୍ଗ କରି ସୋସିଆଲ ମିଡ଼ିଆରେ କରିଥିଲା ଭାଇରାଲ। ବିଟେକ୍ ଛାତ୍ରଙ୍କ ଚାଲାଖି ଏଭଳି ଥିଲା ଯେ ମାସ ମାସ ବିତିଯାଇଥିଲା ହେଲେ ପୁଲିସ କିମ୍ବା ସାଇବର ଥାନା କୌଣସି ସନ୍ଧାନ ପାଇପାରୁନଥିଲା। ଯୁବକ ଜଣଙ୍କ କେବଳ ଫଟୋ ଭାଇରାଲ କରିଥିଲା ତାହା ନୁହେଁ ସେହି ଫଟୋ ମଧ୍ୟରେ ମହିଳା ଜଣଙ୍କ ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରିଦେଇଥିଲା । ଏଭଳି ଅଭାବନୀୟ ଘଟଣା ପାଟକୁରା ଥାନା ଅଂଚଳରେ ଦେଖିବାକୁ ମିଳିଛି । ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ପୀଡିତା ଶିକ୍ଷୟିତ୍ରୀ ଜଣଙ୍କ କିଏ ଏବଂ କେଉଁ କାରଣରୁ ଏଭଳି କାଣ୍ଡ କରିଛି, ସେନେଇ ଚିନ୍ତିତ ହେବା ସହିତ ସ୍ଥାନୀୟ ପାଟକୁରା ସମେତ ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । କିଛି ସପ୍ତାହ ପରେ ଶେଷରେ ଅଭିଯୁକ୍ତ ଯୁବକକୁ ପୁଲିସ କଟକ ରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ୧୯ ବର୍ଷୀୟ ଯୁବକ ବିଟେକ୍ ଛାତ୍ର ଅଭିଯୋଗକାରୀ ମହିଳାଙ୍କ ନିଜ ପୁତୁରା ବୋଲି ଜଣାପଡିଛି । ଅଭିଯୁକ୍ତ ଯୁବକଙ୍କ ଘର ପାଟକୁରା ଥାନା ଅଧୀନ ପାଖିଡ଼ ଅଞ୍ଚଳରେ । ସେ ମୋବାଇଲ ଫୋନରେ ଏହି ଫଟୋ ଏଡିଟିଙ୍ଗ ପରେ ଭାଇରାଲ କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଜଣାପଡିଛି । ପାଟକୁରା ପୁଲିସ ମାମଲା ରୁଜୁ କରିବା ସହିତ ଯୁବକଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜଣାପଡିଛି ।

## ୫ ହତ୍ୟା ଅଭିଯୁକ୍ତ ଗିରଫ



ରାଇଘର,୭।୧(ସଂଚାର ବ୍ୟୁରୋ): ହତ୍ୟା କରି ଫେରାର ହୋଇଯାଇଥିବା ୫ ଜଣ ଅଭିଯୁକ୍ତଙ୍କୁ ଆଜି କୁନ୍ଦେଇ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଗତ ୧ ତାରିଖରେ ପିକ୍‌ନିକ୍‌ରେ ଯାଇଥିବା ଜନୈକ ଯୁବକଙ୍କୁ ଏହି ଅଭିଯୁକ୍ତମାନେ ହତ୍ୟା କରି ଫେରାର୍ ହୋଇଯାଇଥିଲେ। ମିଳିଥିବା ସୂଚନାନୁସାରେ, ଗତ ୧ ତାରିଖରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅଧୀନସ୍ଥ ଆଦିବାସୀ ତୁରୁଡି ଗ୍ରାମର ବସନ୍ତ ଗଣ୍ଡଙ୍କ ପୁଅ ରଞ୍ଜନ (୧୯) ତାଙ୍କର କେତେକ ସାଙ୍ଗଙ୍କ ସହ ପିକନିକରେ ଯାଇଥିଲେ। ତେବେ ସେଠାରେ କୌଣସି କଥାକୁ ନେଇ ତାଙ୍କର ଶଙ୍କର ଗଣ୍ଡ ନାମକ ଯୁବକ ସହ ଯୁକ୍ତିତର୍କ ହୋଇଥିଲା। କ୍ରମଶଃ ଯୁକ୍ତିତର୍କ ଉଗ୍ର ରୂପ ନେଇଥିଲା ଓ ତାଙ୍କୁ ଶଙ୍କରଙ୍କ ସହ ସନ୍ତୋଷ ଗଣ୍ଡ, ଦୀପେଶ ଗଣ୍ଡ, ପରମେଶ ଗଣ୍ଡ ଓ ଜଗବନ୍ଧୁ ଗଣ୍ଡ ହତ୍ୟା କରି ଗ୍ରାମ ନିକଟସ୍ଥ ନୀଳଗିରି ବାଡ଼ରେ ଫିଙ୍ଗିଦେଇ ଫେରାର ହୋଇଥିଲେ। ୩ ଦିନ ପରେ ରଞ୍ଜନର ମୃତଦେହ ଉଦ୍ଧାର ହୋଇଥିଲା। ଉକ୍ତ ହତ୍ୟା ଘଟଣାର ତଦନ୍ତ କରୁଥିବା କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଓ ପୁଲିସ ଫୋର୍ସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏ ବିଷୟରେ ଆଜି ପାପଡାହାଣ୍ଡି ଏସଡିପିଓ ମିନାକ୍ଷୀ ଠାକୁର ଏକ ସାମ୍ବାଦିକ ସମ୍ମିଳନୀରେ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

● ଅବକାରୀ ବିଭାଗର ଚଢ଼ାଉ

## ୯୭ ଗ୍ରାମ ଧଳାଜହର ଜବତ, ଜଣେ ଗିରଫ

କାକଟପୁର/ଅସ୍ତରଙ୍ଗ,୭।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୯ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅସ୍ତରଙ୍ଗ ଥାନା ତାଳଦା ପଂଚାୟତ କୂଳସାହି ଅଞ୍ଚଳର ବିଶ୍ୱଜିତ ସାହୁ (୩୧)। ତେବେ ବିଶ୍ୱଜିତ ଙ୍କ ନିକଟରୁ ୯୭ଗ୍ରାମର ଧଳା ଜହର ଜବତ କରିଛି ଅବକାରୀ ବିଭାଗ। ବିଶେଷସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ନାରାୟଣ ବେହେରା ଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଦିନ ମଧ୍ୟାହ୍ନ ୧୧ଘଟିକା ସମୟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଖଣ୍ଡାସାହି -ତାଳଦା ପୋଲ ନିକଟରେ ଚଢ଼ାଉ କରି ବିଶ୍ୱଜିତ ସାହୁ (୩୧)ଙ୍କୁ ଗିରଫ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି।ବିଶ୍ୱଜିତ ଙ୍କ ନିକଟରୁ ୯୭ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୯ଲକ୍ଷ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ଅବକାରୀ ଥାନା କେଶ ନମ୍ବର ୧୫୫/୨୪-୨୫ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାରକୁ ପଠାଯାଇଛି। ଯାହାକି ସୂଚନା ଦେଇଛନ୍ତି ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା। ଏହି ସ୍ୱତନ୍ତ୍ର ଚଢ଼ାଉ ସମୟରେ ଅବକାରୀ ଥାନା ଏ ଏସ ଆଇ ସନ୍ତୋଷ କୁମାର ମହାରଣା ଙ୍କ ସହ ତପନ କୁମାର ପ୍ରଧାନ, ସ୍ୱାଗତିକା ଘଡେଇ, ଜୟୀରାମ ବେହେରା ପ୍ରମୁଖ ସାମିଲ ଥିଲେ।

## ଶିଶୁକୁ ବିଡ଼ି ପିଆଇବା ଦୃଶ୍ୟ ଭାଇରାଲ୍



ଯାଜପୁର,୭।୧(ସଂଚାର ବ୍ୟୁରୋ): ନିଜର ୧୩ ମାସର ନାତିକୁ ଜନୈକ ବୃଦ୍ଧ ଜୋର୍‌ଜବରଦସ୍ତି ବିଡ଼ି ପିଆଇବା ଫଳରେ ଉକ୍ତ ଶିଶୁଟି ଖାସି ଖାସି ବେଦମ୍ ହେଉଥିବା ଦୃଶ୍ୟ ଏବେ ସୋଶାଲ୍ ମିଡିଆରେ ବେଶ୍ ଭାରାଇଲ୍ ହୋଇଛି। ଏହି ମାମଲାରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତ ଶିଶୁ ସହ ତା'ର ମା' ଓ ଜେଜେଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନାନୁସାରେ, ଯାଜପୁର ବ୍ଲକ ପଣସା ପଞ୍ଚାୟତ ବିନ୍ଧାଣ ଗ୍ରାମର ସହଦେବ ନାୟକ ତାଙ୍କର ଜଣେ ସମ୍ପର୍କୀୟ ଝିଅ ଶ୍ରୁତି ବେହୁରିଆ ଓ ତାଙ୍କର ୧୩ ମାସର ପୁଅଙ୍କୁ ନିଜ ପାଖରେ ରଖିଥିଲେ। ତେବେ ନିକଟରେ ଶ୍ରୀ ନାୟକ ତାଙ୍କ ନାତିକୁ ଶ୍ରୁତିଙ୍କ କଥାରେ ପଡ଼ି ବିଡ଼ି ପିଆଇ ଏହାର ମଜା ନେଉଥିଲେ। ଶ୍ରୀ ନାୟକ ବାରମ୍ବାର ଶିଶୁଟିକୁ ବାଧ୍ୟ କରି ବିଡ଼ି ପିଆଉଥିବା ସମୟରେ ସେ ଅଣନିଶ୍ୱାସୀ ହୋଇଯାଉଥିବା ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳିଛି। ଏପରିକି ପିଲାଟି ଆଖିରୁ ଲୁହ ବହିଯାଉଥିବା ସତ୍ତ୍ୱେ ଶ୍ରୀ ନାୟକ ତାକୁ ବିଡ଼ି ପିଆଇଚାଲିଥିଲେ। ଉକ୍ତ ସମୟର ଭିଡିଓ ଉତ୍ତୋଳନ କରିବା ସହ ଶ୍ରୀ ନାୟକ ଏହାକୁ ନିଜର ଷ୍ଟାଟସରେ ରଖିଥିଲେ। ତା'ଛଡ଼ା ଲୋକପ୍ରିୟତା ପାଇବା ସକାଶେ ସେ ଏହି ଭିଡିଓଟିକୁ ସୋଶାଲ୍ ମିଡିଆରେ ମଧ୍ୟ ଶେୟାର୍ କରିଥିଲେ। ତେବେ ଏପରି ଏକ ସମ୍ବେଦନଶୀଳ ଘଟଣା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ନଜରରେ ପଡ଼ିବା ପରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ଲାଇନ ଓ ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ପହଞ୍ଚି ଉଭୟ ଶ୍ରୀ ନାୟକ ଓ ଶ୍ରୁତିଙ୍କ ସହ ପୀଡ଼ିତ ଶିଶୁକୁ ଆଣି ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଇଥିବା ଜଣାପଡ଼ିଛି।

## ଜିନ୍ନତ ପ୍ରସଙ୍ଗରେ ମମତାଙ୍କୁ ଜଙ୍ଗଲ ମନ୍ତ୍ରୀଙ୍କ କଡ଼ା ଜବାବ

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଘ ଜିନ୍ନତ ପ୍ରସଙ୍ଗରେ ଦେଇଥିବା ବୟାନର କଡ଼ା ଜବାବ ଦେଇଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ। ସେ କହିଛନ୍ତି ଯେ ଓଡ଼ିଶାରୁ ଆଉ କୌଣସି ବାଘ ପଶ୍ଚିମବଙ୍ଗ ଯାଇନାହାଁନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯେମିତି ସମ୍ମାନ ଦେବେ, ସେମିତି ସମ୍ମାନ ପାଇବେ। ଆଇନ ସବୁ ରାଜ୍ୟ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସମସ୍ତେ ଏହାକୁ ମାନିବା ଉଚିତ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଏବଂ ବିଜେପିର ମୋହନ ଚରଣ ମାଝୀଙ୍କ ସରକାର ଅଛି ବୋଲି ତାଙ୍କର ଟିକେ ଆକ୍ରୋଶ ରହିଛି। ଆମ ପାଖରେ ପର୍ଯ୍ୟାପ୍ତ ଜଙ୍ଗଲ ଅଛି। ଜଙ୍ଗଲ ଯେଉଁଠି ଅଛି ଜୀବଜନ୍ତୁ ସେଠାକୁ ଯିବେ। ବାଘ ରଖିବା ପାଇଁ ଆମ ପାଖରେ ଜାଗା ନ ଥିଲେ ଶିମିଳିପାଳ ଭଳି ଅଭୟାରଣ୍ୟ କେମିତି ଅଛି? ଜାତୀୟ ଜଙ୍ଗଲ ନିୟମ ଅନୁସାରେ ସବୁ ସରକାର ସହଯୋଗ କରିବା କଥା। ସବୁ ସରକାରଙ୍କ ସହଯୋଗ ଆମେ ଆଶା କରୁଛୁ। ଆମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓ ସେଠାକାର ବନ ବିଭାଗକୁ ଧନ୍ୟବାଦ ଦେଉଛୁ ବୋଲି ମନ୍ତ୍ରୀ କହିଛନ୍ତି।



● କଂସ ମହାରାଜଙ୍କ ନିର୍ଦ୍ଦେଶ

## ମଥୁରାବାସୀଙ୍କୁ ମାସକର ଚାଉଳ ଅଧିକ ଦିଅ



ବରଗଡ଼,୭।୧(ସଂଚାର ବ୍ୟୁରୋ): ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାରେ କଂସ ମହାରାଜା ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମଥୁରା ନଗରବାସୀଙ୍କୁ ମାସକର ଚାଉଳ ଅଧିକ ଯୋଗାଇ ଦେବା ସହ ଆଳୁ ଚାଷକୁ ପ୍ରୋତ୍ସାହନ ଓ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଶ୍ୱପ୍ରସିଦ୍ଧି ଧନୁଯାତ୍ରାର ପଞ୍ଚମ ଦିବସରେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଏବଂ ମଥୁରାନଗରୀରେ ମଥୁରାଧିପତି କଂସଙ୍କ ଦୃଶ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ଥିଲା। ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ବାହାରି ମଥୁରା ପରିଭ୍ରମଣ କରିଥିଲେ। ପରିଭ୍ରମଣରେ ଯାଇ ସ୍ଥାନୀୟ ବ୍ରହ୍ମଚାରୀ ଅଞ୍ଚଳରେ କଂସ ମହାରାଜଙ୍କ ଦିଗ୍‌ବିଜୟ ହୋଇଥିଲା। ଦିଗ୍‌ବିଜୟ ସାରି ମହାରାଜ କଂସ ଦରବାରକୁ ଫେରିଥିଲେ। ବ୍ରହ୍ମଚାରୀରେ କଂସ ମହାରାଜଙ୍କୁ ମଥୁରାବାସୀ ସ୍ୱାଗତ କରିଥିଲେ ଏବଂ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସଙ୍କ ନିଧନ ଖବର ପାଇଁ କଂସ ମର୍ମାହତ ହୋଇ ପଡ଼ିଥିଲେ ଏବଂ ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ କରିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ, ବଳରାମ ନଗର ପରିକ୍ରମା କରି ଜିରା ନଦୀ କୂଳ ବେଣୁବାବା ମଠରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବେଣୁବାବା ମଠରେ ଦଧିଭାଣ୍ଡ ଭଙ୍ଗା, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ଆକଟ, ଯାମଳାର୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ ଆଦି ଦୃଶ୍ୟାଭିନୟ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ସକାଶେ ପ୍ରବଳ ଜନ ସମାଗମ ହୋଇଥିଲା।

## ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ପକ୍ଷରୁ ଭୁବନେଶ୍ୱର ଆଇଆଇଟିଏମ୍ ଅଡିଟୋରିଅମ୍‌ଠାରେ ଗତକାଲି ତିନିଦିନିଆ ଆନ୍ତର୍ଜାତିକ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଠାଧୀଶମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଜୟ ଜଗନ୍ନାଥ କେବଳ ଦୁଇଟି ଶବ୍ଦ ନୁହେଁ, ଏହା କୌଣସି ମନ୍ତ୍ରଠାରୁ କମ ନୁହେଁ। ଯେ କୌଣସି ସମୟରେ, ଯେ କୌଣସି ପରିସ୍ଥିତି, ଯେ କୌଣସି ମାନସିକ ଅବସ୍ଥାରେ ଜଣେ ଥିଲେ ମଧ୍ୟ, ଏହା ଶରୀରରେ ନୂତନ ଉତ୍ସାହ, ନୂଆ ଉଦ୍ଦୀପନାରେ ଭରିଦିଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ତାଙ୍କର ଜଗନ୍ନାଥଙ୍କୁ ନେଇ ରହିଥିବା ବ୍ୟକ୍ତିଗତ ଅନୁଭୂତି ମଧ୍ୟ ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଆଇଆଇଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଯୋଗଦେଇ ସେମାନଙ୍କ ଅଭିଭାଷଣ ରଖିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ସୁଦର୍ଶନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଗଠନ ମନ୍ତ୍ରୀ କରୁଣାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁସନ୍ଥ , ଗବେଷକ ତଥା ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ।

## ଢେଙ୍କାନାଳ ଜିଲ୍ଲା ଗସ୍ତରେ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ



ଢେଙ୍କାନାଳ,୭।୧(ସଂଚାର ବ୍ୟୁରୋ): ପ୍ରମୁଖ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ଅଧୀନରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ ଆଜି ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଗସ୍ତ କରିଛନ୍ତି। ସଂଘୀୟ-ସହଯୋଗ ଭାବନାରେ ରାଜ୍ୟମାନଙ୍କୁ ମୁଖ୍ୟ ଚାଳକ ଭାବରେ ଅନ୍ତର୍ଭୁକ୍ତ କରି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଜିଲ୍ଲାର ଶକ୍ତି ବୃଦ୍ଧି, ତ୍ୱରିତ ବିକାଶ ଅପେକ୍ଷାରେ ଥିବା କ୍ଷେତ୍ର ଚିହ୍ନଟ ତଥା ବିକାଶ ଧାରାର ଅନୁଶୀଳନ ପ୍ରଭୃତି ଏହି କାର୍ଯ୍ୟକ୍ରମର ପ୍ରମୁଖ ବିନ୍ଦୁ ଭାବେ ଅଂଶବିଶେଷ। ରାଷ୍ଟ୍ରମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଦକ୍ଷତା ବୃଦ୍ଧି ଏବଂ ଭିତ୍ତିଭୂମି ପ୍ରଭୃତି ୫ଟି ସାମାଜିକ- ଆର୍ଥିକ ବିଷୟବସ୍ତୁ ଅଧୀନରେ ୪୯ଟି ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (କେପିଆଇ)ର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ରାଷ୍ଟ୍ରମନ୍ତ୍ରୀ କାମାକ୍ଷାନଗରର ସାରଙ୍ଗଧର ହାଇସ୍କୁଲରେ ଡିଜିଟାଲ ରିଡିଂ ରୁମ୍, ପିଏମ୍ ଜନମନ ଆବାସ ପ୍ରକଳ୍ପ, ମନରେଗାର ସ୍ଥିତି, ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ପରିମଳ ପ୍ରକଳ୍ପ, ଗୋଷ୍ଠୀ ନିବେଶ ପାଣ୍ଠିର ଉପଯୋଗ ଏବଂ ଆୟୁଷ୍ମାନ ଭାରତ, ସ୍ମାର୍ଟ କ୍ଲାସରୁମ୍ ଅଧୀନରେ କଭରେଜ୍ ସମେତ ଇ-ଲାଇବ୍ରେରୀ, ସ୍ମାର୍ଟ ବୋର୍ଡ ଆଦି ବିଭିନ୍ନ କାର୍ଯ୍ୟାନ୍ୱିତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଜିଲ୍ଲାରେ ଉଦ୍ୟାନ କୃଷି କ୍ଷେତ୍ର ବିଶେଷ କରି ଆମ୍ବ ଓ ଛତୁ ଉତ୍ପାଦନ ତଥା ବିଦେଶୀ ଫଳ ଚାଷ ପାଇଁ ନିଆଯାଇଥିବା ପ୍ରୟାସକୁ ରାଷ୍ଟ୍ରମନ୍ତ୍ରୀ ପ୍ରଶଂସା କରିଥିଲେ। ଏବେ ୯୮ ପ୍ରତିଶତ ସ୍କୁଲରେ ଟ୍ୟାପ୍ ପାଣି ସଂଯୋଗ ଥିବାରୁ ସେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି। ଏହାବ୍ୟତୀତ ଆଦିବାସୀ ଓ ପିଭିଟିଜି ପରିବାରଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ କ୍ଷୁଦ୍ର ଜଳସେଚନ ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକର ପ୍ରଭାବ ଆକଳନ କରିବା ପାଇଁ ମନ୍ତ୍ରୀ ଜିଲ୍ଲା ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆ ସଭାପତି ପାଇଁ ବିଜେପି ଓ କଂଗ୍ରେସରେ କସରତ



ଯୁବ ଚେହେରା ଉପରେ ନଜର

ଭୁବନେଶ୍ୱର,୭।୧: ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ଖୁବ୍‌ଶୀଘ୍ର ନିଜର ନୂଆ ରାଜ୍ୟ ମୁଖିଆ ପାଇବାକୁ ଯାଉଥିବାବେଳେ ଏଥର ସଭାପତି ଚୟନ ସମୟରେ ଯୁବ ନେତୃତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସୂଚନା ମିଳିଛି। ଏଥି ସହିତ ଯେଉଁ ନେତାମାନଙ୍କର ସଂସଦୀୟ କ୍ଷେତ୍ର ଉପରେ ଅଧିକ ପ୍ରଭାବ ରହିଛି ସେମାନଙ୍କ କଥା ମଧ୍ୟ ଅଗ୍ରାଧିକାର ଭିତ୍ତିରେ ଦଳ ବିଚାର କରୁଛି। ରାଜ୍ୟ ବିଜେପିରେ ଏବେ ନୂଆ ସଭାପତି ନିଯୁକ୍ତ ପାଇଁ କସରତ ଚାଲିଛି। ଦୌଡରେ ଦୁଇ ଜଣ ପୂର୍ବତନ ସଭାପତିଙ୍କ ସହିତ, ସାଂସଦ, ବିଧାୟକ ଓ ଦଳର ଆଉ କିଛି ବରିଷ୍ଠ ନେତା ରହିଛନ୍ତି। ତେବେ ଦଳ ପକ୍ଷରୁ ଯୁବ ଚେହେରା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଂସଦୀୟ କ୍ଷେତ୍ର ଉପରେ ପ୍ରଭାବ ଥିବା ନେତାଙ୍କୁ ରାଜ୍ୟ ସଭାପତି ଚୌକିରେ ବସାଇବାକୁ ଦଳ ଚାହୁଁଛି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସହିତ ସାଂଗଠନିକ ଦୃଷ୍ଟିକୋଣରୁ ଦଳ ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ଦଳର ଗୋଟିଏ ଗୋଷ୍ଠି କିନ୍ତୁ ଅନୁଭବି ପୁରୁଖା ନେତାଙ୍କ ସପକ୍ଷରେ ଲବି ଚଳାଇଛନ୍ତି। ସେହିଭଳି ଗତ ନିର୍ବାଚନ ସମୟରେ ଦଳକୁ କ୍ଷମତାକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେତାଙ୍କୁ ସଭାପତି ଦାୟିତ୍ୱ ଦେବାପାଇଁ ଦଳ ଭିତରେ ମତପ୍ରକାଶ ପାଉଛି। ସେହିଭଳି ଦୀର୍ଘଦିନ ଧରି ମୁଖିଆ ବିହୀନ ହୋଇ ପଡ଼ିଥିବା ରାଜ୍ୟ କଂଗ୍ରେସରେ ମଧ୍ୟ ଖୁବ୍‌ଶୀଘ୍ର ସଭାପତି ନିଯୁକ୍ତ ହେବାକୁ ଯାଉଛି। ଏଠାରେ ମଧ୍ୟ ଏଥର ଜଣେ ଯୁବ ଚେହେରାଙ୍କ ହାତରେ କଂଗ୍ରେସର ମଙ୍ଗ ଦେବାପାଇଁ ଦଳ ବିଚାରୁଥିବା ସୂଚନା ମିଳିଛି। ତେବେ ଅନେକ ବରିଷ୍ଠ ନେତା ଏଥର ନିଜଆଡୁ ସଭାପତି ଦୌଡରୁ ଦୂରେଇ ରହିଥିବାରୁ ଏଥର ସଭାପତି ଚୟନ ସମୟରେ ଯୁବ ଚେହେରାଙ୍କୁ ଅଗ୍ରାଧିକାର ମିଳିବାର ସମ୍ଭାବନା ଅଧିକ। ତେବେ ବିଜେପି ଭଳି କଂଗ୍ରେସରେ ମଧ୍ୟ ସଂସଦୀୟ କ୍ଷେତ୍ର ଉପରେ ପ୍ରଭାବ ରହିଥିବା ଜଣେ ନେତାଙ୍କୁ ସଭାପତି ଚୌକିରେ ବସାଇବାପାଇଁ ହାଇକମାଣ୍ଡ ବିଚାରୁଥିବା ନେଇ ଆଲୋଚନା ଚାଲିଛି। ଏହି ଦୌଡ଼ରେ ଦଳର ଜଣେ ସାଂସଦ ଓ କିଛି ବିଧାୟକ ଅଛନ୍ତି। ତେବେ ଦଳ ଏଥର ବିଧାନସଭାରେ ୧୪ଟି ଆସନ ସହିତ ତୃତୀୟ ସ୍ଥାନରେ ରହିଥିବାରୁ ଓ ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ଜଣେ ଅନୁଭବି ଓ ଦକ୍ଷ ନେତାଙ୍କୁ ସଭାପତି ପଦରେ ବସାଇବାପାଇଁ ଦଳୀୟ ମହଲରେ ମତ ପ୍ରକାଶ ପାଉଛି। (ତଥ୍ୟ)

## ସାଙ୍ଗକୁ ଛୁରୀ ଭୁଷିଲା ନବମ ଶ୍ରେଣୀ ଛାତ୍ର



ବାଲେଶ୍ୱର,୭।୧(ସଂଚାର ବ୍ୟୁରୋ): ସାଙ୍ଗଙ୍କ ମଧ୍ୟରେ କଥା କଟାକଟି ଉଗ୍ର ରୂପ ନେବାରୁ ଶେଷରେ ଜଣେ ନବମ ଶ୍ରେଣୀ ଛାତ୍ର ଛୁରୀ ଭୁଷିବାକୁ ବି ପଛାଇନାହିଁ। ଏପରି ଏକ ଅଘଟଣ ସ୍କୁଲର ବାର୍ଷିକୋତ୍ସବ ଚାଲିଥିବା ସମୟରେ ଘଟିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର କମର୍ଦ୍ଦା ଥାନା ଅନ୍ତର୍ଗତ ଦହମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣଙ୍କ କମର୍ଦ୍ଦା ମେଡିକାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଆହତ ଛାତ୍ର ଜଣଙ୍କ ନବମ ଶ୍ରେଣୀର ଅନ୍ତିଆ ଚନ୍ଦ ବୋଲି ଜଣାପଡ଼ିଥିବା ବେଳେ ଆକ୍ରମଣ କରିଥିବା ଛାତ୍ର ଜଣଙ୍କ ବିନୟ ଚନ୍ଦ। ମିଳିଥିବା ସୂଚନାନୁସାରେ, ଗତକାଲି ଅନ୍ତିଆ ଓ ବିନୟଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। କିଛି ସମୟ ଝଗଡ଼ା ଚାଲିବା ପରେ ଉଭୟ ନିଜ ନିଜ ଘରକୁ ଚାଲିଯାଇଥିଲେ। ତେବେ ଆଜି ସ୍କୁଲ୍‌ର ବାର୍ଷିକୋତ୍ସବ ଥିବାରୁ ଉଭୟ ସେଠାରେ ଉପସ୍ଥିତ ଥିବା ବେଳେ ପ୍ରବଳ ଗହଳି ମଧ୍ୟ ହୋଇଥିଲ। ତେବେ ଏହି ସମୟରେ ହଠାତ୍ ଉଭୟଙ୍କ ମଧ୍ୟରେ ପୁଣିଥରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିନୟ ତା' ପାଖରେ ଥିବା ଏକ ଛୁରୀରେ ଅନ୍ତିଆଙ୍କୁ ଭୁଷିଦେଇଥିଲେ। ଫଳରେ ଅନ୍ତିଆଙ୍କ ପେଟରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ସେଠାରେ ମହଜୁଦ ଥିବା ଲୋକେ ଓ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ କମର୍ଦ୍ଦା ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଅନ୍ତିଆଙ୍କ ପରିବାର ଲୋକେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିବା ସହ ବିନୟଙ୍କୁ ଅଟକ ରଖି ପଚରାଉଚରା କରୁଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭାଂଶୁ ଭୂଷଣ କର




# ସୁନା ଭଳି ରୁପାରେ ମଧ୍ୟ ହଲମାର୍କିଂ !



**ନୂଆଦିଲ୍ଲୀ, ୭।୧:** ସୁନା ଭଳି ଏବେ ରୁପାର ମଧ୍ୟ ରହିଛି ଢ଼େର ଚାହିଦା। ଅଳଙ୍କାର ଠାରୁ ଆରମ୍ଭ କରି ଉପହାର ଅନେକ କିଛି ବିପୁଳ ପରିମାଣରେ ବିକ୍ରି ହେଉଛି। ଅନେକ ଗ୍ରାହକ ରୂପାର ପାଉଁଜି, କମରବନ୍ଧ ଓ ହାତରେ ବ୍ରେସଲେଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ଅନେକ ଥର ଲୋକେ ରୁପାର କ୍ୱାଲିଟିକୁ ନେଇ ପ୍ରଶ୍ନ ଉଠାନ୍ତି। ସେମାନେ ଜାଣି ପାରନ୍ତିନାହିଁ ଯେ, ଏହା ଅସଲି ନା ନକଲି। ଏବେ ଏହି ଦ୍ୱନ୍ଦ୍ୱକୁ ଦୂର କରବା ପାଇଁ ବିଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ।

ସୁନା ଭଳି ଏବେ ରୁପାରେ ମଧ୍ୟ ହଲ୍‌ମାର୍କିଂ ବାଧ୍ୟତାମୂଳକ ହେବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଭାରତୀୟ ମାନକ ବ୍ୟୁରୋକୁ ପ୍ରସ୍ତାବ ଦେଇଛନ୍ତି। ହଲମାର୍କିଂ ବାଧ୍ୟତାମୂଳକ ହେଲେ ଗ୍ରାହକମାନେ ଆଉ ଠକାମିରେ ପଡ଼ିବେନି। ହଲମାର୍କିଂ ପାଇଁ ୩ରୁ ୬ ମାସ ମଧ୍ୟରେ ବିଆଇଏସ୍ ପ୍ରସ୍ତୁତ ହୋଇପାରିବ। ଏଥିପାଇଁ ଅଂଶୀଦାରମାନଙ୍କ ସହ ବିଚାରବିମର୍ଶ ଚାଲିଛି। ଗ୍ରାହକମାନେ କିଣୁଥିବା ରୁପାର ଗୁଣବତ୍ତାକୁ ନିଶ୍ଚିତ କରିବା ଲାଗି ସରକାର ହଲମାର୍କିଂ ବାଧ୍ୟତାମୂଳକ କରିବା ଉପରେ ବିଚାର କରୁଛନ୍ତି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଭାରତୀୟ ମାନକ ବ୍ୟୁରୋ ରୂପାର ହଲମାର୍କିଂ ବାଧ୍ୟତାମୂଳକ କରିବା ଦରକାର ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। ରୂପାର ହଲମାର୍କିଂ କରିବାକୁ ଗୁଜରାଟ, କର୍ଣ୍ଣାଟକ ଓ ଅନ୍ୟ କେତେକ ରାଜ୍ୟର ଗ୍ରାହକ ଦାବି କରିଥିବା ମନ୍ତ୍ରୀ କହିଛନ୍ତି। ବିଆଇଏସର ୭୮ତମ ପ୍ରତିଷ୍ଠା ଦିବସ ସମାରୋହକୁ ସମ୍ବୋଧିତ କରି ସେ କହିଛନ୍ତି ରୂପାର ହଲ୍‌ମାର୍କିଂ ହେଉଛି ଗ୍ରାହକଙ୍କ ଦାବି। ବିଆଇଏସ୍ ଏହା ଉପରେ ବିଚାର କରି ନିଷ୍ପତ୍ତି ନେଇପାରେ। ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଲାଗି ବର୍ତ୍ତମାନ ସୁନା ଓ ସେଥିରେ ତିଆରି ଜିନିଷର ହଲମାର୍କିଂ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଛଅ ସଂଖ୍ୟା ବିଶିଷ୍ଟ କୋଡ୍ ଦିଆଯାଉଛି ଯାହା ସୁନାର ଶୁଦ୍ଧତାକୁ ସ୍ପଷ୍ଟ କରୁଛି। ରୁପାର ହଲମାର୍କିଂ ବାଧ୍ୟତାମୂଳକ ହେଲେ ଗ୍ରାହକମାନେ ଠକାମିର ଶିକାର ହେବାଠାରୁ ବର୍ତ୍ତିପାରିବେ।



# ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୭୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮, ୭୧୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୧୫୦ ଟଙ୍କା ଓ ୭୮, ୭୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୩୦୦ ଟଙ୍କା ଓ ୭୮, ୮୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮, ୭୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୧୫୦ ଟଙ୍କା ଓ ୭୮, ୭୧୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୫୦୦ ହଜାର ଟଙ୍କା ହୋଇଛି।

# ନୂଆ ଷ୍ଟାର ଇଲେକ୍ଟ୍ରିକ୍ ସ୍କୁଟରର ଡିଜାଇନ ଏବଂ ରେଞ୍ଜ



**ନୂଆଦିଲ୍ଲୀ, ୭।୧:** ଏଲଏମଏଲ ଷ୍ଟାର୍ ଇଲେକ୍ଟ୍ରିକ୍ ସ୍କୁଟର ଚଳିତ ବର୍ଷ ଭାରତରେ ଲଞ୍ଚ ହେବା ପୂର୍ବରୁ ଏହାର ରେଞ୍ଜ ଏବଂ ଡିସପ୍ଲେ ଅଫିସିଆଲ ଭାବରେ ପ୍ରକାଶ ପାଇଛି। ଏହି ଷ୍ଟାର ୨୦୨୩ ରେ ଗ୍ରେଟର ନୋଏଡ଼ାଠାରେ ଆୟୋଜିତ ଅଟୋ ଏକ୍ସପୋରେ ପ୍ରଦର୍ଶିତ ହୋଇଥିଲା ଏବଂ ଏହା ଗତ ବର୍ଷ ଲଞ୍ଚ ହେବାର ଥିଲା। ଆଗାମୀ ଦିନରେ ଇଲେକ୍ଟ୍ରିକ୍ ଟୁ-ହୁଇଲର ମେକର ଦ୍ୱାରା ଭାରତରେ ଲଞ୍ଚ ହେବାକୁ ଥିବା ତିନୋଟି ଇଭି ମଧ୍ୟରୁ ଏହା ଫାଷ୍ଟ ହେବ। ଆଗାମୀ ଇଲେକ୍ଟ୍ରିକ୍ ସ୍କୁଟରକୁ ଡୁକେଟି, ଫେରାରି, ୟାମାହା ଏବଂ କାୱାସାକି ପରି ଡିଜାଇନ କରାଯିବ। ଏଲଏମଏଲ ଲଞ୍ଚର ସଠିକ୍ ଡେଟ୍ ପ୍ରକାଶ କରିନାହିଁ। ହେଲେ ଏହା କନଫର୍ମ ହୋଇଛି ଯେ ଚଳିତ ବର୍ଷ ଇଭି କୁ ଲଞ୍ଚ କରାଯିବ। ଭାରତରେ ଲଞ୍ଚ ହେବା ପରେ, ଏଲଏମଏଲ ଷ୍ଟାର୍ ସ୍କୁଟରଟି, ଓଲା ଏସ୧ପ୍ରୋ, ଆଥର ୪୫୦ ଏକ୍ସ, ଟିଭିଏସ ଆଇକ୍ୟୁବ ଏବଂ ବାଜାଜ ଚେତକକୁ ଟକ୍କର ଦେବ। ଏଲଏମଏଲ ଲଞ୍ଚ ପୂର୍ବରୁ ଷ୍ଟାର ଇଲେକ୍ଟ୍ରିକ୍ ସ୍କୁଟରର କିଛି ମୁଖ୍ୟ ସ୍ପେସିଫିକେସନ୍ ମଧ୍ୟ ପ୍ରକାଶ ପାଇଛି। ଇଭି ମେକର କହିଛନ୍ତି ଯେ ଏହି ଷ୍ଟାରକୁ ଗୋଟିଏ ଥର ଚାର୍ଜ କଲେ ୨୦୩ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିବ। ଷ୍ଟାର ବ୍ୟାଟେରୀର ସାଇଜ୍ ବିଷୟରେ ବର୍ତ୍ତମାନ ଗୁପ୍ତ ରଖାଯାଇଛି, କିନ୍ତୁ ଆଶା କରାଯାଉଛି ଯେ ଏହା ଦୁଇଟି ସେଟ୍ ବ୍ୟାଟେରୀ ପ୍ୟାକ୍ ସହିତ ଆସିପାରିବ। ଇଲେକ୍ଟ୍ରିକ୍ ମୋଟର ପ୍ରାୟ ୭.୮ ବିଏଚପିର ପାୱାର ଏବଂ ୯୦ କିଲୋମିଟରର ରେଞ୍ଜ ପ୍ରଦାନ କରିଥାଏ। ଏଲଏମଏଲ ଷ୍ଟାର ଇଲେକ୍ଟ୍ରିକ୍ ସ୍କୁଟରର ଡିଜାଇନ୍ ବହୁତ ଖାସ୍ ହୋଇଛି। ଏଥିରେ ଡୁଆଲ-ଟୋନ୍ ବ୍ଲାକ୍ ଏବଂ ହ୍ୱାଇଟ ବଡି କଲର, ଏଲଇଡି ଡିଆରଏଲ, ପ୍ରୋଜେକ୍ଟର, ହେଡଲାଇଟ୍ସ ଏବଂ ରେଡ ଆସେଣ୍ଟସ୍ ରହିଛି। ଏଥିରେ ଏକ ୧୪-ଇଞ୍ଚର ହୁଇଲ, ଡିଜିଟାଲ ଡିସପ୍ଲେ ଏବଂ ୱାୟରଲେସ୍ ଚାର୍ଜିଂ ଭଳି ସୁବିଧା ଦେଇଛି। ଏଲଏମଏଲ ସେଫ୍ଟି ସହିତ ଟାୟାର ପ୍ରେସର ମନିଟରିଙ୍ଗ ସିଷ୍ଟମ, ହିଲ୍ ହୋଲ୍ଡ ଆସିଷ୍ଟାଷ୍ଟ, ରିଭର୍ସ ମୋଡ୍ ଏବଂ ଏବିଏସ ସହିତ ଲ୍ୟାସ୍ ହେବ।

# ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଡିସେମ୍ବରରେ ୧୦,୬୩୯ ୟୁନିଟ୍ ଟ୍ରାକ୍ଟର ବିକ୍ରି



ନୂଆଦିଲ୍ଲୀ,୭।୧: ଦେଶର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ 'ସୋନାଲିକା ଟ୍ରାକ୍ଟର୍ସ'ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ଡିସେମ୍ବରରେ ବ୍ରାଣ୍ଡ୍ ମୋଟ ୧୦,୬୩୯ ୟୁନିଟ ଟ୍ରାକ୍ଟର ବିକ୍ରି ରେକର୍ଡ ହୋଇଥିଲାବେଳେ ଗତ ବର୍ଷ ସମାନ ଅବଧି ମଧ୍ୟରେ ବ୍ରାଣ୍ଡ୍ ମୋଟ ୭୯୯୯ ୟୁନିଟ ଟ୍ରାକ୍ଟର ବିକ୍ରି ହୋଇଥିଲା। ସେହିଭଳି କମ୍ପାନୀ ୨୦୨୪ ଡିସେମ୍ବରରେ ୧୮%ର ସର୍ବୋଚ୍ଚ ମାସିକ ବଜାର ଅଂଶ ରେକର୍ଡ କରି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି। ଏପରିକି ୨୦୨୪ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ସୋନାଲିକା ମୋଟ ୧,୧୯,୩୬୯ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି, କମ୍ପାନୀ ୱାଇଟିଡି ସେଲ୍ ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ମଜଭୁତ ସଫଳତା ବଜାୟ ରଖିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପ୍ରତ୍ୟେକ ଟ୍ରାକ୍ଟର ସହିତ ଆମେ ଆମର କୃଷକ ସମୁଦାୟ ପାଇଁ ଅଭିବୃଦ୍ଧି, ସ୍ଥିରତା ଓ ଆଶାର ବିହନ ବୁଣିବା ପାଇଁ ବ୍ରାଣ୍ଡ୍‌ର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛୁ। ୨୦୨୪ ଡିସେମ୍ବରରେ ୧୮%ର ସର୍ବୋଚ୍ଚ ମାସିକ ବଜାର ଅଂଶ ହାସଲର ନୂଆ ସଫଳତା ବେଞ୍ଚମାର୍କ ପ୍ରଦର୍ଶନ ଓ ନୂତନ ଉପଲବ୍ଧିରେ ଉଜ୍ଜ୍ୱଳିତ ଏକ ବର୍ଷର ଉପଯୁକ୍ତ ସମାପ୍ତି ଅଟେ। ଏହି ମାସରେ ୩୩% ବୃଦ୍ଧି ସହିତ ଆମେ ଶିଳ୍ପ ଅଭିବୃଦ୍ଧିକୁ ୨.୪ ଗୁଣରେ ପରାଜିତ କରିଛୁ।

# ରସକିକ୍ ଗ୍ଲୁକୋ ଏନର୍ଜିର ଶୁଭାରମ୍ଭ




**ମୁମ୍ବାଇ,୭।୧:** ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଗୁଣାତ୍ମକ ମୃଦୁପାନୀୟ ବ୍ରାଣ୍ଡ୍ 'ରସକିକ୍ ଗ୍ଲୁକୋ ଏନର୍ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ରସକିକ୍ ବର୍ତ୍ତମାନ ଆମ୍ବ, ଆପଲ୍, ମିକ୍ସଡ୍ ଫ୍ରୁଟ୍, ନଡିଆ ପାଣି ଏବଂ ନିମ୍ବୁ ପାନି (ଲେମ୍ବୁ ପାଣି) ଭଳି ଭେରାଇଟି ପ୍ରଦାନ କରିଥାଏ ଏବଂ ଭାରତୀୟ ଆଞ୍ଚଳିକ ଫଳ ବିବିଧତା ଏବଂ ସ୍ୱାଦର ପସନ୍ଦ ଦ୍ୱାରା ଅନୁପ୍ରାଣିତ ପୋର୍ଟଫୋଲିଓକୁ ବିସ୍ତାର କରିବ। ଏ ସମ୍ପର୍କରେ ଆରସିପିଏଲର ସିଓଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) କେତନ ମୋଡି କହିଥିଲେ, ଆମେ ଆମର ନୂତନ ବ୍ରାଣ୍ଡ୍ ତଥା ଉତ୍ପାଦକୁ ଘରୋଇ ବଜାରରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ଭାରତୀୟ ପରମ୍ପରାରେ ଗଭୀର ଭାବେ ଜଡିତ ରହିଛୁ। ସେହିଭଳି ଆମେ ଆମର ବ୍ରାଣ୍ଡ୍ ମାଧ୍ୟମରେ ଭାରତୀୟ ଉପଭୋକ୍ତା ଐତିହ୍ୟକୁ ପୁନଃଉଦ୍ଭାବନ ଏବଂ ରସକିକ୍ ଗ୍ଲୁକୋ ଏନର୍ଜି ପାରମ୍ପରିକ ପୁନଃହାଇଡ୍ରେସନର ସମାନ ଉତ୍ତମତାକୁ ଫେରାଇ ଆଣିଛୁ, ଯାହା ଆମ ମାଆମାନେ ପିଲାଦିନରୁ ଆମକୁ ଯୋଗାଇ ଦେଉଥିଲେ। ଏହା ହେଉ କିମ୍ବା ଖେଳ ପରେ କିମ୍ବା ଉତ୍ତାପକୁ ମାରିବା ପାଇଁ ଏକ ବହନ ଭାବେ ରସକିକ୍ ଗ୍ଲୁକୋ ଏନର୍ଜି କେବଳ ଏକ ପାନୀୟ ନୁହେଁ, ଏହା କେବଳ ହାଇଡ୍ରେସନ୍ ଠାରୁ ଅଧିକ ହୋଇଥାଏ। ଏହା ଭାରତୀୟ ଗ୍ରାହକଙ୍କୁ ସ୍ୱଚ୍ଛତା, ଗୁଣବତ୍ତା ଏବଂ ଅଫର୍ ପିଇବାକୁ ପ୍ରସ୍ତୁତ ଥିବା ଦିନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ଶକ୍ତି ପ୍ରଦାନ କରିବ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨୦୨୫ରେ ଭାରତର ଜିଡିପି ଅଭିବୃଦ୍ଧି ୪ ବର୍ଷରେ ସର୍ବନିମ୍ନସ୍ତରରେ ପହଞ୍ଚିବ




**ନୂଆଦିଲ୍ଲୀ, ୭।୧:** ଆର୍ଥିକ ବର୍ଷ ୨୦୨୪-୨୫ରେ କମିବ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (NSO) ମଙ୍ଗଳବାର ଦିନ ପ୍ରଥମ ଆକଳନରେ ଏହା କହିଛି। ପୂର୍ବ ଆର୍ଥିକ ବର୍ଷ ୨୦୨୩-୨୪ରେ ଭାରତର ଜିଡିପି ୮.୨ ପ୍ରତିଶତ ଥିଲା। ଯାହା ୨୦୨୫ ମାର୍ଚ୍ଚରେ ଶେଷ ହେବାକୁ ଯାଉଥିବା ଆର୍ଥିକ ବର୍ଷରେ ୬.୪ ପ୍ରତିଶତକୁ ଖସିବ ବୋଲି ଆକଳନ କରାଯାଇଛି। ଭାରତର ଜିଡିପି ଅଭିବୃଦ୍ଧି ଗତ ୪ ବର୍ଷରେ ସର୍ବନିମ୍ନ ସ୍ତର ଛୁଇଁପାରେ ବୋଲି ଆକଳନ କରିଛି ଏନଏସଓ। ଏନେଇ ସୂଚନା ଦେଇ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଆର୍ଥିକ ବର୍ଷ ୨୦୨୩-୨୪ରେ ଦେଶର ଜିଡିପିର ଅଭିବୃଦ୍ଧି ହାର ୮.୨ ପ୍ରତିଶତ ଥିଲା। ହେଲେ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଡିପି କେବଳ ୬.୪ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଉଲ୍ଲେଖ ଯୋଗ୍ୟ, ୨୦୨୫ ମାର୍ଚ୍ଚରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷରେ ୬.୬ ପ୍ରତିଶତ ଜିଡିପି ଅଭିବୃଦ୍ଧି ନେଇ ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ହେଲେ ଏନଏସଓର ଆକଳନ ରିଜର୍ଭ ବ୍ୟାଙ୍କର ସାମ୍ପ୍ରତିକ ଆକଳନରୁ ମଧ୍ୟ କମ୍। ବଜେଟ୍ ଗଣନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ଅଗ୍ରୀମ ଜିଡିପି ଆକଳନ। ତେବେ ୨୦୨୪ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ଆଶ୍ଚର୍ଯ୍ୟଜନକ ଭାବେ କେବଳ ୫.୪ ପ୍ରତିଶତରେ ଅଟକିଥିଲା। ଏହି ଦୃଷ୍ଟିରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୬ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଛି। ହେଲେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ଆକଳନ ଆହୁରି ଚିନ୍ତାଜନକ।

# ନିବେଶକ ହରାଇଲେ ୯ ଲକ୍ଷ କୋଟି



ମୁମ୍ବାଇ,୭।୧: ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଓ ନୂତନ ଚାଇନା ଭୂତାଣୁ ଏଚ୍‌ଏମ୍‌ପିଭିର ପ୍ରାଥମିକ ପ୍ରଭାବ ଯୋଗୁ ଭାରତୀୟ ପୁଞ୍ଜି ବଜାର ବେଶ୍ ପ୍ରଭାବିତ ହୋଇଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି (୮,୮୮, ୨୬୩.୯୧ କୋଟି)ର ନିବେଶ ହରାଇ ୪୪,୨୪୫,୫୮୪.୯୬ କୋଟିରେ ପହଞ୍ଚିଛି। ଏପରିକି ପୂର୍ବ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫,୧୩୩,୮୪୮.୮୭ କୋଟିରେ ରହିଥିଲା। ସେହିଭଳି ୩୦ ଶେୟାର ବିଶିଷ୍ଟ ସେନସେକ୍ସ କାରବାର ୧,୫୯% ହ୍ରାସ ଘଟି ୭୭,୯୬୪.୯୯ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୬୨% କମି ୨୩,୬୧୬.୦୫ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ବିଏସଇ ମିଡକ୍ୟାପର କାରବାର୨.୪% ଏବଂ ସ୍ମଲକ୍ୟାପର କାରବାର ପ୍ରାୟ ୩% ହ୍ରାସ ହୋଇଥିଲା। ସେହିପରି ନିଫ୍ଟି ମିଡକ୍ୟାପର କାରବାର ୨.୭୦% କମି ୫୬,୩୬୬.୯୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୩.୦୭% ହ୍ରାସ ଘଟି ୮୭୩୬.୪୦ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କ ୨.୦୯% କମି ୪୯,୯୨୨.୦୦ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ପିଏସୟୁ ବ୍ୟାଙ୍କ, ମେଟାଲ, ଶକ୍ତି, ରିଅଲିଟି ଭଳି ପ୍ରମୁଖ ନିବେଶକ ବଡ ଧରଣର କ୍ଷତି ସହିଛନ୍ତି।

## ଏସବିଆଇର ଫିକ୍ସ ଡିପୋଜିଟ ସ୍କିମ

# ୩ ବର୍ଷରେ ମିଳିବ ୬.୯୦ ଲକ୍ଷ ଟଙ୍କାରୁ ଅଧିକ

ନୂଆଦିଲ୍ଲୀ, ୭।୧: ଏସବିଆଇ ଅର୍ଥାତ୍ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ହେଉଛି ଦେଶର ସବୁଠାରୁ ବଡ ବ୍ୟାଙ୍କ। ଏସବିଆଇ ନିବେଶକମାନଙ୍କୁ ଆକର୍ଷଣୀୟ ସୁଧ ହାର ସହିତ ନିରାପଦ ଏବଂ ଲାଭଜନକ ବିନିଯୋଗ ସୁଯୋଗ ପ୍ରଦାନ କରେ। ଯଦି ଆପଣ ଏକ ନିରାପଦ ଏବଂ ଭଲ ରିଟର୍ନ ନିବେଶ ଖୋଜୁଛନ୍ତି ତେବେ SBI ର ସ୍ଥିର ଜମା ଯୋଜନା ବା ଫିକ୍ସ ଡିପୋଜିଟ ସ୍କିମ ଆପଣଙ୍କ ପାଇଁ ଉପଯୁକ୍ତ। ଏହି ଯୋଜନାରେ ଏକ ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିନିଯୋଗ କରାଯାଇପାରିବେ। ଏସବିଆଇର ଏଫଡି ପାଞ୍ଚ ବର୍ଷ ପାଇଁ ୬.୫୦ ପ୍ରତିଶତ ସୁଧ ହାର ପ୍ରଦାନ କରେ। ଏହି ଯୋଜନା ଅନ୍ୟ ଯୋଜନା ଅପେକ୍ଷା ବହୁତ ଭଲ। ଯଦି ବରିଷ୍ଠ ନାଗରିକମାନେ ଏହି ଯୋଜନାରେ ବିନିଯୋଗ କରନ୍ତି, ତେବେ ସେମାନେ ଅତିରିକ୍ତ ଆଗ୍ରହର ଲାଭ ପାଆନ୍ତି। ଏଫଡି ରେ ଜମା ହୋଇଥିବା ପରିମାଣ ସମ୍ପୂର୍ଣ୍ଣ ସୁରକ୍ଷିତ। ଆପଣ ସହଜରେ ଅନଲାଇନରେ ଆବେଦନ କରିପାରିବେ। ଯଦି ତୁମେ ତିନି ବର୍ଷ ପାଇଁ ଏସବିଆଇର ଏଫଡି ଯୋଜନାରେ ୫ଲକ୍ଷ ଟଙ୍କା ଜମା କର, ତେବେ ୬.୭୫ ପ୍ରତିଶତ ସୁଧ ହାରରେ ତୁମର ମୋଟ ଜମା ୬,୯୦,୦୦୦ ଟଙ୍କା ହେବ। ଏହାର ଅର୍ଥ ଆପଣ ୧,୯୦,୨୦୯ ଟଙ୍କା ସୁଧ ପାଇବେ। ଏହି ଯୋଜନା ସଂପୂର୍ଣ୍ଣ ସୁରକ୍ଷିତ ଅଟେ। ଏହି ସ୍କିମ ସାହାଯ୍ୟରେ, ଆପଣ ଦୀର୍ଘ ସମୟ ପାଇଁ ଆର୍ଥିକ ସୁରକ୍ଷା ପାଇପାରିବେ। କିପରି ବିନିଯୋଗ କରିବେ? ଯଦି ଆପଣ ଏସବିଆଇରେ ଏଫଡି ଖୋଲନ୍ତି ତେବେ ଆପଣଙ୍କୁ ଏସବିଆଇ ଶାଖାକୁ ଯିବାକୁ ପଡିବ। ଏଠାରେ ଆପଣ ଆପଣଙ୍କର ଖାତା ଖୋଲିପାରିବେ। ଏହା ବ୍ୟତୀତ, ଆପଣ ଘରେ ବସି ଅନଲାଇନ ଖାତା ମଧ୍ୟ ଖୋଲିପାରିବେ। ଏସବିଆଇର ଏହି ଏଫଡି ଯୋଜନା ନିବେଶକମାନଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ବିକଳ୍ପ। ଏହା ନିରାପଦ ଏବଂ ସ୍ଥିର ରିଟର୍ଣ୍ଣ ପ୍ରଦାନ କରେ। ଯଦି ଆପଣ ୫ ଲକ୍ଷ ଟଙ୍କା ବିନିଯୋଗ କରନ୍ତି, ତେବେ ଆପଣ ତିନି ବର୍ଷରେ ୬,୯୦,୨୦୯ ଟଙ୍କା ଫେରସ୍ତ ପାଇବେ। ଏହି ଯୋଜନାରେ ଆପଣଙ୍କ ଟଙ୍କା ସୁରକ୍ଷିତ ରହିଥାଏ ଏବଂ ଆପଣ ଭଲ ରିଟର୍ନ ମଧ୍ୟ ପାଇବେ।

# ଯାଜପୁରରେ ଗଚ୍ଛିତ ରହିବ ଅଶୋଧିତ ତେଲ

ଭୁବନେଶ୍ୱର, ୭।୧: ଯାଜପୁରରେ ଅଶୋଧିତ ତେଲକୁ ଏକ ବିଶାଳ ଭଣ୍ଡାର ଗଚ୍ଛିତ ରଖାଯିବ। ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭର୍ସ ଲିମିଟେଡ୍ ପକ୍ଷରୁ ୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଭଣ୍ଡାରକୁ ୮୭୪୩ କୋଟି ଟଙ୍କା ନିବେଶରେ ସ୍ଥାପନ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ମୋହନ

## ଢେଙ୍କାନାଳରେ ସୋଲାର୍ ମଡ୍ୟୁଲ୍, ପିଭି ସେଲ୍ ପ୍ଲାଣ୍ଟ

ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ) ବୈଠକରେ ଏହି ପ୍ରସ୍ତାବ ସମେତ ସମୁଦାୟ ୪୪,୭୯୩ କୋଟି ଟଙ୍କାର ପାଞ୍ଚଟି ବୃହତ୍ ନିବେଶ ପ୍ରସ୍ତାବରେ ମୋହର ଲାଗିଛି। ବୈଠକରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଯାଜପୁର, ଢେଙ୍କାନାଳ ଓ କଟକ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ପ୍ରକଳ୍ପଗୁଡ଼ିକ ହେବା ପରେ ରାଜ୍ୟରେ ୨୩,୦୦୫ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ବିଶୋଧନାଗାର ଓ




ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି ଉପକରଣ, ବାୟୋଟେକ୍ନୋଲୋଜି, ଇସ୍ପାତ ଓ ରସାୟନ କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ଟାଟା ଷ୍ଟିଲ୍ ପକ୍ଷରୁ ଯାଜପୁରରେ କୋଲ୍‌ଡ ରୋଲ୍‌ଡ ଓ କୋଟେଡ୍ ଇସ୍ପାତ ଉତ୍ପାଦ ଏବଂ ପ୍ଲେଟ୍ ମିଲ୍ ଉତ୍ପାଦ ଲାଗି ୨୬,୧୭୫ କୋଟି ଟଙ୍କା ନିବେଶ କରାଯିବ। ଆଇନକ୍ସ ସୋଲାର୍ ଲିମିଟେଡ୍ ପକ୍ଷରୁ ୪୦୦୦ କୋଟି ଟଙ୍କା ନିବେଶରେ ଢେଙ୍କାନାଳରେ ଏକ ସୋଲାର୍ ମଡ୍ୟୁଲ୍ ଓ ସୋଲାର୍ ପିଭି ସେଲ୍ କାରଖାନା ସ୍ଥାପନ କରାଯିବ। ଏସିଏମ୍‌ଇ କ୍ଲିନ୍‌ଟେକ୍ ସଲ୍ୟୁସନ୍ସ ପକ୍ଷରୁ କଟକରେ ୪୦୫୦ କୋଟି ଟଙ୍କା ନିବେଶରେ ଛତୁ ମୂଳରୁ ପ୍ରୋଟିନ୍ ଓ ଭିଟାମିନ୍‌ଯୁକ୍ତ ଉତ୍ପାଦ କାରଖାନା ସ୍ଥାପନ କରାଯିବ। ହିମାଦ୍ରୀ ଗ୍ରିନ୍ ଟେକ୍ନୋଲୋଜିସ୍ ଇନୋଭେସନ୍ ପକ୍ଷରୁ କଟକରେ ୧୮୨୫ କୋଟି ଟଙ୍କା ନିବେଶରେ ଏକ ଖଣିଜ ତୈଳ ଓ ଟାୟାର ରିସାଇକଲ୍ ଉତ୍ପାଦ କାରଖାନା କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ପୂର୍ବରୁ ଏହି ବୃହତ୍ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ରାଜ୍ୟର ବଢ଼ୁଥିବା ଶିଳ୍ପ କ୍ଷେତ୍ରକୁ ଦର୍ଶାଉଛି। ଏହି ନିବେଶଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ପୁଞ୍ଜିନିବେଶ ଲାଗି ଓଡ଼ିଶାକୁ ଏକ ଶ୍ରେଷ୍ଠ ସ୍ଥଳ କରି ରାଜ୍ୟର ପ୍ରଗତି ଓ ଲୋକଙ୍କ ସମୃଦ୍ଧିକୁ ନିଶ୍ଚିତ କରିବା ଉପରେ ଆମେ ଧ୍ୟାନ ଦେଉଛୁ ବୋଲି ସେ କହିଛନ୍ତି।

## ନିମାପଡାରେ ଜିଲ୍ଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



**ନିମାପଡ଼ା, ୭।୧ (ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ଠାରେ ଜିଲ୍ଲା ସ୍ତରୀୟ ମଣ୍ଡି ଉଦଘାଟିତ। ଏହି ଅବସରରେ ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ସହ ଚାଷୀ ଭାଇ ମାନଙ୍କୁ ଭଲ ବ୍ୟବହାର ଦେଖାଇବା ପାଇଁ ନିର୍ଦ୍ଦେଶ ଦେଲେ ଉପ ମୁଖ୍ୟମନ୍ତ୍ରୀ। ଆଜି ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ଠାରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ , ପୁରୀ ପିଡି ପ୍ରିୟରଞ୍ଜନ ପୃଷ୍ଟିଙ୍କ ଉପସ୍ଥିତିରେ ଉପ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟନ କରିବା ପରେ ଧାନର ମାନ ନିର୍ଦ୍ଧାରଣ ପାଇଁ ପ୍ରଥମ ଥର ବ୍ୟବହାର ହେବାକୁ ଥିବା ଏ ଆଇ ମେସିନ, ଧାନ ମାପ ମେସିନ ଓ ବ୍ୟବହୃତ ହେବାକୁ ଥିବା ଅନ୍ୟ ଯନ୍ତ୍ରାଂଶକୁ ବୁଲି ଦେଖିଥିଲେ। ପରେ ଚାଷୀ,ପ୍ୟାକ୍ସ ସଦସ୍ୟ,ଜିଲ୍ଲାର ସମସ୍ତ ସୋସାଇଟି ଅଧିକାରୀ, ନବ ନିଯୁକ୍ତ ମଣ୍ଡି ନୋଡାଲ ଅଫିସର, ସୁପରଭାଇଜରଙ୍କୁ ଉଦବୋଧନ ସହ ଚାଷୀଙ୍କୁ ଭଲ ବ୍ୟବହାର ଦେଖାଇବା, ମଣ୍ଡିରେ ଧାନ ଗଚ୍ଛିତ ରଖିବା ପାଇଁ ସୁବ୍ୟବସ୍ଥା ସହ ପିଇବା ପାଣି ଭଳି ବ୍ୟବସ୍ଥା ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଜିଲ୍ଲାରେ ୧୮୭ଟି ମଣ୍ଡିରେ ଜିଲ୍ଲାର ୧୧,୬୮,୭୦୩ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ରଖାଯାଇଛି।ସବୁ ମଣ୍ଡିରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଉଛି। ପ୍ରଭାତୀ ପରିଡ଼ାଙ୍କ ନିମାପଡ଼ା ଗସ୍ତ ଅବସରରେ ଚାରିଛକ ଠାରେ ୬୫ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହେବାକୁ ଥିବା କୁଣ୍ଡେଇ ମାଇନର କେନାଲ ରାସ୍ତାର ଶିଳାନ୍ୟାସ କରିବା ସହ ନିମାପଡ଼ା ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିଲେ।

# ଚାଷୀଙ୍କ କାମରେ ଆସୁନି ଚେକଡ୍ୟାମ

**ରାୟଗଡା,୭।୧ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ କୈଳାସପୁର ଗ୍ରାମ ପଞ୍ଚାୟତର କେଉଁଝରି ଗାଁ ପାଖରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ଚେକ୍ ଡ୍ୟାମ୍ ଚାଷୀଙ୍କ କୌଣସି କାମରେ ଆସୁନାହିଁ। ଫଳରେ ଚାଷୀମାନେ ନିଜ ଚାଷଜମିକୁ ପାଣି ନିଷ୍କାସନ ବ୍ୟବସ୍ଥା କରି ଅଧିକ ଖର୍ଚ୍ଚାନ୍ତ ହେଉଥିବା କିଛି ଚାଷୀ ପ୍ରକାଶ କରିଛନ୍ତି ।

ସୂଚନା ମୁତାବକ, ମୁକୁନ୍ଦପୁର ଅଞ୍ଚଳର ଚାଷୀ ମାନଙ୍କ ସୁବିଧା ଦୃଷ୍ଟିରୁ କୈଳାଶପୁର ଗ୍ରାମ ପଞ୍ଚାୟତର କେଉଁଝରି ଗାଁ ପାଖରେ ଜଗନ୍ନାଥପୁର କ୍ଷୁଦ୍ର ଜନସେଚନ ପ୍ରକଳ୍ପ ନାମରେ ଜଳ ସେଚନ ବିଭାଗ ତରଫରୁ ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା । ଶହ ଶହ ଏକର ଚାଷ ଜମିକୁ ପାଣି ସୁବିଧା ହୋବ ବୋଲି ଉକ୍ତ ଡ୍ୟାମ୍ ନିର୍ମାଣ ହେବା ପରେ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ତଳ ମୁଣ୍ଡରେ ଥିବା ଶହ ଶହ ଏକର ଚାଷ ଜମିକୁ ଜଳ ସେଚନର ସୁବିଧା ହେବା ନେଇ ଚାଷୀମାନେ ଆଶା ବାନ୍ଧି ଥିଲେ । କିନ୍ତୁ ସମୟ କ୍ରମେ ଚାଷୀମାନଙ୍କ ସମସ୍ତ ଆଶା ମଉଳି ଯାଇଥିବା ଦେଖୁବାକୁ ମିଳିଛି ।



ଉକ୍ତ ଡ୍ୟାମ୍‌ରେ ଫାଟ ସୃଷ୍ଟି ହୋଇ ପଙ୍କ ଜମା ହୋଇ ଚାଷ ଜମିକୁ ପାଣି ନିଷ୍କାସନ ହୋଇ ପାରୁ ନାହିଁ । ବହୁବାର ଦାବି ପରେ ୨୦୧୭-୧୮ ମସିହାରେ ଜଣେ ଠିକାଦାର ଡ୍ୟାମ୍‌ର ମରାମତି କରିଥିଲେ ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ବର୍ତ୍ତମାନ ଯେମିତି ଅବସ୍ଥାକୁ ସେମିତି ଅବସ୍ଥା ରହିଛି ।

ଉକ୍ତ ଡ୍ୟାମ୍ ଠାରୁ ଚାଷ ଜମିକୁ ସଂଯୋଗ ନିମନ୍ତେ ରହିଥିବା କେନାଲ ମଧ୍ୟ ବହୁ ସ୍ଥାନରେ ଭାଙ୍ଗି ଯାଇଛି। ଗୋଟେ ପଟେ ଚେକ୍ ଡ୍ୟାମ୍‌ରେ ଫାଟ ଯୋଗୁଁ ପାଣି ଲିକେଜ୍ ସମସ୍ୟା ଓ ଅନ୍ୟ ପଟେ କେନାଲର ଶୋଚନୀୟ ଅବସ୍ଥା ଯୋଗୁଁ ଚଳିତ ବର୍ଷ ଚାଷୀଙ୍କ ଜମିକୁ ପାଣି ଯାଇପାରି ନଥିଲା । ଖାସ୍ କରି ଉକ୍ତ ଚେକ୍ ଡ୍ୟାମ୍ କେଉଁଝରି ଗ୍ରାମରେ ହୋଇଥିବା ବେଳେ ସେହି ଗ୍ରାମର ଚାଷୀ ପାଣି ପାଇବାରୁ ବଞ୍ଚିତ ହୋଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଚାଷୀ ମାନଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ମରାମତି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳର ଚାଷୀ ମାନେ ଦାବି କରିଛନ୍ତି ।



## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ୭।୧ (ସଂଚାର ବ୍ୟୁରୋ) :** ସୋମବାର ସୁନ୍ଦରଗଡ଼ ସଦର ମହକୁମା ଠାରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୩୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ଟି ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ଟି ଆବେଦନ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୫୬ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



**ଜଗତସିଂହପୁର, ୭।୧ (ସଂଚାର ବ୍ୟୁରୋ) :** ତିର୍ତୋଲ ବ୍ଲକ ଅନ୍ତର୍ଗତ ବିଷନପୁର ପଂଚାୟତ କୋଲଟା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆଭାଶକ୍ତି କୋଲର ଉପବିଭାଗ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରୀତିଲତା ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥିଭାବେ ବିଷନପୁର ସରପଞ୍ଚ ରାଜଶ୍ରୀ ମହାପାତ୍ର, କନିମୁଳ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ପ୍ରଭାସ କୁମାର ସାହୁ, ବିଷନପୁର ସମିତିସଭ୍ୟା ଜୟନ୍ତୀ ମହାପାତ୍ର ପ୍ରମୁଖ ଉଦଘାଟନ କରିଥିଲେ।ଏହି ଶିବିରରେ କୋଲର ଉପବିଭାଗ ବିଦ୍ୟୁତ ଯନ୍ତ୍ରୀ ବିଜୟ କୃଷ୍ଣ ମହାରଥୀ, ତିର୍ତୋଲ ଉପ ବିଭାଗର ବିଦ୍ୟୁତ ଯନ୍ତ୍ରୀ ମନୋଜ କୁମାର ନାୟକ, ନିର୍ମଳ କୁମାର ସାମଲ, ବିଜୟ ବାରିକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବରରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଉପସ୍ଥିତ ରକ୍ତ ସଂଗ୍ରହ କରିଥିଲେ।ଶେଷରେ ମିଳନ ପ୍ରଭା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ



**କାକଟପୁର/ଅସ୍ତରଙ୍ଗ, ୭।୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ବିଜେପିର ମିଶ୍ରଣ ପର୍ବ। ଏହି ମିଶ୍ରଣ ପର୍ବରେ ପଦ୍ମ ଧରିଲେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଂଚାୟତର ବିଜେଡି ଓ କଂଗ୍ରେସ କର୍ମୀମାନେ। ମଙ୍ଗଳବାର ଦିନ ଅସ୍ତରଙ୍ଗରେ ଆୟୋଜିତ ସମ୍ବର୍ଦ୍ଧନା ସଭା ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୁବ ନେତା ତଥା ରାଜିନୀତି ଚାଣକ୍ୟ ଦିବାକର ଛାଟୋଇଙ୍କ ନେତୃତ୍ୱରେ ଅସ୍ତରଙ୍ଗ ବଜାରରୁ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଅସ୍ତରଙ୍ଗ ନୂତନ ମଣ୍ଡଳ ସଭାପତି ଭାବେ ମନୋନୀତ ଇନ୍ଦ୍ରମଣି ଜେନାଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ଦଳ ପରିତ୍ୟାଗ କରି ଶତାଧିକ ଲୋକ ବିଜେପି ରେ ମିଶିଥିଲେ। ଉପସ୍ଥିତ ଅତିଥି ଦଳୀୟ ଉତ୍ତରୀୟ ପକାଇ ଦଳରେ ସାମିଲ କରିଥିଲେ। ଏହା ସହ ଅଣଚମ୍ପା ଗ୍ରାମ ନିକଟରେ ଶ୍ରୀରାମ ମନ୍ଦିର ଭୋଗ ମଣ୍ଡପ ଓ କମ୍ୟୁନିଟି ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ଶୁଭ ଦିଆଯାଇଛି।

## ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା ଉଦ୍‌ଯାପିତ



**ସୁନ୍ଦରଗଡ଼, ୭।୧ (ସଂଚାର ବ୍ୟୁରୋ) :** ଉଦ୍‌ଯାପିତ ହୋଇଯାଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା-୨୦୨୫'। ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ର ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସ ଏବଂ ବିରେନ୍ଦ୍ର ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ବ୍ଲକ ସ୍ତରୀୟ ଯତରା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ସଦର ବ୍ଲକ୍, ସବଡେଗା ବ୍ଲକ ଏବଂ ଟାଙ୍ଗରପାଲି ବ୍ଲକର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପରେ ଲାଠିକଟା ବ୍ଲକର ଗୁରୁ ଗୋମକେ ସାଂସ୍କୃତିକ ସଂଘ ଦ୍ୱାରା ସାନ୍ତାଳୀ ନାଚ, ସୁନ୍ଦରଗଡ଼ର ଲକ୍ଷ୍ୟ ଏକାଡେମୀ ଦ୍ୱାରା ଓଡ଼ିଶୀ ନୃତ୍ୟ, ଫୋକଲାଲ,ସମ୍ବଲପୁର ଦ୍ୱାରା ସମ୍ବଲପୁରୀ ନୃତ୍ୟ, କଳାହାଣ୍ଡିର ମା ଜଗତ ଜନନୀ ଘୁମୁରା ଦଳ ଦ୍ୱାରା ଘୁମୁରା ନୃତ୍ୟ, ବ୍ରହ୍ମପୁରର ପ୍ରିନ୍ସ ନୃତ୍ୟ ଦଳ ଦ୍ୱାରା ଭାରତୀୟ ତ୍ରିରଙ୍ଗା ଏବଂ କ୍ରୀଷ୍ଣା ନୃତ୍ୟ, ମହାରାଷ୍ଟ୍ରରୁ ଆସିଥିବା ଆମ୍ରପାଲି ଦଳ ଦ୍ୱାରା ଲାବନି ଏବଂ ଗୋନ୍ଧହାଲ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା ଏବଂ ତାଙ୍କ ଗୀତ ନାଚର ମଜା ନେଇ ଥିଲେ ଦର୍ଶକ।

## ଆରମ୍ଭ ହେଲା ଖପ୍ରାଖୋଲ ଧନୁଯାତ୍ରା ମହୋତ୍ସବ



**ଖପ୍ରାଖୋଲ, ୭।୧ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଦର ମହକୁମାରେ ଚତୁର୍ଥ ବର୍ଷ ଖପ୍ରାଖୋଲ ମହୋତ୍ସବ ପୂଜା ପାଠ ସହ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଇଷ୍ଟ ଦେବୀ ମାଁ ଡୁମେରତଲେନ୍‌ଙ୍କ ପୂଜା ପାଠ ପରେ ଏକ ବିରାଟ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ମଞ୍ଚକୁ ଅଣାଯାଇଥିଲା । ଏହି ଅବସରରେ ଉଦଘାଟନୀ ଉତ୍ସବରେ ଡୁମେରତଲେନ ଯୁବକ ସଂଘ ସଭାପତି ବିନୟ କୁମାର ପଣ୍ଡା(ବୁଲୁ) ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପାଟଣାଗଡ ଉପ-ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମନ୍ ସିଂ ବରିହା, ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ପ୍ରମୁଖ ଯୋଗଦେଇ ଥିଲେ।

ଏହି ଅବସରରେ ପୂଜା ପାଠ କରି ନାଲି ଫିତା କାଟି ନଡ଼ିଆ ଭାଙ୍ଗି ମୁଖ୍ୟ ଅତିଥି ମହୋତ୍ସବର ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତି ର ଉନ୍ନତି ସହ ମନୋରଞ୍ଜନ ପାଇଁ ମହୋତ୍ସବ ଆରମ୍ଭ ହୋଇ ଥିବା ବେଳେ ପ୍ରତିଦିନ କଂସ ଦରବାର କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ବିଭିନ୍ନ ପ୍ରଜ୍ଞାପନ ମେଡ଼ ଓ ମୀନାବଜାର ଆଦି ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି କହିଛନ୍ତି ।

## ଜେଏସପି ପକ୍ଷରୁ ମେଗା ଚକ୍ଷୁ ପରୀକ୍ଷା ଶିବିର



**ଅନୁଗୁଳ, ୭।୧ (ସଂଚାର ବ୍ୟୁରୋ) :** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସହଭାଗିତାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ପକ୍ଷରୁ ଏକ ମେଗା ଚକ୍ଷୁ ପରୀକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେଏସପିର ଫେଜ୍-ଟୁ ଅଂଚଳରେ ଥିବା ଟ୍ରାନ୍ସପୋର୍ଟ ନଗରରେ ଏହି ଦୁଇ ଦୁନିଆ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଅନୁଗୁଳ ଜିଲ୍ଲାର ସଡ଼କ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ଉଦଘାଟନ କରିଥିଲେ । ଏଥିରେ ଜେଏସପିର ଲଜିଷ୍ଟିକ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଏହି ଶିବିରରେ ପ୍ରାୟ ୫୦୦ରୁ ଅଧିକ ଟ୍ରାଇଭରଙ୍କ ଆଖି ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁସାରେ ଚଷମା ପ୍ରଦାନ କରାଯାଇଥିଲା । ସେହିପରି ଜରୁରୀକାଳିନ ସମୟରେ ଜୀବନ ରକ୍ଷା ପାଇଁ ପ୍ରତିକ୍ରିୟାଶୀଳ ହେବା ସହ ସ୍ଥିତିର ମୁକାବିଲା ପାଇଁ ଡ୍ରାଇଭରମାନଙ୍କୁ ପ୍ରାଥମିକ ଚିକିତ୍ସାର ତାଲିମ ପ୍ରଦାନ କରାଯାଇଥିଲା । ଡ୍ରାଇଭରମାନଙ୍କ ଦୃଷ୍ଟିଶକ୍ତିରେ ସୁଧାର ଏବଂ ଜରୁରୀ ସ୍ଥିତିର ମୁକାବିଲା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଯାହାଫଳରେ ସଡ଼କ ସୁରକ୍ଷା ସପ୍ତାହର ଲକ୍ଷ୍ୟ ସାଧିତ ହୋଇପାରିବ। ଏହି ଶିବିରରେ ପ୍ରାୟ ୧୦୦୦ ଡ୍ରାଇଭର ଏବଂ ପରିବହନ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ଆର୍‌ଏମ୍‌ସି ଖୋଲିବା ପାଇଁ ଚାଷୀଙ୍କ ଦାବି

### ବିବାଦ ଯୋଗୁଁ ବନ୍ଦ ରହିଛି, ଚାଷୀ ହଇରାଣ




**ସୋନପୁର, ୭।୧ (ସଂଚାର ବ୍ୟୁରୋ):** ଅର୍ଜୁନପୁର-ବୁରଡ଼ା ରାସ୍ତା ନିକଟରେ ଥିବା ଆରଏମସି କାର୍ଯ୍ୟାଳୟ ବନ୍ଦ ଯୋଗୁଁ ବିଶିମୁଣ୍ଡା ଓ ମଲ୍ଲିକମୁଣ୍ଡାର ଚାଷୀ ମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶିମୁଣ୍ଡା ମଣ୍ଡି ଅଧୀନରେ ଥିବା ସମସ୍ତ ଚାଷୀ ବିଶିମୁଣ୍ଡା ଆରଏମସି ଖୋଲିବା ପାଇଁ ଦାବି କରିଛନ୍ତି।

ସୂଚନା ଯୋଗ୍ୟ ଚାଷୀଙ୍କ ସୁବିଧା ପାଇଁ ତତ୍କାଳୀନ ସରକାର ତରଫରୁ ବିଶିମୁଣ୍ଡା ଠାରେ ଆରଏମସି ଖୋଲା ହୋଇଥିଲା କିନ୍ତୁ ଉଦଘାଟନ ଦିନ ଆରଏମସି ନାମକୁ ନେଇ ବିଶିମୁଣ୍ଡା ଓ ବୁରୋମୁଣ୍ଡା ମଧ୍ୟରେ ବିବାଦ ହୋଇଥିଲା ସେହି ଦିନ ଠାରୁ ଆରଏମସି ବନ୍ଦ ଅଛି। ଏବର୍ଷ ଖୋଲିବା ପାଇଁ ଦାବି କରିଛନ୍ତି ଚାଷୀମାନେ।

ସୋନପୁର ସଦର ବ୍ଲକର ବିଶିମୁଣ୍ଡା ମଣ୍ଡିରେ ଏ ବର୍ଷ ଚାଷୀ ପାଇଁ ଖାଲି ସମସ୍ୟା ହିଁ ସମସ୍ୟା । ଖରିଫ ଚାଷ ଆରମ୍ଭରୁ ଅମଳ ଯାଏଁ ସରୁନି ସମସ୍ୟା। ପ୍ରଥମେ ବର୍ଷା ଆଉ ଏବେ ମଣ୍ଡି ଅବ୍ୟବସ୍ଥା। ସରକାର କହୁଛନ୍ତି ବିନା କଟନିଛଟନିରେ ଧାନ କିଣାଯିବ । କିନ୍ତୁ ମଣ୍ଡିରେ ଚାଲିଛି ମିଲରଙ୍କ ମନମାନୀ । କିଲେ, ଦୁଇ କିଲୋ ନୁହେଁ, କ୍ୱିଣ୍ଟାଲ ପିଛା ପାଞ୍ଚ କେଜି ଧାନ କଟନିଛଟନି ପାଇଁ ବାଧ୍ୟ କରୁଛନ୍ତି। ଏପଟେ ବିଶିମୁଣ୍ଡା ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ି ରହିଛି ଚାଷୀଙ୍କ କଷ୍ଟ ଅର୍ଜିତ ଉତ୍ପାଦ । ବିଶିମୁଣ୍ଡା ମଣ୍ଡି ଅବ୍ୟବସ୍ଥା ପାଇଁ ଦୁଇ ସପ୍ତାହ ହେଲା ମଣ୍ଡିରେ ପଡିରହିଛି ଅନେକ ଚାଷୀଙ୍କ ବସ୍ତା ଧାନ । ଏଫ୍‌ଏକ୍ୟୁ ମାନର ନୁହେଁ ବୋଲି କହି କିଣୁନାହାନ୍ତି ମିଲର । ତେଣୁ ଶୀତ କାକରରେ ଧାନକୁ ରଖି ଜଗି ରହିଛନ୍ତି ଚାଷୀ । ସବୁ ଧାନ ଉଠିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି ।

## ଫ୍ରେଣ୍ଡସ ଫାଉଣ୍ଡେସନ ଗଠିତ, ସାଜିବେ ଅସହାୟର ସାଥୀ

**ନୀଳଗିରି, ୭।୧ (ସଂଚାର ବ୍ୟୁରୋ):** ୨୫ ଜଣ ସଦସ୍ୟଙ୍କୁ ନେଇ ନୂତନ ବର୍ଷ ୨୦୨୫ରେ ଦେବଭୂମି ନୀଳଗିରିରେ ଜନ୍ମ ନେଲା ନୂତନ ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ସଂଗଠନ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ପୋଡାଶୁଳର ଅନେକ ଯୁବ ପ୍ରତିଭାଙ୍କୁ ନେଇ ଗଠିତ ଫ୍ରେଣ୍ଡସ ଫାଉଣ୍ଡେସନର ସଂଗଠନ ଗଢିବାର ମୁଖ୍ୟ ଉଦେଶ୍ୟ ରହିଛି ଜାତି, ବର୍ଣ୍ଣ, ଧର୍ମ ତଥା ରାଜନୀତି ରୁ ଉର୍ଦ୍ଧ୍ୱ ରହି ସମାଜରେ ଅବହେଳିତ, ନିଷ୍ପେସିତ, ଦୀନ, ଦୁଖୀ, ଦରିଦ୍ର୍ୟ ରେ ଜୀବନ ଅତିବାହିତ କରୁଥିବା ବ୍ୟକ୍ତି ବିଶେଷ ତଥା ପରିବାର ଙ୍କୁ ସାହାଯ୍ୟ ଓ ସହାୟତା ର ହାତ ବଢ଼ାଇବା। ଏହା ସହ ସଂଗଠନ ର ସମସ୍ତ ସଦସ୍ୟ ମାନଙ୍କର ସହଯୋଗରେ ଭାଇଚାରା ସଂପର୍କ ନେଇ ସମାଜରେ ଉନ୍ନତି ମୂଳକ କାର୍ଯ୍ୟ କରି ସମସ୍ତଙ୍କ ମୁହଁରେ ହସ ଫୁଟେଇବାକୁ ପ୍ରୟାସ ଆରମ୍ଭ କରିବାକୁ ଚେଷ୍ଟା କରିବା। ଏନେଇ ନୂତନ ବର୍ଷ ରେ ନୀଳଗିରି ଥାନା ବେତଶୂଳ ଠାରେ ସଂଗଠନ ପକ୍ଷରୁ ସମସ୍ତ ସଦସ୍ୟଙ୍କ ଉପସ୍ଥିତ ରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ଜଣ ସଦସ୍ୟ ଉପସ୍ଥିତ ଥିଲେ।

## ତିରିଙ୍ଗ ଲୌହ ଖଣି ସମ୍ପ୍ରସାରଣ ନିମନ୍ତେ ଜନଶୁଣାଣି

**ଯୋଡ଼ା, ୭।୧ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ (ଓଏମସି)ଲିମିଟେଡର ମେସର୍ସ ତିରିଙ୍ଗ ପାହାଡ ଲୌହ ପଥର ଖଣିରୁ ଖଣିଜ ଉତ୍ପାଦନ ବୃଦ୍ଧି ନିମନ୍ତେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୁନ୍ଦୁରପାଣି ଗ୍ରାମରେ ୭୯.୩୦ ହେକ୍ଟର ପରିମିତ ଅଂଚଳରେ ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୩୨୮ ଏମଟିପିଏରୁ ୦.୯୯୫ ଏମଟିପିଏକୁ ବୃଦ୍ଧି କରି ବର୍ତ୍ତମାନ ବିଦ୍ୟମାନ ୧ ଟି ୨୦୦ ଟିପିଏଚ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ ମୋବାଇଲ୍ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ସହିତ ଅତିରିକ୍ତ ପ୍ରସ୍ତାବିତ ୨୦୦ ଟିପିଏଚ ଏବଂ ୨୫୦ ଟିପିଏଚ କ୍ଷମତା ବିଶିଷ୍ଟ ୨ଟି ଇଣ୍ଟିଗ୍ରେଟେଡ ମୋବାଇଲ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନ ଶୁଣାଣୀ ଅନୁଷ୍ଠିତ ହୋଇ ଯାଇଛି।

ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ




### ଲୋକଙ୍କ ସର୍ତ୍ତମୂଳକ ସମର୍ଥନ

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ସଂରକ୍ଷିତ ଜଙ୍ଗଲ ମୌଜା ଦଲପାହାଡ଼ ବସ୍ତିରେ ମଙ୍ଗଳବାର ଏହି ଜନ ଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲପାଳ ଆଲୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ, ପ୍ରଶାନ୍ତ କର ଜନ ଶୁଣାଣୀକୁ ପରିଚାଳନା କରିଥିଲେ । ପ୍ରଥମେ ଓଡ଼ିଶା ଖଣି ନିଗମ ବଡବିଲ ଆଞ୍ଚଳିକ ପରିଚାଳକ ଅବନିକାନ୍ତ ପ୍ରଧାନ ପ୍ରକଳ୍ପ ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ପ୍ରକଳ୍ପ ହେବା ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । ପ୍ରକଳ୍ପକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ଫଳ ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରିଥିଲେ ଗ୍ରାମବାସୀ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ ଓଏମସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କୁନ୍ଦୁରୁପାଣି, ଖଣ୍ଡବନ୍ଧ, କୋଲ୍‌ହୋ ରୋଇଡା, ଭୂୟାଁ ରୋଇଡା,ଦଲପାହାଡ ସମେତ ଅନ୍ୟ ଗ୍ରାମର ପ୍ରାୟ ୨ ହଜାରରୁ ଅଧିକ ପ୍ରଭାବିତ ଗ୍ରାମବାସୀ ଜନଶୁଣାଣିରେ ସାମିଲ ହୋଇଥିଲେ।

### ଚାକିରି ନାଁରେ ଠକେଇ ମାମଲା

## ୨ଟି ମାମଲାରେ ପ୍ରଦୀପ ଓ ପାଠକ ବାପ-ପୁଅ ନିର୍ଦ୍ଦୋଷରେ ଖଲାସ



**ବ୍ରହ୍ମପୁର, ୭।୧ (ସଂଚାର ବ୍ୟୁରୋ) :** ଟାଟା କମ୍ପାନୀରେ ଚାକିରି ନାଁରେ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳବାର ପୂର୍ବତନ ବିଧାୟକ ତଥା ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ ବାପ-ପୁଅଙ୍କ ୫ ଟି ମାମଲାରେ ବୟାନ ରେକର୍ଡ ହୋଇଥିଲା । ୨୨୨୫/୨୦ ଗୋଲନ୍ଥରା ଥାନାରେ ଲକ୍ଷ୍ମୀଧର ନାୟକ ଏବଂ ୫୧୧/୨୧ ବୈଦ୍ୟନାଥପୁର ଥାନାରେ ପୋଲିସ କର୍ମଚାରୀ କାର୍ତ୍ତିକ ପ୍ରଧାନ ଦୁଇ ଜଣ ଅଭିଯୋଗ କରିଥିଲେ । ତେବେ ମଙ୍ଗଳବାର ଦୁଇଟି ମାମଲାରେ ରାୟ ପ୍ରକାଶ ହୋଇଛି ଏବଂ ତିନି ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଜେଏମଏଫସି ଗ୍ରାମାଞ୍ଚଳ ସ୍ୱତନ୍ତ୍ର ବିଧାୟକ, ସାଂସଦ କୋର୍ଟ ଏହି ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ପରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଅଭୟ ପାଠକ ନିଜର ପ୍ରତିକ୍ରିୟା ରଖିଥିଲେ। ସେମାନେ କହିଛନ୍ତି, ଆମକୁ ଅଶ୍ୱସ୍ତି ମିଳିଛି ଓ ନ୍ୟାୟର ବିଜୟ ହୋଇଛି। ପୂର୍ବ ସରକାର ଅମଳରେ ମିଥ୍ୟା ମାମଲା ଲଗାଇ ଆମ ନାମରେ ଆରୋପ ଅଣାଯାଇଥିଲା। ପୂର୍ବ ସରକାର ରାଜନୈତିକ ଅଭିସନ୍ଧି ରଖି ବଦନାମ କରିବା ପାଇଁ ପ୍ରୟାସ କରିଥିଲେ ବୋଲି ସାଂସଦ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି । ମଙ୍ଗଳବାର ଦୁଇଟି ମାମଲାର ରାୟ ପ୍ରକାଶ ପାଇଥିବା ବେଳେ ଅନ୍ୟ ତିନୋଟି ମାମଲାର ରାୟ ପ୍ରକାଶ ପାଇବ ବୋଲି ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି ।

## ଟ୍ରକ୍ ଧକ୍କାରେ ବାପ-ପୁଅ ମୃତ, ମା' ଗୁରୁତର

**ବ୍ରହ୍ମପୁର, ୭।୧ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ଅରୁଣପୁର ଛକ ନିକଟରେ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ୭ ବର୍ଷର ପୁଅ ଓ ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ମା ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ତିଛିଣୀ ଗ୍ରାମର ମୋହନ ରାୟଗୁରୁ ଓ ପୁଅ ତ୍ରୟମ୍ବକମ୍ ରାୟଗୁରୁ । ସ୍ତ୍ରୀ ଗାୟତ୍ରୀ ରାୟଗୁରୁଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏକ ବାଇକ୍‌ରେ ମୋହନ ନିଜ ଗ୍ରାମରୁ ଶ୍ୱଶୁରଘର ଯୁଡିଏସ୍‌ପୁର ଗ୍ରାମରୁ ଆସୁଥିବା ବେଳେ ଅରୁଣପୁର ଛକ ନିକଟରେ ରମ୍ଭାରୁ କୃଷ୍ଣପ୍ରସାଦ ଯାଉଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଅରୁଣପୁର ଛକ ନିକଟରେ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ମେଡିକାଲ ଅଣାଯାଇଥିଲା। ସେଠାରେ ତ୍ରୟମ୍ବକମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା-ମା'ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲ ପଠାଯାଇଥିଲା । ବ୍ରହ୍ମପୁରରେ ବାପା ମୋହନଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ରମ୍ଭା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## କେବେ ଖୋଲିବ ବିଜୁ ପାଠାଗାର ?



**ହିଂଜିଳିକାଟୁ, ୭।୧ (ସଂଚାର ବ୍ୟୁରୋ) :** ବିଭିନ୍ନ ଓ ବହୁ ପୁସ୍ତକର ସମାହାରରେ ଗଚ୍ଛିତ ପୁସ୍ତକର ପୃଷ୍ଠଭୂମିକୁ ପାଠାଗାର କୁହାଯାଇପାରେ। ଯେଉଁଠି ଛାତ୍ରଛାତ୍ରୀ,ପାଠକ ପାଠିକାମାନେ ମନମୁତାବକ ଓ ନିଜ ମନ ପସନ୍ଦର ପୁସ୍ତକ ପଢ଼ିବାର ସୁଯୋଗ ପାଇଥା'ନ୍ତି। ଶିକ୍ଷା ପ୍ରାପ୍ତିର ମୂଳ ଉପାଦାନ ହେଲା ପୁସ୍ତକ ପଠନ । ଏହାକୁ ହୃଦବୋଧ କରି ହିଂଜିଳିକାଟୁ ଅଞ୍ଚଳର ବରାହି ପାହାଡ଼ ଉପରେ ନିର୍ମାଣ କରାଗଲା ପାଠାଗାର। ୨୦୦୩ ମସିହା ଜାନୁଆରୀ ୨୭ରେ ୫ ଲକ୍ଷ ଟଙ୍କାରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ଉଦଘାଟନ କରିଥିଲେ। ଯାହାର ନାମକରଣ ରଖିଥିଲେ ବିଜୁ ପଟ୍ଟନାୟକ ପାଠାଗାର। କୋଠା ନିର୍ମାଣ ହୋଇ ଛିଡ଼ା ହେଲା କିନ୍ତୁ ଲୋକଙ୍କ କାମରେ ନ ଲାଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଲା। କଲେଜ ପଢୁଥିବା ଚାକିରୀ ଆଶାୟୀମାନେ ନିଯୁକ୍ତି ବିଜ୍ଞାପନ ନିମନ୍ତେ ପାଠାଗାର ବନ୍ଦ ରହୁଥିବାରୁ ୨୨ କି.ମି ଦୂରରେ ବ୍ରହ୍ମପୁର ପାଠାଗାର ଉପରେ ନିର୍ଭର କରିବାକୁ ପଡୁଛି । ଏହି ପାଠାଗାର ପ୍ରତି ସରକାରଙ୍କର ସଂସ୍କୃତି ବିଭାଗର ଅବହେଳା କାହିଁକି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ବୁଦ୍ଧିଜୀବୀମାନଙ୍କ ଆଶା ଓ ଭରସାର ଏହି ଅନୁଷ୍ଠାନ ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ନା ପ୍ରଶାସନିକ ଅବହେଳା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଛିଡ଼ା ହୋଇଛି । ତେବେ ଏହି ପାଠାଗାରର ଭାଗ୍ୟ କେବେ ସୁଧୁରୁଛି ତାହା ଦେଖିବାକୁ ବାକି ରହିଲା ।

## ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ୭।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଡୁଙ୍ଗୁରିପାଲି କ୍ଲଷ୍ଟର ସ୍ଥିତ ବ୍ଲକ ସମ୍ବଳ କେନ୍ଦ୍ର ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷକ ଓ ଅଭିଭାବକ ଙ୍କ ଏକଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଗୋଷ୍ଠୀ ସମ୍ବଳଶିକ୍ଷକ ମନୋଜ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ କୁ ବ୍ଲକ ସହଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଆରଟି ସୀତାରାମ ପଧାନ, ସହଲା ସିଆରସିସି ରଞ୍ଜନକୁମାର ଦାଶ, ପୂର୍ବତନ ସିଆରସିସି ଶଶିଭୂଷଣ ପୁରୋହିତ, ଆଇଇଡି ଲୋଚନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉନ୍ନତି ପାଇଁ ପିତାମାତା ଓ ଅଭିଭାବକଙ୍କ ଭୂମିକା, ବିଭିନ୍ନ ସରକାରୀ ଯୋଜନା ର ଉପଲବ୍ଧତା, ପ୍ରଶସ୍ତ ମୋବାଇଲ ଆପର ବ୍ୟବହାର, ଅନ୍ତର୍ଭୁକ୍ତିକରଣ ଶିକ୍ଷା ବିଷୟରେ ଦିଗଦର୍ଶନ ଦେଇଥିଲେ